READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୨୯ ୩୧ ଜୁଲାଇ - ୬ ଅଗଷ୍ଟ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-29 31st JULY - 6th AUGUST, 2023 BHUBANESWAR ₹ 5/- (8 Pages)

## ତୁଟିଲାନି ମହାପ୍ରଭୁଙ୍କ ବନକଲାଗି ବିବାଦ

# ବୈଠକ ବିଫଳ

**ପୁରୀ :** ମହାପ୍ରଭୁଙ୍କ ବନକଲାଗି ନୀତିକୁ ନେଇ ଉପୁଜିଥିବା ବିବାଦ ତୁଟିଲାନି। ଶୁକ୍ରବାର ନୀତି ସବ୍ କମିଟିର ଜରୁରୀ ବୈଠକ ଡକାଯାଇଥିଲା। ଆଶା ଥିଲା କିଛି ନିଷ୍କର୍ଷ ବାହାରିବ। ହେଲେ ସମାଧାନର ସୂତ୍ର ବାହାରି ପାରିନାହିଁ। ଆସନ୍ତା ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପରିଚାଳନା କମିଟି ବୈଠକକୁ ଏବେ ଅପେକ୍ଷା ରହିଛି। ପରିଚାଳନା କମିଟିରେ ନୀତି ସବ୍ କମିଟି ବୈଠକରେ ଆସିଥିବା ମତଗୁଡ଼ିକ ଉପସ୍ଥାପନ କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ। ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ନୀତିକୁ ନେଇ କିଛିଦିନ ହେବ ଟଣାଓଟରା ଚାଲିଛି। ବୁଧବାର ବନକଲାଗି କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ କହୁଥିବାବେଳେ ଗୁରୁବାର ଏହା କରିବାକୁ ଅଡିବସିଥିଲେ ଦତ୍ତ ମହାପାତ୍ର ସେବକ। ତେଣୁ ଏହାର ସମାଧାନ ପାଇଁ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ବସିଥିବା ବେଳେ ଏଥିରେ ଅନେକ ପ୍ରସ୍ତାବ ଆସିଥିଲା। ଶ୍ରୀମନ୍ଦିର ସତ୍ତ୍ୱଲିପି, ବିଭିନ୍ନ ଶାସ୍ତ୍ରୀୟ ମତ ତଥା ପୂର୍ବ ପରିଚାଳନା କମିଟି ବୈଠକ ନିଷ୍ପତ୍ତି ଆଦିକୁ ନଜରରେ ରଖି ପ୍ରଭୁଙ୍କ ନୀତି ସୁପରିଚାଳନା ପାଇଁ ସେବାୟତମାନେ ମତ ରଖିଥିଲେ। ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କେବେ କରାଯିବ, କିଏ କରିବେ, କିଭଳି କରିବେ ଏବଂ ନ କଲେ କି ପ୍ରକାର ପଦକ୍ଷେପ ନିଆଯିବ ତା' ଉପରେ ପ୍ରସ୍ତାବ ଆସିଥିଲା। ସେହିପରି ଏହାର ସମାଧାନ ପରେ ଯେପରି ଏଭଳି ବିବାଦର ପୁନରାବୃତ୍ତି ନ ହେବ ତା' ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ କିଛି ସଦସ୍ୟ କହିଥିଲେ। ପୂର୍ବରୁ ବୁଧବାର କରାଯାଉଥିଲା ବେଳେ କାହିଁକି ଏଭଳି ବିବାଦ ଉପୁଜିଲା ତାହା ଉପରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି। ନୀଳାଦ୍ରୀ ବିଜେ ହେବାର ପାଖାପାଖି ମାସେ ବିତିଗଲାଣି। ହେଲେ ଇତିମଧ୍ୟରେ ➤ ପୃ-୬



## ଫେବୃଆରୀ ୨୦ରୁ ମାଟ୍ରିକ ପରୀକ୍ଷା



**କଟକ :** ଆସନ୍ତା ବର୍ଷ ଫେବୃଆରୀ ୨୦ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଫେବୃଆରୀ ୨୦ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ହେବ ମାଟ୍ରିକ ପରୀକ୍ଷା। ମାଟ୍ରିକ ସହ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ବି ହେବ। ଏଥର ପୁଣି ପୁରୁଣା ଢାଞ୍ଚାରେ ହେବ ପରୀକ୍ଷା। ଶତ ପ୍ରତିଶତ ସିଲାବସ୍‌କୁ ନେଇ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ ଓ ପିଲାମାନେ ଶହେ ମାର୍କର ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପ୍ରାୟ ୬ ମାସ ପୂର୍ବରୁ ପରୀକ୍ଷା ତାରିଖ ସମ୍ପର୍କରେ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଥିବାରୁ ପିଲାମାନେ ଏଥିନିମନ୍ତେ ବେଶ୍ ଉତ୍ସାହିତ ଅଛନ୍ତି। କରୋନା ମହାମାରୀ ବେଳେ ପାଠପଢ଼ା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ସେତେବେଳେ ପିଲାଙ୍କ ନିମନ୍ତେ ସମେଟିଭ ବ୍ୟବସ୍ଥା ହୋଇଥିଲା। ମାତ୍ର ଏବେ ସବୁକିଛି ଟ୍ରାକ୍‌କୁ ଫେରି ଆସିଥିବାରୁ ପୁଣି ଥରେ ➤ ପୃ-୬

## ନବ ଦାସ ହତ୍ୟା ମାମଲା

# 'ମନୋଜ ଡରାଇଲା, ସେଥିପାଇଁ ମାରିଦେଲି'

**ଭୁବନେଶ୍ୱର :** ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ସମସ୍ତଙ୍କ ସମ୍ମୁଖରେ ଗୁଳି ମାରି ହତ୍ୟା କରିବା ଅଭିଯୋଗରେ ଜେଲରେ ଥିବା ପୁଲିସ୍ ଏଏସ୍ଆଇ ଗୋପାଳ ଦାସଙ୍କ ସ୍ୱୀକାରୋକ୍ତି ଏବେ ପଦାକୁ ଆସିଛି। ଗାନ୍ଧିନଗର ଫରେନସିକ୍ ସାଇନ୍ସ ନିର୍ଦ୍ଦେଶାଳୟରେ ହୋଇଥିବା ପଲିଗ୍ରାଫ୍ ଟେଷ୍ଟର ରିପୋର୍ଟରେ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ହେଉଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ମନୋଜ ବରିହା ନବ ଦାସଙ୍କ ନାଁରେ ଗୋପାଳଙ୍କୁ ଧମକାଇଥିଲେ। ତେବେ ନବଙ୍କ ହତ୍ୟା ପଛରେ ବହୁ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ନେଇ ଆଲୋଚନା ଜୋର ଧରିଥିଲା। ହେଲେ ସେ ଦିଗକୁ ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଖୋଳତାଡ଼ କରିନଥିବାବେଳେ ଗୋପାଳଙ୍କ ଜମାନବନ୍ଦୀ ଭାବେ ଅନେକ କିଛି ନୂଆ ତଥ୍ୟ ସାମ୍ନାକୁ ଆସିଛି ଯାହା ସିଧାସଳଖ ମୃତ ନବ ଦାସଙ୍କ ବାହୁବଳୀ ଚରିତ୍ରକୁ ଇଙ୍ଗିତ କରିବା ସହ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ରକ୍ଷା ପାଇଁ ଗୋପାଳ ଏପରି କଠୋର ନିଷ୍ପତ୍ତି (ହତ୍ୟା) ନେଇଥିବା ତା'ର ଜମାନବନ୍ଦୀରୁ ଜଣାପଡୁଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ରମେଶ ଚନ୍ଦ୍ର ଦୋରାଙ୍କ ନିକଟରେ ଗତ ଫେବୃୟାରୀ ୧ ତାରିଖରେ ଅଭିଯୁକ୍ତ ଗୋପାଳ ତା'ର ଜମାନବନ୍ଦୀରେ କହିଛି ଯେ, ନବ ଦାସ ବହୁତ ଅନ୍ୟାୟ କରୁଥିଲେ। ସବୁ ସରକାରୀ କର୍ମଚାରୀ ଓ ପୁଲିସ ବାଲାଙ୍କୁ ଧମକଚମକ ଦେଇ ସବୁକାମ କରୁଥିଲେ ଓ ଗୁଣ୍ଡାଗିରି କରୁଥିବା ପିଲାଙ୍କୁ ସେ ସହଯୋଗ କରି ସେମାନଙ୍କୁ ଥାନାରୁ ଛାଡ଼ିବା ପାଇଁ ପୁଲିସ ଉପରେ ଚାପ ପକାଉଥିଲା। ସେ ବିଜେଡି ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ମଧ୍ୟ ନଷ୍ଟ କରୁଥିଲା। ଗୁଣ୍ଡା ଲଗେଇ ଏଠାରେ ସମସ୍ତଙ୍କୁ ଧମକାଇ ସବୁ କାମ ନିଜେ କରୁଥିଲେ। ଏଭଳିକି ବାଲି ବେପାର, ଆସ୍ ପରିବହନ ଓ ଅନ୍ୟାନ୍ୟ ଟ୍ରାନ୍ସପୋର୍ଟରେ ତାଙ୍କର ଗାଡ଼ି ଲାଗୁଥିଲା ଓ ଧମକଚମକ ଦେଇ ଆଉ କାହାର ଗାଡ଼ି ଚଲେଇ ଦେଉନଥିଲା। ତେଣୁ ସେଭଳିଆ ଲୋକ ଯଦି



ବଞ୍ଚି ରୁହେ ତେବେ ସମାଜରେ ଅରାଜକତା ବଢ଼ିଯିବ। ୨୦୦୯ ମସିହାରୁ ଝାରସୁଗୁଡ଼ା ଜିଲ୍ଲାରେ ଏଏସ୍ଆଇ ଭାବେ କାର୍ଯ୍ୟରତ ଥିଲି। ବଡ଼ମାଳ ଥାନାରେ ପୋଷ୍ଟିଂ ହୋଇଥିବାବେଳେ ୨୦୧୪ ନିର୍ବାଚନ ଆଗରୁ ଏମଭି ଚେକିଂ କରୁଥିବା ସମୟରେ ନବ ଦାସଙ୍କ ଆଗରେ ଯାଉଥିବା ଗାଡ଼ିକୁ ଅଟକାଇ ଚେକିଂ କରିଥିଲି। ସେତେବେଳେ ସେହି ଗାଡ଼ିରେ କାର୍ଟୁନ ଭିତରେ ଟଙ୍କା ଦେଖିବାକୁ ପାଇଥିଲି। ସେଇଟା କାହା ଟଙ୍କା, କୁଆଡ଼େ ନେଉଛ ବୋଲି ପଚାରିବାରୁ ନବ ଦାସ ଅନ୍ୟ ଗାଡ଼ିରୁ ଓହ୍ଲାଇ ଆସି ନାଲି ଆଖି ଦେଖାଇ ବିରକ୍ତି ପ୍ରକାଶ କରିଥିଲେ। ତା'ପରେ ନବ ଦାସଙ୍କ ପିଲାମାନେ ଏବାବଦରେ ତୁମେ ପଡ଼ ନାହିଁ ବୋଲି କହିବାରୁ ଡରି ଯାଇ ତାଙ୍କ ଗାଡ଼ିକୁ ଛାଡ଼ି ଦେଇଥିଲି। ନବ ଦାସଙ୍କ ପିଲାମାନେ ବହୁ ବେଆଇନ କାମ କରୁଥିଲେ। ଲୋକଙ୍କ ପ୍ରତି ଅନ୍ୟାୟ କରୁଥିଲେ। ପୁଲିସ ବିଭାଗରେ ଥିବାରୁ ଏସବୁ କାରନାମାକୁ ସହି ପାରୁନଥିଲି, ତେଣୁ ତାଙ୍କର କିଛି ପିଲାଙ୍କୁ ବାଡ଼ାବାଡ଼ି କରିଥିଲି। ସେଥିପାଇଁ ନବ ଦାସ ମୋ ଉପରେ ରାଗି ଯାଇଥିଲେ। ତାଙ୍କର ପିଲାମାନେ ମୋତେ ଦେଖିନେବେ ବୋଲି ଧମକ ଦେଇଥିଲେ। କିଛିଦିନ ତଳେ ମୋର ବଡ଼ଭାଇ, ମୁଁ ଓ ମନୋଜ ବରିହା ମିଶି ଭୋଜିଭାତ କରୁଥିଲୁ। ସେଠାରେ ମନୋଜ ବରିହା କହିଥିଲା ଦାଦା (ନବ ଦାସ) ତୁମ ଉପରେ ରାଗିଛନ୍ତି। ତୁମେ ଟିକେ ଦେଖିକି ଚଳିବ। ତୁମ ଜୀବନ ପ୍ରତି ବିପଦ ଅଛି। ସେହି କଥାଶୁଣି ମୋ ପ୍ୟାଣ୍ଟରେ ଝାଡ଼ା ପରିସ୍ରା ପଡ଼ିଗଲା। ତେଣୁ ଧୀରେ ଧୀରେ ଜୀବନକୁ ଭୟ ଆସିଲା। ➤ ପୃ-୬

## ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର



**ଗଣିଆ :** ନୟାଗଡ଼ ଜିଲ୍ଲା ଗଣିଆ ତହସିଲ ଅଧୀନ ମହାନଦୀ ବାଲିଘାଟରୁ ବାଲି ଚାଲାଣ ହେଉଥିବା ଏକ ହାଇୱା ଗାଡ଼ିକୁ ଛାଡିବା ପାଇଁ ଲାଞ୍ଚ ନେଉଥିବା ବେଳେ ନୟାଗଡ଼ ଭିଜିଲାନ୍ସ ଟିମ୍ ମାଡି ବସିଲା ଅତିରିକ୍ତ ତହସିଲଦାର ବନମାଳୀ ପରିଡ଼ାଙ୍କୁ। ସୂଚନାରୁ ପ୍ରକାଶ ବାଲି ବୋଝେଇ ହାଇୱା ଗାଡ଼ିକୁ ସବୁଦିନ ଛାଡିବା ପାଇଁ ଅତିରିକ୍ତ ତହସିଲଦାର ଶ୍ରୀ ପରିଡ଼ା ହାଇୱା ମାଲିକ ଦଶପଲ୍ଲା ବ୍ଲକ ଦୁଆର ଗାଁର ଅଜିତ୍ ପ୍ରଧାନଙ୍କ ସହିତ ୧୩ ହଜାର ଟଙ୍କା ଡିଲ କରିଥିଲେ। କଥା ମୁତାବକ ଗତ ୨୪ ତାରିଖ ଦିନ ୧୦ ହଜାର ଟଙ୍କା ଶ୍ରୀ ପରିଡ଼ା ନେଇଥିବା ବେଳେ ଗତ ଶୁକ୍ରବାର ଅବଶିଷ୍ଟ ୩ ହଜାର ଟଙ୍କା ନେବାକୁ କଥା ହୋଇଥିଲା। ➤ ପୃ-୬

## ବକ୍ରବାଣୀ



ମଣିପୁରେ କାନ୍ଦେ ଅବଳା ନାରୀ
ରାସ୍ତାରେ ଚଲାନ୍ତି ଲଙ୍ଗଳା କରି
ସର୍କାର ବୁଜି ଦେଇଚିରେ ଆଖି
ମଣିଷପଣିଆ ଗଲାଣି ମରି
ଘୃଣାର ନିଆଁରେ ଜଳୁଚି ଦେଶ
ରାଜଧର୍ମ ଭୁଲି ଫେକୁଆ ଗାଏ
ରାମରାଇଜର ସ୍ୱପ୍ନ ଦେଖାଏ
ବିଶ୍ୱଗୁରୁ ଦିନେ ହେବରେ ସିଏ
କିଏ ଲୁଗା କିଣେ ଦି'ଲକ୍ଷ ଦେଇ
କିଏ ପୁଣି କାନ୍ଦେ ଲଙ୍ଗଳା ହେଇ।

—— ଟୁଟୁ

## ବିଡିଏରେ ବାଜିବ '୫-ଟି' ଛାଟ

# ଦଲାଲଙ୍କ ମାଧ୍ୟମରେ ପକେଟ ଗରମ

**ଭୁବନେଶ୍ୱର:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ରେ ଚାଲିଛି ଦଲାଲ ରାଜ୍। ଟଙ୍କା ନ ଦେଲେ ଏହି କାର୍ଯ୍ୟାଳୟରେ ଲୋକଙ୍କ ଫାଇଲ୍ ଘୁଞ୍ଚିବାର ନାଁ ଧରୁନି। '୫-ଟି' ଛାଟକୁ ଭୃକ୍ଷେପ ନ କରି କିଛି ନିର୍ଦ୍ଦିଷ୍ଟ ଅଧିକାରୀ ଫାଇଲ୍ ପିଛା ଦର ଧାର୍ଯ୍ୟ କରି ନିଜ ପକେଟ୍ ଗରମ କରୁଛନ୍ତି। ଅଧିକାରୀଙ୍କ ପକେଟ୍‌କୁ ମାଲ ନ ଗଲେ ଫାଇଲରେ ଗାର ପଡୁ ନଥିବାରୁ ବାଧ ହୋଇ ଲୋକେ ଏହି ଅସାଧୁ ଅଧିକାରୀଙ୍କ ଆର୍ଥିକ କୋପର ଶିକାର ହେଉଛନ୍ତି। ଏଭଳି ଅର୍ଥ ରୋଜଗାର ଯୋଗୁଁ ପଦୋନ୍ନତି ପରେ ମଧ୍ୟ କିଛି ଅଧିକାରୀ ବିଡିଏ ଛାଡ଼ି ଯିବାକୁ ମନ ବଳାଉ ନଥିବା ଚର୍ଚ୍ଚା ହେଉଛି। ଅଭିଯୋଗ ଅନୁଯାୟୀ ବିଡିଏର ଆଲର୍ଟମେଣ୍ଟ ସେକ୍ସନର ଥିବା ଅଧିକାରୀମାନେ ବେଶ ହାତ ଚିକ୍କଣ କରୁଛନ୍ତି। କାର୍ଯ୍ୟାଳୟରେ କିଛି ତଳିଆ କର୍ମଚାରୀଙ୍କୁ ନିଜର



ଏଜେଣ୍ଟ ଭାବରେ ବ୍ୟବହାର କରି ଲୋକଙ୍କଠାରୁ ମନ ଇଚ୍ଛା ଅର୍ଥ ନେଉଛନ୍ତି। ଘର କିମ୍ବା ପ୍ଲଟ୍ ଆଲର୍ଟମେଣ୍ଟ ପାଇଁ ଅତି କମ୍‌ରେ ୫୦ ହଜାର ଟଙ୍କା ନିଆଯାଉଥିବା ନେଇ ଅଭିଯୋଗ ହୋଇଥିବା ବେଳେ ମାଲିକାନା ପରିବର୍ତ୍ତନ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାବି କରାଯାଉଛି। ବିଡିଏଠାରୁ ଯେଉଁମାନେ ଆବଣ୍ଟନ ସ୍କିମ୍‌ରେ ପ୍ଲଟ୍ କିଣିଥିଲେ ଆବଶ୍ୟକ ସ୍ଥଳେ ସେମାନେ ଏହାକୁ ବିକ୍ରି କରିବାକୁ ଚାହିଁଲେ ବିଡିଏଠାରୁ ଅନୁମତି ନେବାର ନିୟମ ରହିଛି। ଏଥିପାଇଁ ଅର୍ଥ ନ ଦେଲେ ଫାଇଲ୍ ହଲୁ ନ ଥିବା କିଛି ହିତାଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ ଅଭିଯୋଗ କରିଛନ୍ତି। ବଡ଼ କଥା ହେଉଛି ଯେ ବିଡିଏ କାର୍ଯ୍ୟାଳୟକୁ ଦୁର୍ନୀତି ମୁକ୍ତ ରଖିବାର ଉତ୍ତର ଦାୟିତ୍ୱ ମୁଣ୍ଡାଇଥିବା ବିଡିଏ ସଚିବ ଏହି ଘଟଣା ସମ୍ପର୍କରେ ଅବଗତ ଅଛନ୍ତି ନା ଏହି କାର୍ଯ୍ୟ ପାଇଁ ତାଙ୍କର ମଧ୍ୟ ପରୋକ୍ଷ ସମର୍ଥନ ରହିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ବିଡିଏରେ ଚାଲିଥିବା ଏଭଳି ଘଟଣା ସମ୍ପର୍କରେ କିଛି ଲୋକ ମୋ ସରକାର ସେଲ୍‌ରେ ଅଭିଯୋଗ କରିଥିବା ନେଇ ମଧ୍ୟ ସୂଚନା ମିଳିଛି। ଯାହା ପରେ ଏହି ବିଭାଗ ମୁଖ୍ୟତଃ ଆଲର୍ଟମେଣ୍ଟ ସେକ୍ସନ ଉପରେ କଡ଼ା ନଜର ରଖାଯାଇଥିବା ନେଇ ସୂଚନା ମିଳିଛି। ଯେ କୌଣସି ସମୟରେ ଏହି କାର୍ଯ୍ୟାଳୟରେ ➤ ପୃ-୬

# ରାଜ୍ୟର ସବୁ ଜିଲ୍ଲାରେ ଜରାଶ୍ରମ ବାଧ୍ୟତାମୂଳକ

**ଭୁବନେଶ୍ୱର :** ରାଜ୍ୟର ମୋଟ ଜନସଂଖ୍ୟାର ୧୩ ପ୍ରତିଶତ ବୃଦ୍ଧବୃଦ୍ଧା (ବରିଷ୍ଠ ନାଗରିକ) ହୋଇଥିଲେ ମଧ୍ୟ ଆବଶ୍ୟକ ସଂଖ୍ୟକ ଜରାଶ୍ରମ (ଦୁସ୍ଥ ବରିଷ୍ଠ ନାଗରିକଙ୍କ ପାଇଁ ଆଶ୍ରୟସ୍ଥଳୀ) ନାହିଁ। ସରକାରୀ ଅନୁଦାନରେ ରାଜ୍ୟରେ ୭୫ଜଣ ବୃଦ୍ଧବୃଦ୍ଧା ରହିବାର ସୁବିଧା (୩ଟି ଜରାଶ୍ରମ) ଏବେ ମାତ୍ର ୩ଟି ଜିଲ୍ଲାରେ ଥିବାବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା କେତୋଟି ଜରାଶ୍ରମ ରହିଛି ତା'ର ହିସାବ କେନ୍ଦ୍ର ସରକାର ମାଗିଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ଅତିକମରେ ୧୫୦ଜଣ ଅସହାୟ ବୃଦ୍ଧବୃଦ୍ଧା ରହିବା ଭଳି ଗୋଟିଏ ଜରାଶ୍ରମ ବାଧ୍ୟତାମୂଳକ ବୋଲି କେନ୍ଦ୍ର ସରକାର କହିବା ସହ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟ ଓ ପୌରାଞ୍ଚଳରେ ଜରାଶ୍ରମ ଖୋଲିବାକୁ ପରାମର୍ଶ ଦେଇଛନ୍ତି। ଏନେଇ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଉଭୟ କେନ୍ଦ୍ର ସାମାଜିକ ନ୍ୟାୟ



ଓ ସଶକ୍ତିକରଣ ସଚିବ ସୌରଭ ଗର୍ଗ ଓ କେନ୍ଦ୍ର ସହରାଞ୍ଚଳ ବ୍ୟାପାର ସଚିବ ମନୋଜ ଯୋଶୀ ମିଳିତ ଭାବେ ଚିଠି ଲେଖି ଦୁଃସ୍ଥ ବରିଷ୍ଠ ନାଗରିକଙ୍କ ଆଶ୍ରୟ ନିମନ୍ତେ ସ୍ଥାନ ଚିହ୍ନଟ ବା ଆଶ୍ରୟସ୍ଥଳୀ ଚିହ୍ନଟ କରିବାକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଦୁଇଟି ମନ୍ତ୍ରଣାଳୟର ସଚିବ ମିଳିତ ଭାବେ ମୁଖ୍ୟ ସଚିବଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ବରିଷ୍ଠ ନାଗରିକଙ୍କ କଲ୍ୟାଣ ନିମନ୍ତେ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ଅଟଳ ବୟୋ ଅଭ୍ୟୁଦୟ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାର ➤ ପୃ-୬

## ଭୁବନେଶ୍ୱର ଲୋକସଭା ଆସନ

# ଏଥର ଅପରାଜିତା-ଶ୍ରୀମୟୀ ଲଢ଼େଇ

**ଭୁବନେଶ୍ୱର :** ଆଗାମୀ ସାଧାରଣ ନିର୍ବାଚନକୁ ଆଉ ପ୍ରାୟ ୮ମାସ ବାକି ଥିବାବେଳେ ଏବେଠୁ ରାଜଧାନୀ ଭୁବନେଶ୍ୱରରେ ବିଜେଡି ଓ ବିଜେପି ମଧ୍ୟରେ ବଳ କଷାକଷି ଓ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ସମ୍ମାନଜନକ ଭୁବନେଶ୍ୱର ଲୋକସଭା ଆସନକୁ ୨୦୧୯ ନିର୍ବାଚନରେ ବିଜେଡିଠୁ ଛଡ଼ାଇ ନେଇଥିବା ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ପୁଣିଥରେ ଏଠାରୁ ପ୍ରାର୍ଥୀ ହେବାର ସମ୍ଭାବନା ଅଧିକ ଥିବାବେଳେ ବିଜେଡି ମଧ୍ୟ ନିଜର ଯୁବ ତଥା ମହିଳା ଚେହେରା ଭାବେ ଦଳର ସାଧାରଣ ସମ୍ପାଦକ ଶ୍ରୀମୟୀ ମିଶ୍ରଙ୍କୁ ଆଗକୁ ଆଣି ନିଜ ଗଡ଼କୁ ଅକ୍ତିଆର ନିମନ୍ତେ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଯଦି ସବୁକିଛି ଠିକଠାକ୍ ରୁହେ, ତା'ହେଲେ ଏହି ଲୋକସଭା ଆସନରେ ଭୁବନେଶ୍ୱରର ଦୁଇ ବୋହୂଙ୍କ



ମଧ୍ୟରେ ଲଢ଼େଇ ଜୋରଦାର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ମିଳିଥିବା ସୂଚନା ଅନୁସାରେ, ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ କ୍ରମାଗତ ଭାବେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାର ଓ ଫାଇଭ-ଟି ସଚିବଙ୍କୁ ସିଧାସଳଖ ଶାଣିତ ଆକ୍ରମଣ କରିବାକୁ ବିଜେଡି ସହଜରେ ହଜମ କରିପାରୁନି। ଅପରାଜିତାଙ୍କୁ ଯେନତେନ ପ୍ରକାରେ କ୍ଷମତା ରାଜନୀତିରୁ ଦୂରେଇ ରଖିବା ପାଇଁ ବିଜେଡି ନେତୃତ୍ୱ ଏବେଠୁ ରଣନୀତି ପ୍ରସ୍ତୁତ କରି ଗୋଟିଏ ଗୁଳିରେ ଦୁଇଟି ଶିକାର ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ବିଜେଡି ନିଜର 'ମହିଳା କାର୍ଡ' ଭାବେ ଦଳର ପ୍ରଭାବଶାଳୀ ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ଆଗକୁ ଆଣିବା ସହ ଅପରାଜିତାଙ୍କୁ କଡ଼ା ଟକ୍କର ଦେବାକୁ ଆବଶ୍ୟକ ରାଜନୀତିକ ଭିତ୍ତିଭୂମି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ଗଣମାଧ୍ୟମରେ ଅପରାଜିତାଙ୍କ ସିଧାସଳଖ ନିୟମିତ ଶାଣିତ ସମାଲୋଚନା ପରେ ବିଜେଡି ଚିହିଁକି ଉଠିଛି ଓ ତାଙ୍କୁ ମାତ୍ ଦେବା ପାଇଁ ବିଜେଡି ପ୍ରଥମଥର ନିମନ୍ତେ ସଂସଦୀୟ କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇଛି। ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏବେ ଦଳର ସାଧାରଣ ସମ୍ପାଦକ ଓ ମୁଖପାତ୍ର ଥିବାବେଳେ ତାଙ୍କୁ ଖୋର୍ଦ୍ଧା ଲୋକସଭା ମଣ୍ଡଳୀର ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇ ଅପରାଜିତାଙ୍କ ମୁକାବିଲା କରିବାକୁ ରଣନୀତି ପ୍ରସ୍ତୁତ କରିଛି। ➤ ପୃ-୬

## ଅପରାଜିତା ଉଠାଇଲେ ସାଙ୍ଘାତିକ ପ୍ରଶ୍ନ

# ଅଣଓଡ଼ିଆଙ୍କ କବ୍‌ଜାରେ ସେନା ଓ ମନ୍ଦିର ଜମି

**ଭୁବନେଶ୍ୱର :** ପ୍ରଭାବଶାଳୀ ଖଣି ବ୍ୟବସାୟୀ ପି ପ୍ରଭାକରନଙ୍କ ପତ୍ନୀ କିରୁଥାକି ପ୍ରଭାକରନଙ୍କ ଜମି କିଣା ନିଶା ଏବେ ରାଜଧାନୀ ଭୁବନେଶ୍ୱରବାସୀଙ୍କୁ ଅତିଷ୍ଠ କରିଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜି ନିଜ ଟ୍ୱିଟ୍ ମାଧ୍ୟମରେ ପ୍ରଭାକରନଙ୍କ ପତ୍ନୀଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ମୋଟ ୧୭.୭୪୬ଏକର ବିଶିଷ୍ଟ ଛୋଟ ଛୋଟ ସାଇଜର ୩୮ଟି ପ୍ଲଟ୍ ଓ ପ୍ରଭାକରନଙ୍କ ନାଁରେ ଗୋଟିଏ ପ୍ଲଟକୁ ମିଶାଇ ମୋଟ ୩୯ଟି ପ୍ଲଟ ସମ୍ପର୍କରେ ତଥ୍ୟ ଦେବା ସହ ସରକାରୀ ପ୍ରୋତ୍ସାହନରେ ଏସବୁ ଜମି କିଣାଯାଇଥିବା ଅଭିଯୋଗ କରିଛନ୍ତି। ଏପଟେ ପ୍ରଭାକରନଙ୍କ ପତ୍ନୀଙ୍କ ନାଁରେ ଭାରତୀୟ ସେନାର ପିଏସୟୁ - ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ (ହାଲ)ର ହାଉସିଂ କମିଟି ମୁଖ୍ୟ କାଳେଶ୍ୱର ପ୍ରସାଦ ହୋତା ହାଲ୍ ଜମି ହଡ଼ପର



ମାମଲା ଗତବର୍ଷଠୁ ଚନ୍ଦକା ଥାନାରେ ଜାରି ରହିଥିବାବେଳେ ଚଞ୍ଚକତା କରି କିଣିଥିବା ଏୟାରପୋର୍ଟ ନିକଟସ୍ଥ ଭୀମପୁର ମୌଜାରେ ଲିଙ୍ଗରାଜ ମହାପ୍ରଭୁଙ୍କ ୨୨୮ ଡେସିମିଲ୍ ଜମିର କିଣାବିକା ରଦ୍ଦ ହେବା ପରେ ଏହି ଜମି ତାଙ୍କ କବଜାରେ ରହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ସାଂସଦ ଅପରାଜିତା ଷଡ଼ଙ୍ଗୀ ନିଜ ଟ୍ୱିଟ୍ ମାଧ୍ୟମରେ ଖଣି ବ୍ୟବସାୟୀ ପ୍ରଭାକରନ ଓ ତାଙ୍କ ପତ୍ନୀଙ୍କ ନାଁରେ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ କିଣାଯାଇଥିବା ଜମିର ବିବରଣୀ ଦେଇଛନ୍ତି। ପ୍ରାୟ ୧୭.୭୪୬ଏକର ବିଶିଷ୍ଟ ମୋଟ ୩୯ଟି ପ୍ଲଟର ହିସାବ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଦେବା ସହ ଏବେବି ଅଧିକ ପରିମାଣର ଜମି କିଣିବା ପାଇଁ ପ୍ରଭାକରନ ପ୍ରୟାସ କରୁଛନ୍ତି ବୋଲି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଲୋକେ ତାଙ୍କୁ ଜଣାଇଛନ୍ତି। ଯଦି ଏଭଳି ଛୋଟ ଛୋଟ ଜମି ଉଚ୍ଚସ୍ତରର ପ୍ରଭାବଶାଳୀଙ୍କ ସହାୟତାରେ କିଣାଯିବ ତା'ହେଲେ ଓଡ଼ିଶାର ଚାଷୀମାନେ କ'ଣ ଛତିଶଗଡ଼ ଓ ଝାଡ଼ଖଣ୍ଡ ଯିବେ କି ବୋଲି ପ୍ରଶ୍ନ କରିଛନ୍ତି। ଓଡ଼ିଶାର ଖଣିରୁ ଅର୍ଥ ଉପାର୍ଜନ କରି ସରକାରୀ ପ୍ରୋତ୍ସାହନରେ ରାଜଧାନୀ ଭୁବନେଶ୍ୱରରେ ଏଭଳି ଜମି କ୍ରୟ କରୁଥିବା ଅଣଓଡ଼ିଆଙ୍କୁ ଆମେ ପ୍ରତିରୋଧ କରିବାର ସମୟ ଆସିଯାଇଛି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ସେ ଦେଇଥିବା ତଥ୍ୟ ଅନୁସାରେ ପ୍ରଭାକରନଙ୍କ ନାଁରେ ଘାଟିକିଆରେ ୭୯ଡିସିମିଲ୍ ଜମି ଥିବାବେଳେ ତାଙ୍କ ପତ୍ନୀ କିରୁଥାକିଙ୍କ ନାଁରେ ➤ ପୃ-୬

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** - ସ୍ୱାସ୍ଥ୍ୟ ବିଗିଡିପାରେ। ଆର୍ଥିକ ସ୍ଥିତି ଦୃଢ଼ ହେବ କିନ୍ତୁ ବ୍ୟବସାୟରେ ସତର୍କତା ଅବଲମ୍ବନ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ଶତ୍ରୁ ବଢ଼ିବେ। ପରିବାରରେ ଝଗଡା ହୋଇପାରେ। (ଶୁଭ ତାରିଖ, ୧-୨,୪) (ଭାଗ୍ୟଫଳ-୬୦%)। ପ୍ରତିକାର : ଭଗବାନ ସୂର୍ଯ୍ୟଙ୍କ ପାଇଁ ରବିବାର ଦିନ ପୂଜାର୍ଚ୍ଚନା କରନ୍ତୁ।

**ବୃଷ** - ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଅନୁଭବ କରିବେ। ଅର୍ଥ ସମସ୍ୟା ଦେଖାଦେବ। ଅନ୍ୟର ସହଯୋଗ ମିଳିବ। ପୈତୃକ ସମ୍ପତ୍ତି ପ୍ରାପ୍ତି ଯୋଗ ଅଛି। ପ୍ରେମରେ ସଫଳ ହେବେ। ଦାମ୍ପତ୍ୟ ଜୀବନ ମଧୁର ହେବ। (ଶୁଭ ତାରିଖ-୨,୪,୫- ଭାଗ୍ୟଫଳ-୭୦%) ପ୍ରତିକାର : ପ୍ରତିଦିନ ଓଁ ହୁଂ ଦୁର୍ଗାୟ ନମଃ ୨୧ ଥର ପାଠ କରନ୍ତୁ।

**ମିଥୁନ** - ସ୍ୱାସ୍ଥ୍ୟ ଉତ୍ତମ ରହିବ। ରୋକିଥିବା ଧନପ୍ରାପ୍ତି ଯୋଗ ଅଛି। ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସଫଳ ହେବେ। ପରିବାର ଲୋକଙ୍କ ସହଯୋଗ ପାଇବେ। ବିବାହ ସ୍ଥିର ହୋଇପାରେ। (ଶୁଭ ତାରିଖ-୪,୫,୬)-ଭାଗ୍ୟଫଳ-୮୦%) ପ୍ରତିକାର : ଓଁ ବୁ ବୁଧାୟ ନମଃ ୧୧ଥର ଜପ କରନ୍ତୁ।

**କର୍କଟ** - ମନ ଶାନ୍ତ ରହିବ। ବ୍ୟବସାୟ ପାଇଁ ସମୟ ଅନୁକୂଳ। ବ୍ୟୟ ବଢ଼ିବ। ପଦୋନ୍ନତି ଓ ଭ୍ରମଣ ଯୋଗ ଅଛି। ପ୍ରେମୀଙ୍କ ପାଇଁ ସମୟ ଅନୁକୂଳ। ଦମ୍ପତ୍ତିଙ୍କର ମତାନ୍ତର ହୋଇପାରେ। (ଶୁଭ ତାରିଖ-୨,୩,) ଭାଗ୍ୟଫଳ-୭୦%) ପ୍ରତିକାର : ଶୁକ୍ରବାର ଦିନ ମାତା ପାର୍ବତୀଙ୍କ ପୂଜାର୍ଚ୍ଚନା କରନ୍ତୁ।

**ସିଂହ** - ଥଣ୍ଡା ଶର୍ଦ୍ଦି ହୋଇପାରେ। ଆୟରେ ବୃଦ୍ଧି ହେବ। ନୂଆ ଚାକିରି ବା ପଦୋନ୍ନତି ହୋଇପାରେ। ନିଜର କ୍ରୋଧରେ ଲଗାମ ଦିଅନ୍ତୁ। ଦମ୍ପତ୍ତିମାନେ ନିଜ ବ୍ୟବହାରରେ ସଂଯମତା ରଖନ୍ତୁ। (ଶୁଭ ତାରିଖ-୩, ଭାଗ୍ୟଫଳ-୭୦%) ପ୍ରତିକାର : ଭଗବାନ ଶନିଦେବଙ୍କ ବୀଜ ମନ୍ତ୍ର ଜପନ୍ତୁ।

**କନ୍ୟା** - ଗଳାର ସଂକ୍ରମଣ ହୋଇପାରେ। ଆୟର ସ୍ରୋତ ଆସିବ। ସମାଜରେ ସମ୍ମାନ ଓ ପ୍ରତିଷ୍ଠା ବଢ଼ିବ। ଉଚ୍ଚଶିକ୍ଷାରେ ସଫଳତା ମିଳିପାରେ। ବିବାହ ଓ ପ୍ରେମୀ ମାନଙ୍କ ପାଇଁ ସମୟ ବେଶ ଅନୁକୂଳ। (ଶୁଭ ତାରିଖ-୫,. ଭାଗ୍ୟଫଳ-୮୦%) ପ୍ରତିକାର : ଓଁ ନମଃ ମହାବୈଷ୍ଣବେ ନମଃ ଜପନ୍ତୁ।

**ତୁଳା** - ସ୍ୱାସ୍ଥ୍ୟ ଉତ୍ତମ ରହିବ। ପୁରୁଣା କ୍ଷତି ଭରଣା ହେବ। ଆୟରେ ବୃଦ୍ଧି ହେବ। ପରିବାରରେ ସମ୍ପର୍କ ଦୃଢ଼ ହେବ। ପିତାମାତାଙ୍କ ସହଯୋଗ ବଢ଼ିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଜବୁତ ହେବ। (ଶୁଭ ତାରିଖ-୧,୪,୫- ଭାଗ୍ୟଫଳ-୮୦%) ପ୍ରତିକାର : ଗଣେଶ ଚାଳିଶା ପାଠ କରନ୍ତୁ।

**ବିଛା** - ମନ ଅସ୍ଥିର ରହିବ। ବ୍ୟବସାୟ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଖର୍ଚ୍ଚ ବଢ଼ିବ। ଜୀବନସାଥୀଙ୍କ ପୂରା ସହଯୋଗ ମିଳିବ। ତୃତୀୟ ବ୍ୟକ୍ତିଙ୍କ ପାଇଁ ପ୍ରେମୀମାନେ ଅସୁବିଧାରେ ପଡିପାରନ୍ତି। (ଶୁଭ ତାରିଖ-୧,୩-ଭାଗ୍ୟଫଳ-୭୦%) ପ୍ରତିକାର : ଓଁ ରାଂ ରହବେ ନମଃ ମନ୍ତ୍ର ପାଠ କରନ୍ତୁ।

**ଧନୁ** - ଚର୍ମ ରୋଗରେ ପୀଡିତ ହେବେ। ଅର୍ଥ ଲଗାଣରେ ଧନଲାଭ ଯୋଗ ଅଛି। ସରକାରୀ ଅଧିକାରୀଙ୍କ ସହଯୋଗ ବଢ଼ିବ। ଜୀବନସାଥୀଙ୍କ ସହ ସୁନ୍ଦର ସମୟ କଟିବ। (ଶୁଭ ତାରିଖ-୧,୨- ଭାଗ୍ୟଫଳ-୭୦%) ପ୍ରତିକାର: ଓଁ ନମଃ ଶିବାୟ ଜପ କରନ୍ତୁ।

**ମକର** - ଆଖିରେ ପୀଡା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ କାମର ବୋଝ ବଢ଼ିବ। ଛାତ୍ର ମାନଙ୍କ ପାଇଁ ସମୟ ଅନୁକୂଳ। ଦମ୍ପତ୍ତି ମାନଙ୍କ ଝଗଡା ଚରମ ସୀମାରେ ପହଞ୍ଚିପାରେ। ସତର୍କ ରହନ୍ତୁ। (ଶୁଭ ତାରିଖ-୩,୪- ଭାଗ୍ୟଫଳ-୬୦%) ପ୍ରତିକାର : କଳା ରଙ୍ଗର ଛତା ଦାନ କରନ୍ତୁ।

**କୁମ୍ଭ** - ସଂକ୍ରମଣର ଶିକାର ହୋଇପାରନ୍ତି। ରୋକିଥିବା ଧନ ଫେରିବ। ଧନ ଉଧାର ଦିଅନ୍ତୁ ନାହିଁ। ପତି ପତ୍ନୀଙ୍କ ମଧ୍ୟରେ ଝଗଡା ହୋଇପାରେ। (ଶୁଭ ତାରିଖ-୪-ଭାଗ୍ୟଫଳ-୭୦%) ପ୍ରତିକାର: ଓଁ କେତବେ ନମଃ ଜପ କରନ୍ତୁ।

**ମୀନ** - ପୁରୁଣା ରୋଗରୁ ମୁକ୍ତି ମିଳିବ। ବ୍ୟବସାୟରେ ଲାଭ ବଢ଼ିବ। ଉପାର୍ଜନର ନୂଆ ଦିଗ ଦେଖାଯିବ। ପ୍ରେମରେ ପଡିପାରନ୍ତି। ଦମ୍ପତ୍ତିଙ୍କ ପାଇଁ ସମୟ ଅନୁକୂଳ। (ଶୁଭ ତାରିଖ-୧,୩- ଭାଗ୍ୟଫଳ-୮୦%) ପ୍ରତିକାର : ଶନିବାର ଦିନ ଗରିବ ଲୋକଙ୍କୁ ଦଦାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଭାରତର ଅର୍ଥ ବ୍ୟବସ୍ଥା ଉତ୍ତମ, ନିଯୁକ୍ତିରେ ପଛୁଆ




**ନୂଆଦିଲ୍ଲୀ:** ଭାରତର ଅର୍ଥନୀତି ଆସନ୍ତା ବର୍ଷଗୁଡିକରେ ବୃଦ୍ଧି ପାଇବାରେ ଲାଗିବ। କିନ୍ତୁ ଅର୍ଥନୀତି ଏହାର କ୍ଷମତା ଅନୁଯାୟୀ ବୃଦ୍ଧି ପାଇବ ନାହିଁ। ଏହାର ସମ୍ଭାବନା ଯେତିକି ଦ୍ରୁତ ନୁହେଁ। ଚାକିରି କ୍ଷେତ୍ରରେ କେବଳ ସାମାନ୍ୟ ଉନ୍ନତି ଘଟିବ। ଯଦିବା ଭାରତର ଅର୍ଥ ବ୍ୟବସ୍ଥା ଆଗାମୀ ଦିନରେ ଭଲ ନିଯୁକ୍ତି ପ୍ରଦର୍ଶନ କରିବ କିନ୍ତୁ ନିଯୁକ୍ତି ସୃଷ୍ଟିରେ ଦେଶ ଢ଼େର ପଛରେ ପଡିଯିବ ବୋଲି ଏକ ଅନ୍ତର୍ଜାତୀୟ ସର୍ଭେ ରିପୋର୍ଟରେ କୁହାଯାଇଛି। ବିଶ୍ୱର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତ ଏକ ବିକଶିତ ରାଷ୍ଟ୍ର ହେବାକୁ ଚାହୁଁଛି। ଅର୍ଥନୀତିଜ୍ଞମାନଙ୍କ କହିବାନୁଯାୟୀ, ଏକ ବୃହତ ଯୁବ ଜନସଂଖ୍ୟାର ସୁଯୋଗ ନେଇ ଭାରତ ଏହା କରିପାରିବେ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଭାରତ ଆଗାମୀ ୨୫ ବର୍ଷ ପାଇଁ ପ୍ରତିବର୍ଷ ତା'ର ଅର୍ଥ ବ୍ୟବସ୍ଥାକୁ ପ୍ରାୟ ୮ ପ୍ରତିଶତ ହାରରେ ବୃଦ୍ଧି କରିବା ଆବଶ୍ୟକ। ଏକ ବିକଶିତ ରାଷ୍ଟ୍ର ହେବାକୁ ହେଲେ ଦେଶ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା, ଉନ୍ନତ ରାସ୍ତା ଏବଂ କୋଠା ନିର୍ମାଣ, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ଏବଂ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରିବା ଆବଶ୍ୟକ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଏହି ପରିବର୍ତ୍ତନଗୁଡିକ ଆବଶ୍ୟକ। ୮ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବାକୁ ନୀତି ନିର୍ମାତାଙ୍କୁ କୃଷକମାନଙ୍କୁ କୃଷିରୁ ଅନ୍ୟ କ୍ଷେତ୍ରକୁ ସ୍ଥାନାନ୍ତର କରିବାକୁ ପଡିବ। ଏହି ପଦକ୍ଷେପ ଦେଶର ଅର୍ଥନୀତିକୁ ଶୀଘ୍ର ଏବଂ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିବ ବୋଲି ରିପୋର୍ଟରେ କୁହାଯାଇଛି। ଯଦି ପରିବର୍ତ୍ତନ ଏବଂ ସଂସ୍କାର ଆଣିବା ପାଇଁ ଭାରତ ଦୃଢ଼ ଉଦ୍ୟମ ନ କରେ, ତେବେ ଦେଶ ପାଇଁ ଭବିଷ୍ୟତ ସେତେଟା ସକରାତ୍ମକ ଏବଂ ରୋମାଞ୍ଚକର ହେବନାହିଁ। ନିକଟରେ କରାଯାଇଥିବା ଏକ ସର୍ବେକ୍ଷଣରେ ୫୩ ବିଶେଷଜ୍ଞ କହିଛନ୍ତି ଯେ ଚଳିତବର୍ଷ ଭାରତର ଅର୍ଥନୀତି ୬.୧ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ। ଏହା ଏକ ଭଲ ବିକାଶ ହାର। ଅପରପକ୍ଷେ ବିଶ୍ୱର ଅନ୍ୟ କ୍ଷବିକଶିତ ରାଷ୍ଟ୍ରରେ ଅଭିବୃଦ୍ଧି ମନ୍ଥର ରହିବା ଆଶଙ୍କା କରାଯାଉଛି। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ ୬.୫% ଅଭିବୃଦ୍ଧି ହାର ଆଶା ରଖିଥିବାବେଳେ ବିଶ୍ୱ ବ୍ୟାଙ୍କ ୬.୩% ଅଭିବୃଦ୍ଧି ଆଶା କରିଥିଲା। କେତେକ ବିଶେଷଜ୍ଞ ଏହା ଭାବିଥିଲେ ଯେ ଭାରତର ଅଭିବୃଦ୍ଧି ୩.୭%ରୁ କମ୍ ହୋଇପାରେ, ଆଉ କେତେକ ଆଶାବାଦୀ ଥିଲେ ଏହା ୬.୮%ରେ ପହଞ୍ଚିପାରେ। ଆସନ୍ତା ବର୍ଷ ଅର୍ଥନୀତି ୬.୫% ହାରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ତ୍ରୈମାସିକରେ ଏହା ୬.୨% ଏବଂ ପରବର୍ତ୍ତୀ ତ୍ରୈମାସିକରେ ୬.୦% ଏବଂ ୫.୫% ହାରରେ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି। ଅପରପକ୍ଷେ ଆସନ୍ତା ବର୍ଷରେ ଭାରତରେ ନିଯୁକ୍ତି ସ୍ଥିତି ସମ୍ପର୍କରେ ବିଷୟରେ ପଚରାଯିବାରୁ ୨୫ ଜଣ ବିଶେଷଜ୍ଞଙ୍କ ମଧ୍ୟରୁ ୧୭ ଜଣ କହିଛନ୍ତି ଯେ ପରିସ୍ଥିତି ସାମାନ୍ୟ ଭଲ ରହିବ। ଦେଶରେ ଏବେ ବି ଅନେକ ଲୋକ ବେକାର ଅଛନ୍ତି ବୋଲି ବିଶେଷଜ୍ଞମାନେ କହିଛନ୍ତି। ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ଅନ୍ତର୍ଗତ ଯାହା ବିଦେଶୀ କମ୍ପାନୀମାନଙ୍କୁ ଭାରତରେ କାରଖାନା ପ୍ରତିଷ୍ଠା କରିବାକୁ ଉତ୍ସାହିତ କରାଯାଉଛି। ତାହା ଚଳିତ ବର୍ଷ ଦେଶର ଅର୍ଥନୀତି ଉପରେ କି ପ୍ରଭାବ ପକାଇବ ବୋଲି ପଚରାଯିବାରୁ ୨୭ ଜଣ ବିଶେଷଜ୍ଞଙ୍କ ମଧ୍ୟରୁ ୨୧ ଜଣ କହିଛନ୍ତି ଯେ ଏହାର ସାମାନ୍ୟତମ ପ୍ରଭାବ ପଡ଼ିବ ମଧ ନାହିଁ। ତେବେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଅବଶିଷ୍ଟ ୬ ଜଣ ବିଶେଷଜ୍ଞ ମତ ଦେଇଛନ୍ତି। ଯଦି ସରକାର ଅର୍ଥନୀତିରେ ଆହୁରି ସଂସ୍କାର ପଦକ୍ଷେପ ଗ୍ରହଣ କରନ୍ତି, ତେବେ ଏହା ପିଏଲଆଇ ଯୋଜନାକୁ ଆହୁରି ଉନ୍ନତ କରିପାରେ ଏବଂ ଲୋକଙ୍କ ପାଇଁ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ଉତ୍ପାଦନ କ୍ଷେତ୍ରର ଉନ୍ନତି ପାଇଁ ଆମକୁ ଏହି କ୍ଷେତ୍ରରେ ନୂତନ ପୁଞ୍ଜି ବିନିଯୋଗକୁ ବନ୍ଦ କରିବାକୁ ପଡିବ ବୋଲି ଆକ୍ୟୁଟ୍ ରେଟିଂ ଆଣ୍ଡ ରିସର୍ଚ୍ଚର ମୁଖ୍ୟ ଅର୍ଥନୀତିଜ୍ଞ ସୁମନ ଚୌଧୁରୀ କହିଛନ୍ତି।

# ଏଣିକି ଫୋନ୍ ପେ' ରେ ଭରିପାରିବେ ଆୟକର




**ନୂଆଦିଲ୍ଲୀ :** ଗତବର୍ଷ ୨୦୨୨-୨୦୨୩ ଏବଂ ମୂଲ୍ୟାଙ୍କନ ବର୍ଷ ୨୦୨୩-୨୦୨୪ ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିବା ପାଇଁ ଶେଷ ତାରିଖ ପାଖେଇ ଆସିଲାଣି। ଆୟ କର ବିଭାଗ ପକ୍ଷରୁ ଲୋକଙ୍କୁ ଶେଷ ସମୟ ସୀମା ଭିତରେ ଆଇଟିଆର ଫାଇଲ୍ କରିବା ପାଇଁ ପରାମର୍ଶ ଦିଆଯାଉଛି। ଯଦି ଆପଣ ଆୟକର ଦାଖଲ କରିନାହାନ୍ତି, ତେବେ ଦେଶର ବଡ଼ ଡିଜିଟାଲ ପେମେଣ୍ଟ ଆପ ଫୋନ୍ ପେ'ରେ ଏହି କାମକୁ ସହଜରେ କରିପାରିବେ। ଫୋନ୍ ପେ' ଦ୍ୱାରା ଆୟକର ଦାଖଲ କରିବାର ସବୁଠାରୁ ବଡ଼ ଫାଇଦା ହେଉଛି, ଆପଣଙ୍କୁ ଏଥି ପାଇଁ ଟେକ୍ସପୋର୍ଟାଲ ଉପରେ ଆପଣଙ୍କୁ ଲଗ୍ ଇନ୍ କରିବାକୁ ବି ପଡିବନାହିଁ। ଆୟକର ଦାଖଲକୁ ସୁଗମ କରିବା ପାଇଁ ଫୋନ୍ ପେ' ଡିଜିଟାଲ ପେମେଣ୍ଟ ଏବଂ ସର୍ଭିସ ପ୍ରଦାନକାରୀ 'ପେମେଟ୍' ସହ ହାତ ମିଶାଇଛି। ଫୋନ୍ ପେ' ର କହିବାନୁଯାୟୀ, ବର୍ତ୍ତମାନ ରିଟର୍ଣ୍ଣ ଫାଇଲ୍ କରିବା ପାଇଁ କରଦାତାଙ୍କୁ ଲଗ୍ଇନ୍ର ସମସ୍ୟାରୁ ମୁକ୍ତି ମିଳିବ ଏବଂ ସହଜରେ ଆୟକର ଦାଖଲ ହେବ।

## ସେନାରେ ୬ ହଜାରରୁ ଅଧିକ ଅଧିକାରୀ ପଦବୀ ଖାଲି

**ନୂଆଦିଲ୍ଲୀ:** ଭାରତୀୟ ସେନାରେ ଛଅ ହଜାରରୁ ଅଧିକ ଅଧିକାରୀ ପଦବୀ ଖାଲି ଅଛି। କେବଳ ଏତିକି ନୁହେଁ, ନୌସେନା ଓ ବାୟୁସେନାରେ ମଧ ବହୁ ସଂଖ୍ୟକ ପଦବୀ ଖାଲି ପଡ଼ିଛି। କେବଳ ଅଧିକାରୀ ନୁହଁନ୍ତି, ଏହି ତିନୋଟି ସେବାରେ ମେଡିକାଲ କର୍ମଚାରୀଙ୍କ ମଧ ହଜାରେରୁ ଅଧିକ ପଦବୀ ଖାଲି ରହିଛି। ସଂସଦରେ କେନ୍ଦ୍ର ସରକାର ଏହି ସମସ୍ତ ସୂଚନା ଦେଇଛନ୍ତି। ଲୋକସଭାରେ ସରକାର କହିଛନ୍ତି ଯେ ଭାରତୀୟ ସେନାରେ ମେଜର ଓ କ୍ୟାପଟେନ ପଦବୀରେ ୬ ହଜାରରୁ ଅଧିକ ପଦବୀ ଖାଲି ଅଛି। ମନ୍ତ୍ରୀ ଅଜୟ ଭଟ୍ଟ ଲୋକସଭାରେ କହିଛନ୍ତି ଯେ, ସେନାରେ ୨୦୦୦ ରୁ ଅଧିକ ମେଜର ଓ ୪୫୦୦ କ୍ୟାପଟେନ ପଦ ଖାଲି ଅଛି।

## କୋର୍ଟରେ ପଡ଼ିରହିଛି କେନ୍ଦ୍ର ସମ୍ବନ୍ଧିତ ୬ ଲକ୍ଷରୁ ଅଧିକ ମାମଲା



**ନୂଆଦିଲ୍ଲୀ :** ଦେଶର ବିଭିନ୍ନ ଅଦାଲତରେ କେନ୍ଦ୍ର ସରକାରଙ୍କ ସମ୍ବନ୍ଧିତ ୬ ଲକ୍ଷ ୩୬ ହଜାର ମାମଲା ବିଚାରାଧୀନ ରହିଛି। ଏହା ମଧ୍ୟରେ ଅର୍ଥ ମନ୍ତ୍ରାଳୟ ଏବଂ ରେଳ ବିଭାଗର ସର୍ବାଧିକ ମାମଲା ସାମିଲ ରହିଛି। ସଂସଦରେ କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ସୂଚନା ଦେଇଛନ୍ତି। ଲୋକସଭା ସାଂସଦ ଦୁଶ୍ୟନ୍ତ ସିଂଙ୍କ ଏକ ପ୍ରଶ୍ନର ଉତ୍ତରରେ ମେଘୱାଲ କହିଛନ୍ତି ଯେ ପଡ଼ି ରହିଥିବା ମାମଲାର ସମାଧାନ ଲାଗି ଗତ ୫ ବର୍ଷରେ ୨୭୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୨-୨୩ ବର୍ଷରେ ଏଥିପାଇଁ ୫୪ କୋଟି ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏବେ କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ୧, ୭୯, ୪୬୪, ପ୍ରତିରକ୍ଷା ମନ୍ତ୍ରାଳୟର ୮୭, ୫୪୩, ଶ୍ରମ ଏବଂ ରୋଜଗାର ବିଭାଗର ୮୦, ୧୧୭, ସ୍ୱରାଷ୍ଟ୍ର ମନ୍ତ୍ରାଳୟର ୨୩, ୦୧୨, ଶିକ୍ଷା ବିଭାଗର ୧୭ ହଜାର, କୃଷି ଏବଂ କୃଷକ କଲ୍ୟାଣ ବିଭାଗର ୩, ୬୬୫ ଏବଂ କର୍ପୋରେଟ ମନ୍ତ୍ରାଳୟର ୧୦, ୪୨୬ ମାମଲା ପଡି ରହିଥିବା ସୂଚନା ମିଳିଛି। ସୁପ୍ରିମକୋର୍ଟ, ହାଇକୋର୍ଟ ଏବଂ ଅନ୍ୟ ଟ୍ରିବ୍ୟୁନାଲଗୁଡିକରେ ପଡ଼ି ରହିଥିବା ମାମଲା ସମାଧାନର ଦାୟିତ୍ୱ ଆଇନ ବିଭାଗ ଉପରେ ନ୍ୟସ୍ତ। 'ନ୍ୟାସନାଲ ଲିଟିଗେସନ ପିଲିସି'କୁ ନେଇ ମଧ ଗୃହରେ ପ୍ରଶ୍ନ କରାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ଏହି ନୀତିର ରୂପରେଖ ପ୍ରସ୍ତୁତ କରାଯାଇ ନାହିଁ ବୋଲି ମନ୍ତ୍ରୀ କହିଥିଲେ।

### ଖାଦ୍ୟଶସ୍ୟ ଅଭାବ ନେଇ ଏଚ୍ଏସ୍ବିସିର ରିପୋର୍ଟ

# ଭାରତରେ ତୀବ୍ର ହେବ ମହଙ୍ଗା ମାଡ଼



**ନୂଆଦିଲ୍ଲୀ:** ସମ୍ପ୍ରତି ଦେଶରେ ଭାରତରେ ଖାଦ୍ୟ ଶସ୍ୟର ଅଭାବ ରହିଛି। ଗହମ ଏବଂ ଚାଉଳ ଭଳି ପ୍ରମୁଖ ଖାଦ୍ୟ ଶସ୍ୟର ଅଭାବ ଯୋଗୁ ବଜାରରେ ଦର ବୃଦ୍ଧି ଘଟୁଛି। ବର୍ତ୍ତମାନ ଉପରେ ରହିଥିବା ପନିପରିବା ଦରରେ ଆସନ୍ତା ମାସରେ କେତେକାଂଶରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଏବେ ଟମାଟୋ ଦର ବୃଦ୍ଧି ବଡ଼ ସମସ୍ୟା ନୁହେଁ। ଘରୋଇ କ୍ଷେତ୍ରରେ ଚାଉଳ ଏବଂ ଗହମ ଅଭାବରୁ ଦର ବଢ଼ିବାରେ ଲାଗିଛି। ଖାଦ୍ୟାଭାବ ଜନିତ ସ୍ଥିତି ଭାରତରେ ଆଗାମୀ ଦିନରେ ମହଙ୍ଗା ମାଡ଼କୁ ତୀବ୍ରତର କରାଇବ ବୋଲି ଏଚ୍ଏସ୍ବିସି ହୋଲ୍ଡିଂ ପିଏଲ୍ସି ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଏଚ୍ଏସ୍ବିସି ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ, ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ୫ ପ୍ରତିଶତ ରହିବ। ତଥାପି, ଯଦି ଖାଦ୍ୟ ଶସ୍ୟ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟେ, ତେବେ ମୁଦ୍ରାସ୍ଫୀତି ଆହୁରି ବଢ଼ିପାରେ। ପରିସ୍ଥିତିକୁ ଭଲ ଭାବରେ ଆକଳନ କରିବା ପାଇଁ ବିଶେଷଜ୍ଞମାନଙ୍କ ନଜର ଏବେ ଆଗାମୀ ସପ୍ତାହରେ ହେବାକୁ ଥିବା ବର୍ଷା ଏବଂ ଧାନ ଚାଷ ଉପରେ। ଦେଶର ଦକ୍ଷିଣ ଏବଂ ପୂର୍ବାଞ୍ଚଳ କ୍ଷେତ୍ରରେ ଭଲ ବର୍ଷା ହୋଇନାହିଁ। ଏଥିଯୋଗୁ ଭାରତର ଚାଉଳ ରପ୍ତାନି ଦେଶରେ ସମସ୍ୟା ସୃଷ୍ଟି କରିପାରେ। ଆହୁରି ମଧ, ଯଦି ଚାଉଳ ଉତ୍ପାଦନ ପ୍ରଭାବିତ ହୁଏ, ତେବେ ଏଥିଯୋଗୁ ଗହମ ମୂଲ୍ୟ ବଢ଼ିପାରେ, ଯାହାକି କେତେକ କ୍ଷେତ୍ରରେ ଚାଉଳର ବିକଳ୍ପ ଭାବରେ ବ୍ୟବହୃତ ହୋଇଥାଏ। ବିଶ୍ୱସ୍ତରରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ଉପରେ ଏହାର ପ୍ରଭାବ ପଡିପାରେ। କିଛି କାରଣରୁ ଭାରତରେ ଖାଦ୍ୟ ଶସ୍ୟ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଗତ ସପ୍ତାହରେ ରୁଷ ଚେତାବନୀ ଦେବା ପରେ ଗହମ ମୂଲ୍ୟ ବୃଦ୍ଧି ପାଇଥିଲା। ଏଥିସହ, ଏଲ୍ ନିନୋ ମଧ ଖାଦ୍ୟଶସ୍ୟର ମୂଲ୍ୟ ଉପରେ ପ୍ରଭାବ ପକାଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ଅପରପକ୍ଷେ ଅର୍ଥନୀତିଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି ଯେ ବର୍ଷର ଅବଶିଷ୍ଟ ସମୟ ଗୁଡିକରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ପାଇବ। ଫଳସ୍ୱରୂପ, ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇପାରେ। ଆସନ୍ତାବର୍ଷ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଦର ବୃଦ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହେବ। ମୁଦ୍ରାସ୍ଫୀତି ମୁକାବିଲା ପାଇଁ ସରକାର ନିକଟରେ ଧଳା ଅଣ-ବାସମତି ଚାଉଳ ରପ୍ତାନି ଉପରେ କଟକଣା ଲାଗୁ କରିଛନ୍ତି। ଚଳିତବର୍ଷ ପନିପରିବା ଏବଂ ଡାଲି ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଏତାଛଡା ବର୍ଷ ଆରମ୍ଭରୁ ଟମାଟୋ ମୂଲ୍ୟ ୪୦୦%ରୁ ଅଧିକ ବୃଦ୍ଧି ଘଟିଛି। ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ ଟମାଟୋ ମୂଲ୍ୟରେ ବୃଦ୍ଧି ଅଧିକ ସମୟ ଧରି ଜାରି ରହିବନାହିଁ। ଦୁଇ ମାସ ମଧ୍ୟରେ ଏହା ହ୍ରାସ ପାଇପାରେ। ସେ ଏହା ମଧ କହିଛନ୍ତି ଯେ ଡାଲି, ଚିନି ଏବଂ ତେଲ ଦର ବୃଦ୍ଧିକୁ ଏବେ ନିୟନ୍ତ୍ରଣ କରାଯିବା ଉଚିତ୍।

# ଦୁଇଫାଳ ହେବ ଆଫ୍ରିକା



**ନୂଆଦିଲ୍ଲୀ :** ବିଶ୍ୱର ଦ୍ୱିତୀୟ ବୃହତ୍ତମ ମହାଦେଶ ଆଫ୍ରିକା ଦୁଇ ଫାଳ ହେବାକୁ ଯାଉଛି। ଏହି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଲୋହିତ ସାଗରରୁ ମୋଜାମ୍ବିକ ମଧ୍ୟରେ ଥିବା ୩୫୦୦ କିମିର ପୂର୍ବ ଆଫ୍ରିକୀୟ ଫାଟ (ଇଷ୍ଟ ଆଫ୍ରିକାନ ରିଫ୍ଟ) ଦିନକୁ ଦିନ ସମ୍ପ୍ରସାରିତ ହେବାରେ ଲାଗିଛି। ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏହି ରିପୋର୍ଟ ପ୍ରକାଶ ପାଇଛି। ପୂର୍ବରୁ ବୈଜ୍ଞାନିକ ଏ ନେଇ ଭବିଷ୍ୟବାଣୀ କରିଥିଲେ। ଆଫ୍ରିକା ମହାଦେଶର ଏକ ବଡ଼ ଭାଗ ଭାଙ୍ଗିଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ ପୃଥିବୀ ଅନେକ ଟେକ୍ଟୋନିକ ପ୍ଲେଟ୍ ଉପରେ ରହିଛି। ଏହାର ତଳେ ତରଳ ପଦାର୍ଥ 'ଲାର୍ଭା' ରହିଛି। ଏହି ପ୍ଲେଟ ଗୁଡିକ ସବୁବେଳେ ବ୍ୟାପିବାରେ ଲାଗିଥାଆନ୍ତି। ଅନେକ ସମୟରେ ପରସ୍ପର ସହ ଧକ୍କା ମଧ ହୋଇଯାଆନ୍ତି। ଧକ୍କା ହେବା ଯୋଗୁଁ ପ୍ଲେଟର କୋଣଗୁଡିକ ବୁଲି ଯାଇଥାଏ। ଅଧିକ ଚାପ ପଡ଼ିଲେ ଏହି ପ୍ଲେଟ୍ ଭାଙ୍ଗି ଯାଇଥାଏ। ଏହା ଦ୍ୱାରା ଫାଟ ସୃଷ୍ଟି ହୋଇଥାଏ। ସୂଚନା ଅନୁଯାୟୀ ଆଫ୍ରିକା ପ୍ଲେଟକୁ ଇଷ୍ଟ ଆଫ୍ରିକାନ ରିଫ୍ଟ ଦୁଇ ଭାଗରେ ବିଭକ୍ତ କରିଛି। ହୋରାଇଜେଣ୍ଟାଲ ଏକ୍ସପାଣ୍ଡିଂ ଫୋର୍ସ ତଳେ ଲିଥୋସ୍ପିୟର ଥିଲେ ଏହା ବ୍ୟାପି ପତଳା ହୋଇ ଚାଲିଥାଏ। ଏହାକୁ ଭୌଗଳିକ ଭାଷାରେ ରିଫ୍ଟ (ଫାଟ) କୁହାଯାଏ। ଫାଟ ସୃଷ୍ଟି ହେଲେ ଏହି ଭାଗ ଭାଙ୍ଗିଯାଇଥାଏ। ଏହାର ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏପରି ହେଲେ ଏକ ନୂଆ ମହାସାଗର ସୃଷ୍ଟି ହେବ। ପୂର୍ବରୁ ଦକ୍ଷିଣ ଆଟଲାଣ୍ଟିକ ମହାସାଗରରେ ଏପରି ହୋଇଥିଲା। ଇଷ୍ଟ ଆଫ୍ରିକାନ ରିଫ୍ଟ ବଢ଼ିଲେ ଏହାର ପ୍ରଭାବ ସୋମାଲିଆନ ଏବଂ ନୁବିୟନ ଟେକ୍ଟୋନିକ ପ୍ଲେଟ ଉପରେ ପଡ଼ିବ। ଏହି ଦୁଇ ପ୍ଲେଟ ଇଥିଓପିଆର 'ଅଫାର' ଅଞ୍ଚଳରେ ମିଶୁଛି। ଏଠାରେ 'ୱାଇ' ଆକାରର ଫାଟ ସୃଷ୍ଟି ହୋଇଥାଏ। ଅଫାର ଅଞ୍ଚଳର କିଛି ଭାଗ ସମୁଦ୍ର ଭିତରେ ରହିଛି। ଫାଟ ସମ୍ପ୍ରସାରିତ ହୋଇ ଚାଲିଲେ ଏଥିରେ ପାଣି ଭର୍ତ୍ତି ହୋଇଯିବ। ଏହା ଦ୍ୱାରା ଏକ ନୂଆ ସମୁଦ୍ର ସୃଷ୍ଟି ହେବ। ଏହି ସମୁଦ୍ର ସୋମାଲିଆନ ପ୍ଲେଟକୁ ଦୂରକୁ ଠେଲିଦେବ। ଏପରି ଭାବେ ସୋମାଲିଆ ଏବଂ ସାଉଥ ଇଥିଓପିଆ ଅଲଗା ହୋଇଯିବ। ଆଫ୍ରିକା ବହୁତ ଛୋଟ ହୋଇଯିବ।

### ସିକ୍କିମ ସରକାରଙ୍କ ପକ୍ଷରୁ ବଡ଼ ଘୋଷଣା

# ଏଣିକି ବର୍ଷେ ମିଳିବ ମାତୃତ୍ୱ ଛୁଟି

**ଗାଙ୍ଗଟକ :** ସିକ୍କିମ ସରକାରଙ୍କ ତରଫରୁ ବଡ଼ ଘୋଷଣା। ଏଣିକି ୬ ମାସ ନୁହେଁ ବର୍ଷେ ଯାଏଁ ମିଳିବ ମାତୃତ୍ୱ ଛୁଟି। ସିକ୍କିମ ସରକାରଙ୍କ ତରଫରୁ ଏ ନେଇ ନୋଟିଫିକେସନ ଜାରି କରାଯାଇଛି। କେବଳ ମହିଳାଙ୍କୁ ନୁହେଁ ପୁରୁଷ ମାନଙ୍କୁ ୧ ମାସ ପର୍ଯ୍ୟନ୍ତ ପିତୃତ୍ୱ ଛୁଟି ମିଳିବ। ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ବୁଧବାର ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସରକାର କହିଛନ୍ତି, ଏହି ନିୟମକୁ ପରିବର୍ତ୍ତନ କରାଯିବ ଏବଂ ଏହି ଯୋଜନାକୁ ଲାଗୁକରାଯିବ। ଯେଉଁଥିରେ ହଜାର ହଜାର ମହିଳା ଉପକୃତ ହେବେ। ଖବର ଅନୁଯାୟୀ, ସିକ୍କିମ୍ ଷ୍ଟେଟ୍ ସିଭିଲ୍ ସର୍ଭିସ୍ ଅଫିସର୍ସ ଆସୋସିଏସନର ବାର୍ଷିକ ସାଧାରଣ ସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଏପରି କହିଛନ୍ତି। ଏହି ସୁବିଧା ଯୋଗାଇବା ପାଇଁ ନିୟମରେ ପରିବର୍ତ୍ତନ କରାଯିବ ବୋଲି ଘୋଷଣା କରାଯିବ। ଏହି ଲାଭ ସରକାରୀ କର୍ମଚାରୀମାନଙ୍କୁ ସେମାନଙ୍କ ପିଲା ଏବଂ ପରିବାରର ଉତ୍ତମ ଯତ୍ନ ନେବାରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି। ମାତୃତ୍ୱ ସୁବିଧା ଅଧିନିୟମ ୧୯୬୧ ଅନୁଯାୟୀ, ଜଣେ କାର୍ଯ୍ୟରତ ମହିଳା ୬ ମାସ କିମ୍ବା ୨୬ ସପ୍ତାହ ବେତନ ପ୍ରାପ୍ତ ମାତୃତ୍ୱ ଛୁଟି ପାଇବାକୁ ହକଦାର। ତେବେ ଏହି ରାଜ୍ୟର ଜନସଂଖ୍ୟା ସବୁଠାରୁ କମ୍ ୬.୩୨ ଲକ୍ଷ ଲୋକ ଅଛନ୍ତି।

### ଏଲନ୍ ମସ୍କଙ୍କୁ ଭାରତ ସରକାରଙ୍କ ଉତ୍ତର

# ଟେସ୍ଲା ପାଇଁ ବଦଳିବନି ନିୟମ



**ନୂଆଦିଲ୍ଲୀ :** ଦୁନିଆର ସବୁଠୁ ବଡ ବିଲିୟନେୟାର ତଥା ଟେସ୍ଲା ମାଲିକ ଏଲନ୍ ମସ୍କ ଗତ ମାସରେ ନ୍ୟୁୟର୍କଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ। ଉଭୟଙ୍କ ମଧ୍ୟରେ ଏହି ସାକ୍ଷାତ ପରେ ଏହା ବିଶ୍ୱାସ କରାଯାଉଥିଲା ଯେ ମସ୍କଙ୍କ ବୈଦ୍ୟୁତିକ କାର(ଇଭି) କମ୍ପାନୀ ଟେସ୍ଲା ଖୁବ୍ ଶୀଘ୍ର ଭାରତୀୟ ବଜାରରେ ପ୍ରବେଶ କରିବ। କିନ୍ତୁ ଟେସଲାକୁ ପ୍ରୋତ୍ସାହିତ କରିବା ପାଇଁ କୌଣସି ଅଲଗା ନୀତି ପ୍ରଣୟନ କରିବାର କୌଣସି ଯୋଜନା ନାହିଁ। ଟେସ୍ଲା ପାଇଁ ଭାରତ ସରକାର ନିୟମ ବଦଳାଇ ପାରିବେନାହିଁ ବୋଲି ସଫା ସଫା ଶୁଣାଇ ଦେଇଛନ୍ତି। ଟେସ୍ଲା କେନ୍ଦ୍ର ସରକାରଙ୍କ ପିଏଲ୍ଆଇ ଯୋଜନା ଅଧୀନରେ ଆବେଦନ କରିପାରିବ। ମସ୍କ ଟେସ୍ଲା ଇଭି ପାଇଁ ବଡ଼ ମାତ୍ରାରେ ସୀମାଶୁଳ୍କ ଛାଡ଼ ଦାବି କରୁଛନ୍ତି। ଅପରପକ୍ଷେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ମସ୍କ କହିଥିଲେ ଯେ ସେ ୨୦୨୪ରେ ଭାରତ ଗସ୍ତ ଯୋଜନା କରୁଛନ୍ତି। କେନ୍ଦ୍ର ସରକାରଙ୍କର କହିବା ହେଉଛି ଯେ, ଆଡଭାନ୍ସ କେମେଷ୍ଟ୍ରି ସେଲ୍ (ଏସିସି) ବ୍ୟାଟେରୀ ଷ୍ଟୋରେଜ୍ ପାଇଁ ଭାରତ ସରକାର ୧୮,୧୦୦ କୋଟି ଟଙ୍କା ଖର୍ଚ୍ଚ କରି ପିଏଲ୍ଆଇ ଯୋଜନା ଆରମ୍ଭ କରିସାରିଛନ୍ତି। ଏହା ବ୍ୟତୀତ ଗାଡି, ଯାନ ଉପାଦାନ ଏବଂ ଡ୍ରୋନ୍ ଶିଳ୍ପ ପାଇଁ ୨୬,୦୫୮ କୋଟି ଟଙ୍କାର ଏକ ପିଏଲ୍ଆଇ ଯୋଜନା ଅଣାଯାଇଛି। ଜଣେ ବିଭାଗୀୟ ଅଧିକାରୀଙ୍କ କହିବାନୁଯାୟୀ, ଆମେ ଟେସ୍ଲାକୁ କହିଛୁ ଯେ ସମସ୍ତଙ୍କ ପାଇଁ ପୂର୍ବରୁ ଥିବା ନୀତି ମଧ ସେମାନଙ୍କ ନିମନ୍ତେ ଲାଗୁ ହୋଇପାରିବ। ସାଧାରଣତଃ ନୀତି ସମସ୍ତଙ୍କ ପାଇଁ ସମାନ। ଗୋଟିଏ କମ୍ପାନୀ ପାଇଁ ସରକାର ପୃଥକ ନୀତି ଆପଣାଇ ପାରିବେନାହିଁ। ଏଭଳି ପରିସ୍ଥିତିରେ ସେମାନଙ୍କୁ ବିଶେଷ ଚିକିତ୍ସା କରିବାର କୌଣସି ଯୋଜନାନାହିଁ। ଅଧିକାରୀ ଜଣକ କହିଛନ୍ତି ଯେ ଟେସ୍ଲାକୁ ବ୍ୟାଟେରୀ ଯୋଗାଣକାରୀ ପାନାସୋନିକ୍ର ପ୍ରତିନିଧିମାନେ ଆମକୁ ଭେଟିଛନ୍ତି। ସେମାନେ କହିଛନ୍ତି ଯେ ସେମାନେ ବ୍ୟାଟେରୀ ତିଆରି କରିବାକୁ ଚାହୁଁଛନ୍ତି। ଆମେ ସେମାନଙ୍କୁ ପିଏଲ୍ଆଇ ଏସିସି ବ୍ୟାଟେରୀ ଅଧୀନରେ ଆବେଦନ କରିବାକୁ ପରାମର୍ଶ ଦେଇଛୁ। ଗତ ସପ୍ତାହରେ ସରକାର ୨୦ ଜିଡବ୍ଲ୍ୟୁଏଚ୍ ଆଡଭାନ୍ସ କେମେଷ୍ଟ୍ରି ସେଲ୍ ଉତ୍ପାଦନ ପାଇଁ ପିଏଲ୍ଆଇ ଯୋଜନା ଅନ୍ତର୍ଗତ ତାଜା ନିଲାମ ଆହ୍ୱାନ କରିଥିଲେ। ଗତ ମାସରେ ଟେସ୍ଲା ପ୍ରତିନିଧୀମାନେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ସମେତ ବିଭିନ୍ନ ମନ୍ତ୍ରଣାଳୟର ଅଧିକାରୀଙ୍କୁ ଭେଟିବା ପାଇଁ ଦେଶ ଗସ୍ତ କରିଥିଲେ। ଟେସ୍ଲା ୨୦୨୧ ମସିହାରେ ଭାରତରେ ବୈଦ୍ୟୁତିକ ଯାନ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଚେଷ୍ଟା କରିଥିଲା। ସମ୍ପ୍ରତି, ସମ୍ପୂର୍ଣ୍ଣ ନିର୍ମିତ ୟୁନିଟ୍ ଭାବରେ ଆମଦାନୀ ହେଉଥିବା କାରଗୁଡିକର ଇଞ୍ଜିନର ଆକାର ଏବଂ ମୂଲ୍ୟ, ବୀମା ଏବଂ ମାଲ ପରିବହନ (ସିଆଇଏଫ୍) ମୂଲ୍ୟ ଆଧାରରେ ୬୦ରୁ ୧୦୦ ପ୍ରତିଶତ ସୀମା ଶୁଳ୍କ ଆକର୍ଷିତ କରିଥାଏ।

### ରାଜ୍ୟତମାମ୍ ସମାନ ଡିଜାଇନରେ ହେବ କମ୍ୟୁନିଟି ସେଣ୍ଟର

# ୬ ଲକ୍ଷ ଟଙ୍କା ବ୍ୟୟବରାଦ, ଛାତଘର ପରିବର୍ତ୍ତେ ଜିଆଇ ସିଟ୍ ଘର

**ଭୁବନେଶ୍ୱର :** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ଭୋଟରଙ୍କୁ ବିଭିନ୍ନ ଉପାୟରେ ନିଜ ଆଡ଼କୁ ଆକୃଷ୍ଟ କରିବାର କୌଣସି ସୁଯୋଗକୁ କ୍ଷମତାସୀନ ବିଜେଡି ସରକାର ହାତଛଡ଼ା କରିବାକୁ ଚାହୁଁନାହାନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପୁଣି ଏକ ସଂଶୋଧିତ ଗାଇଡଲାଇନ୍ ଜାରି କରି ରାଜ୍ୟତମାମ ଗୋଟିଏ ଡିଜାଇନରେ କମ୍ୟୁନିଟି ସେଣ୍ଟର ବା ମାଇକ୍ରୋ ଆକ୍ଟିଭିଟି ସେଣ୍ଟର ନିର୍ମାଣ କରିବାକୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶ ଦେଇଛି। ତେବେ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏସବୁ ଘରର ଉପର ଛାତ ପରିବର୍ତ୍ତେ 'ଜିସିଆଇ ସିଟ୍' ରହିବ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ପ୍ରତିବର୍ଷ ବାତ୍ୟାର ସମ୍ମୁଖୀନ ହେଉଥିବାବେଳେ ଏତେ ଟଙ୍କା ଖର୍ଚ୍ଚ କରି ସରକାର କାହିଁକି ଛାତଘର ପରିବର୍ତ୍ତେ ଜିସିଆଇ ସିଟ୍ ପକାଇ ଘର ନିର୍ମାଣ କରିବାକୁ ଚାହୁଁଛନ୍ତି ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ଭବତଃ ବିଜେଡି କର୍ମୀମାନଙ୍କୁ ଏସବୁ ପ୍ରକଳ୍ପର କାର୍ଯ୍ୟାଦେଶ ଦେଇ ତୁଷ୍ଟୀକରଣ ନିମନ୍ତେ ଏପରି ପ୍ରୟାସ ହୋଇଥିବା ସନ୍ଦେହ କରାଯାଉଛି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଏକ ସରକାରୀ ଯୋଜନା




ହୋଇଥିଲେ ମଧ୍ୟ ଏହାର ପ୍ରକଳ୍ପ ଚୂଡ଼ାନ୍ତ କରିବା କାର୍ଯ୍ୟରେ ଏବେ ଗାଁ ଗହଳିରେ ବିଜେଡି ନେତାମାନେ ଅଧିକ ସକ୍ରିୟ ରହିଥିବା ଜଣାପଡ଼ିଛି। ଦଳୀୟସ୍ତରରେ ବୈଠକ କରି ବିଜେଡି କର୍ମୀ ଓ ନେତାମାନେ ଏହି ଯୋଜନାର ପ୍ରକଳ୍ପ ଚୟନ କରୁଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟ ପଞ୍ଚାୟତିରାଜ ବିଭାଗ ଏକ ସଂଶୋଧିତ ଗାଇଡଲାଇନ୍ ଓ ଡିଜାଇନ୍ ପଠାଇ ଏହି ଯୋଜନାରେ ରାଜ୍ୟତମାମ ସମାନ ଡିଜାଇନରେ କମ୍ୟୁନିଟି ସେଣ୍ଟର ନିର୍ମାଣ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାଇକ୍ରୋ ଆକ୍ଟିଭିଟି ସେଂଟର ନିର୍ମାଣର ଆବଶ୍ୟକତା ଥିଲେ ତଦାନୁସାରେ ସରକାରଙ୍କ ଅନୁମୋଦନ ପାଇଁ ପ୍ରସ୍ତାବ ପଠାଇବାକୁ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ(ସ୍ୱତନ୍ତ୍ର ପ୍ରକଳ୍ପ) ଅରିନ୍ଦମ ଡାକୁଆ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ଜନବସତି ପାଖରେ ଏହି ଆକ୍ଟିଭିଟି ସେଂଟର ନିର୍ମାଣ ହେବ, ଯେଉଁଥିରେ ମୋଟ ୬ଲକ୍ଷ ଟଙ୍କା ଖର୍ଚ୍ଚ ହେବ ତଥା ଏହାର ସ୍ୱତନ୍ତ୍ର ଡିଜାଇନ୍ ମଧ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଛି। ଏହି ଗୋଷ୍ଠୀ କେନ୍ଦ୍ରର ଡିଜାଇନ୍ ଏଭଳି ପ୍ରସ୍ତୁତ କରାଯାଇଛି ଯାହା ଘର ମଧ୍ୟକୁ ମୁକ୍ତ ବାୟୁ ଓ ଆଲୋକ ଚଳାଚଳ କରିବାରେ ସହାୟକ ହେବ। ଏହି କେନ୍ଦ୍ରଟି ଲୋକ ବସବାସ କରୁଥିବା ବସ୍ତି ମଧ୍ୟରେ ଅବା ଅତି ନିକଟରେ ରହିବ। ଯାହାର ସର୍ବନିମ୍ନ ସାଇଜ୍ ପ୍ରସ୍ଥ ୫ମିଟର ଓ ଦୈର୍ଘ୍ୟ ୧୩ ମିଟର ଅବା ସର୍ବାଧିକ ପ୍ରସ୍ଥ ୧୦ମିଟର ଓ ଦୈର୍ଘ୍ୟ ୧୫ମିଟର ମଧ୍ୟରେ ରହିବ। ଏହି କମ୍ୟୁନିଟି ସେଣ୍ଟରର ଉଚ୍ଚତା କେତେ ରହିବ, କେଉଁ ପର୍ଯ୍ୟାୟରେ କେତେ ଅର୍ଥ ବ୍ୟୟ ହେବ, ତା'ର ଏକ ବିସ୍ତୃତ ହିସାବ ମଧ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ତେବେ ପ୍ରଶ୍ନ ଉଠୁଛି, ଓଡ଼ିଶା ପ୍ରତିବର୍ଷ ପ୍ରାୟତଃ ବାତ୍ୟାର ସମ୍ମୁଖୀନ ହେଉଥିବାବେଳେ ଏଭଳି ଅସ୍ଥାୟୀ ଜିଆଇ ସିଟ୍ ପକାଇ ଘର ନିର୍ମାଣ କରିବା ପାଇଁ ସରକାର କାହିଁକି ଏତେ ଅର୍ଥ ବ୍ୟୟ କରୁଛନ୍ତି। ଏହି ଘର ନିର୍ମାଣ ପାଇଁ ୬ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲେ ମଧ୍ୟ କାହିଁକି ଉକ୍ତ ଘରକୁ 'ଛାତଘର' କରୁନାହାନ୍ତି। ଏଭଳି ଉଦ୍ଭଟ ଚିନ୍ତାଧାରା ପଛରେ ସରକାରଙ୍କ କ'ଣ ଉଦ୍ଦେଶ୍ୟ ରହିଛି ? ଗାଁ ଗହଳିରେ ଛାତଘର (କମ୍ୟୁନିଟି ସେଣ୍ଟର)ଟିଏ ରହିଲେ ତାହା ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ସମୟରେ କାମରେ ଆସିପାରନ୍ତା। କିନ୍ତୁ ଜିଆଇ ସିଟ୍ ପକାଇ କେବଳ ରାଜକୋଷ ଅର୍ଥକୁ ହରିଲୁଟ୍ ପାଇଁ ଏବେଠୁ ଷଡ଼ଯନ୍ତ୍ର ଚାଲିଥିବା ସାଧାରଣରେ ଚର୍ଚ୍ଚା। ଉଲ୍ଲେଖଯୋଗ୍ୟ, ଏପଟେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ମୋଟ ୪ହଜାର କୋଟି ଟଙ୍କା ବ୍ୟୟବରାଦ କରିବା ସହ ପ୍ରତି ପଂଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ଘୋଷଣା କରିବା ପରେ ଗାଁ ଗହଳିରେ ରାଜନୀତି ଜୋର ଧରିଛି। ବିଜେଡି ନିଜର ନେତାମାନଙ୍କୁ ଏହି ଯୋଜନାର ପ୍ରକଳ୍ପ ଚୂଡ଼ାନ୍ତ କରିବା ପାଇଁ ଦାୟିତ୍ୱ ଦେଇଥିବାରୁ ସରକାରୀସ୍ତରରେ ନିର୍ବାଚିତ ଲୋକପ୍ରତିନିଧିମାନେ ନିଜକୁ ଅସହାୟ ମନେ କରୁଛନ୍ତି। ଯୋଜନାର ପ୍ରକଳ୍ପ ଚୂଡ଼ାନ୍ତକୁ ନେଇ ବିଭିନ୍ନ ଅଞ୍ଚଳରେ ବିବାଦ ଲାଗି ରହିଥିବାରୁ ସେସବୁ ଅଞ୍ଚଳରେ ଏହାର କାର୍ଯ୍ୟକାରିତାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

### ଓଡ଼ିଶାରେ ଏନଏଚ୍ ପ୍ରକଳ୍ପର ସମୀକ୍ଷା କଲେ ଗଡକରୀ

# ଶୀଘ୍ର ସରିବ କାର୍ଯ୍ୟ: ଧର୍ମେନ୍ଦ୍ର

**ଭୁବନେଶ୍ୱର :** ଓଡ଼ିଶାରେ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ନିର୍ମାଣ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ବୈଠକରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ସମୀକ୍ଷା କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନିଜ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଏନଏଚ୍ ପ୍ରକଳ୍ପଗୁଡ଼ିକର ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ଏହି ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୂଚନା ଦେଇ କହିଛନ୍ତି ଯେ, କଟକ-ସମ୍ବଲପୁର ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କ ସହ ଆଲୋଚନା ହୋଇଛି। କୋଷ୍ଟାଲ ହାଇୱେ, ସମ୍ବଲପୁର ରିଙ୍ଗରୋଡ୍ , ଭୁବନେଶ୍ୱର କ୍ୟାପିଟାଲ ରିଙ୍ଗ ରୋଡ୍ କାର୍ଯ୍ୟର ଅଗ୍ରତି ଓ ନିର୍ମାଣ କାର୍ଯ୍ୟ ନେଇ ଏହି ସମୀକ୍ଷା ହୋଇଥିଲା। ସେହିପରି ଢେଙ୍କାନାଳ ଜିଲ୍ଲାର ଭୁବନ ଓ କାମାକ୍ଷାନଗର ଦେଇ ଯାଇଥିବା ଡୁବୁରିରୁ ବହ୍ଲର ଛକ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥ, ଗୋଡ଼ିବନ୍ଧରୁ ବଅଁରପାଳ ପର୍ଯ୍ୟନ୍ତ ରାଜପଥର ପ୍ରଶସ୍ତିକରଣ ସମେତ ଅନ୍ୟାନ୍ୟ ପ୍ରକଳ୍ପ ଉପରେ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଛି। ଏହି ସବୁ ରାଜପଥ ପ୍ରକଳ୍ପଗୁଡ଼ିକର ପରିବେଶ ମଞ୍ଜୁରୀ, ଟେଣ୍ଡର



ପ୍ରକ୍ରିୟା, ଆଲାଇନ୍‌ମେଣ୍ଟ ଓ ଅନ୍ୟାନ୍ୟ ସମସ୍ୟା ବିଷୟରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ବିକାଶରେ ଓଡ଼ିଶାର ସଡ଼କପଥ ଭିତ୍ତିଭୂମିକୁ ମଜଭୁତ କରାଯାଉଛି। ଭାରତ ସରକାରଙ୍କ ଏନଏଚଏଆଇ ଦ୍ୱାରା ଓଡ଼ିଶାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି ବୈଠକରେ ଆଲୋଚନା ହୋଇଥିବା ସମସ୍ତ ଜାତୀୟ ରାଜପଥ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଶ୍ରୀ ଗଡ଼କରୀ ଆଶ୍ୱସ୍ତ କରିଥିବା ଶ୍ରୀ ପ୍ରଧାନ କହିଛନ୍ତି। ଏହି ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସମେତ ଏନଏଚଏଆଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ସହ ଓଡ଼ିଶା ସରକାରଙ୍କ ଏମଓୟୁ ସ୍ୱାକ୍ଷରିତ



**ୱାଶିଂଟନ :** କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ସହ ଓଡ଼ିଶା ସରକାରଙ୍କ ଏମଓୟୁ ସ୍ୱାକ୍ଷରିତ। ରାଜ୍ୟରେ ଅତ୍ୟାଧୁନିକ ଗବେଷଣା କ୍ଷେତ୍ରକୁ ଆହୁରି ପରିବର୍ଦ୍ଧିତ କରିବା ପାଇଁ ଏହି ଏମଓୟୁ ସ୍ୱାକ୍ଷରତି ହୋଇଛି। ଉଭୟଙ୍କ ସହଭାଗିତାରେ ପରିବେଶ ପରିବର୍ତ୍ତନ, ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟ, କୃଷି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି କ୍ଷେତ୍ରରେ କାମ କରିବେ। ଏଥିସହ ସରକାରୀ ଯୋଜନା କେମିତି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଥିବା ମେକାନିଜିମକୁ ଆହୁରି ସୁଦୃଢ଼ କରାଯିବ। ଏଥିସହ ଫ୍ରୋଷ୍ଟ ଓ ସୁଲିଭାନ ଫାର୍ମ ସହ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଭୁବନେଶ୍ୱରରେ ସେଣ୍ଟର ଅଫ ଏକ୍ସଲେନ୍ସ ପ୍ରତିଷ୍ଠା କରିବା ପାଇଁ ଫ୍ରୋଷ୍ଟ ଓ ସୁଭିଲିଆନ ଫାର୍ମ ଆଗ୍ରହ ପ୍ରକାଶ କରିଛି। ଏଥିରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ୫୦ ହଜାର ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦେବାକୁ ବ୍ୟବସ୍ଥା କରାଯିବ। ରାଜ୍ୟ ସରକାରଙ୍କ ଏକ ଟିମ୍ ସିଲକନ୍ ଭ୍ୟାଲି ଯାଇ ବଡ଼ ବଡ଼ ଅନୁଷ୍ଠାନର ଅଧିକାରୀଙ୍କୁ ଭେଟିଥିଲେ। ସ୍କାଏୱାର୍କ୍ସ ସଲ୍ୟୁସନର ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଓଡ଼ିଶାରେ ନିବେଶ ପାଇଁ ନିମନ୍ତ୍ରଣ କରାଯାଇଛି। ଓଡ଼ିଶାରେ ନିବେଶ ପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ରାଜ୍ୟ ସରକାରଙ୍କ ପ୍ରତିନିଧି ମଣ୍ଡଳ ସେମାନଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ଏହି ଟିମ୍‌ରେ ୫ଟି ସଚିବ ଭିକେ ପାଣ୍ଡିଆନ, ଡେଭେଲପମେଣ୍ଟ କମିଶନର ଅନୁଗର୍ଗ, ମନ୍ତ୍ରୀ ତୁଷାରକାନ୍ତି ବେହେରା ଥିଲେ।

# ଆର୍ଥିକ ପରିଚାଳନାରେ ସଶକ୍ତ ଓଡ଼ିଶା

### ମୁଣ୍ଡପିଛା ଋଣବୋଝ ହ୍ରାସରେ ଲଗାତର ୩ ବର୍ଷ ଧରି ସଫଳତା

**ଭୁବନେଶ୍ୱର:** ଆର୍ଥିକ ପରିଚାଳନାରେ ସଶକ୍ତ ହେଉଛି ଓଡ଼ିଶା। କମୁଛି ମୁଣ୍ଡପିଛା ଋଣବୋଝ ଓ ଶୃଙ୍ଖଳିତ ହେଉଛି ବିତ୍ତୀୟ ପରିଚାଳନା। ବଡ଼ ବଡ଼ ରାଜ୍ୟକୁ ପଛରେ ପକାଇ ଋଣଭାର ୧୨ ପ୍ରତିଶତକୁ ହ୍ରାସ କରିଛି ଓଡ଼ିଶା। ରାଜ୍ୟ ସରକାରଙ୍କ ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ଲଗାତର ଭାବେ ଦେଶକୁ ବାଟ ଦେଖାଇଛି। ସଂସଦରେ ପ୍ରକାଶିକ ସଦ୍ୟ ରିପୋର୍ଟରେ ଓଡ଼ିଶାକୁ ମିଳିଛି ବଡ଼ ସ୍ୱୀକୃତି। ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶରେ ଏକମାତ୍ର ରାଜ୍ୟ ଭାବେ ଓଡ଼ିଶାର ଋଣଭାର କମିଛି। ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ଓଡ଼ିଶାର ଋଣଭାର ୧୨ପ୍ରତିଶତ କମିଛି। ବିଜେପି, କଂଗ୍ରେସ ଶାସିତ ବଡ଼ ବଡ଼ ରାଜ୍ୟକୁ ପଛରେ ପକାଇଛି ଓଡ଼ିଶା। ୨୦୨୧ -୨୨ରେ ଓଡ଼ିଶାର ଋଣଭାର ୧ ଲକ୍ଷ ୨୯ ହଜାର ୩୫୬ କୋଟିକୁ ହ୍ରାସ ପାଇଛି। ରାଜ୍ୟ ସରକାରଙ୍କ ଆର୍ଥିକ ପରିଚାଳନାକୁ ବିଶେଷଜ୍ଞମାନେ ପ୍ରଶଂସା କରିବା ସହ ଦେଶ ପାଇଁ ଓଡ଼ିଶା ଉଦାହରଣ ସାଜିଛି ବୋଲି କହିଛନ୍ତି। ବିତ୍ତୀୟ ପରିଚାଳନା ଓ ପ୍ରଦର୍ଶନରେ ଓଡ଼ିଶା ଦେଶରେ ୧ ନମ୍ବର ହୋଇଛି। ରାଜ୍ୟର ନିଜସ୍ୱ ଟିକସ ଆଦାୟ ଯୋଗୁଁ ରାଜସ୍ୱ ବଢୁଥିବା ବେଳେ କେନ୍ଦ୍ର ଉପରେ ନିର୍ଭରଶୀଳତା କମୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଆଜି ଆର୍ଥିକ ପରିଚାଳନାରେ ପୂରା ଦେଶ ପାଇଁ ରୋଲ ମଡେଲ ସାଜିଥିବା ବିଜେଡି କହିଛି। ଲଗାତର ୩ ବର୍ଷ ଧରି ଓଡିଶା ଋଣଭାର ପରିମାଣ କମାଇ ଚାଲିଛି। କେନ୍ଦ୍ରର ତଥ୍ୟ ଅନୁସାରେ ବହୁ ବିକଶିତ ରାଜ୍ୟକୁ ପଛରେ ପକାଇଛି ଓଡ଼ିଶା। ବିଜେପି ଶାସିତ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶରେ ଋଣଭାର ବଢି ବଢି ଚାଲିଛି। ଦିଲ୍ଲୀର ଋଣଭାର ସର୍ବାଧିକ ୩୩.୩, ରାଜସ୍ଥାନର ୧୭.୨, ଆସାମର ୧୬.୪, ମଧ୍ୟପ୍ରଦେଶର ୧୫.୮, ମହାରାଷ୍ଟ୍ରର ୧୪ ପ୍ରତିଶତ ବୃଦ୍ଧି ପାଇଛି। ଓଡ଼ିଶା ବ୍ୟତୀତ ସବୁ ରାଜ୍ୟରେ ଋଣଭାର ବଢିଛି । ଋଣଭାର କମାଇବାରେ ଓଡ଼ିଶାର ସଠିକ ଆର୍ଥିକ ପରିଚାଳନା ସଫଳତା ଦେଇଛି ବୋଲି ଅର୍ଥନୈତିକ ସମୀକ୍ଷକ କହିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ବଜେଟ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ବିତ୍ତୀୟ ନିଅଣ୍ଟିଆ ରାଜ୍ୟରୁ ଓଡ଼ିଶା ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି। ମୁଣ୍ଡପିଛା ଋଣଭାର ହ୍ରାସ କରିବାରେ ଓଡ଼ିଶାର ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

## ଓଡିଶା ମୋଟରଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ବୋର୍ଡ ଗଠିତ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟ ସରକାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧକ୍ଷତାରେ ଓଡିଶା ମୋଟରଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ଏହି ବୋର୍ଡରେ ବିଧାୟକ, ଧର୍ମଶାଳା ଶ୍ରୀ ପ୍ରଣବ ବଳବନ୍ତରାୟ ଓ ବିଧାୟିକା, ଝାରସୁଗୁଡା ସୁଶ୍ରୀ ଦୀପାଳି ଦାସଙ୍କୁ ସଦସ୍ୟଭାବେ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୋର୍ଡରେ ପରିବହନ ବିଭାଗର ଅଧିକାରୀ, ଗାଡି ମାଲିକ ସଂଘର ପ୍ରତିନିଧି, ଚାଳକ ସଂଘର ପ୍ରତିନିଧି, କର୍ମଚାରୀ ସଂଘର ପ୍ରତିନିଧି ତଥା ସାମାଜିକ କର୍ମୀ ମଧ୍ୟ ସଦସ୍ୟଭାବେ ରହିବେ। ଜୁନ୍ ୧୨,୨୦୨୩ରେ ମୁଖ୍ୟମନ୍ତ୍ରୀ ଏହି ବୋର୍ଡ ଗଠନ ନିମନ୍ତେ ଘୋଷଣା କରିଥିଲେ । ଏହି ବୋର୍ଡ ଡ୍ରାଇଭର ତଥା କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ ଏବଂ ଡ୍ରାଇଭର ତଥା କର୍ମଚାରୀଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବେ। ଏହି କଲ୍ୟାଣ ବୋର୍ଡ ଦ୍ୱାରା ରାଜ୍ୟର ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଡ୍ରାଇଭର ଓ କର୍ମଚାରୀ ତଥା ସେମାନଙ୍କ ପରିବାରବର୍ଗ ଉପକୃତ ହେବେ।

# ବିନା ବୀମାରେ ଗଡୁଛି ୨୫ ଲକ୍ଷ ଗାଡ଼ି

**ଭୁବନେଶ୍ୱର :** ବିନା ଇନସ୍ୟୁରାନ୍ସରେ ଗଡୁଛି ୨୫ ଲକ୍ଷ ଗାଡ଼ି। ୩ ଲକ୍ଷ ଗାଡ଼ିର ନାହିଁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ। ପଲ୍ୟୁସନ୍, ଫିଟନେସ୍ ନିୟମର ବି ଖୋଲାଖୋଲି ଉଲଘଂନ। ୧ ତାରିଖରୁ ଚେକିଂକୁ ବ୍ୟାପକ କରିବାକୁ ପରିବହନ ବିଭାଗର ନିର୍ଦ୍ଦେଶ। ପରିବହନ ବିଭାଗ ନିୟମ କରୁଛି, ହେଲେ ଏହାର ଅନୁପାଳନ ହେଉନି। ଯେଉଁଥିପାଇଁ ଦୁର୍ଘଟଣାରେ ପାଣି ଫୋଟକା ଭଳି ଚାଲିଯାଉଛି ଜୀବନ। ଇନସ୍ୟୁରାନ୍ସ, ଫିଟ୍ନେସ୍, ପଲ୍ୟୁଶନ ସାର୍ଟିଫିକେଟ ଓ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନଥାଇ ଲକ୍ଷ ଲକ୍ଷ ଗାଡି ରାସ୍ତାରେ ସେମିତି ଗଡୁଛି। ରାଜ୍ୟରେ ବର୍ତ୍ତମାନ ୩ ଲକ୍ଷରୁ ଅଧିକ ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ନଥିବା ବେଳେ ୨୫ ଲକ୍ଷରୁ ଅଧିକ ଗାଡି ବିନା ଇନ୍‌ସ୍ୟୁରାନ୍ସରେ



ଚାଲୁଛି। ୭ ଲକ୍ଷ ଗାଡିର ପଲ୍ୟୁଶନ ସାର୍ଟିଫିକେଟ ନାହିଁ। ମୋଟର ଭେଇକିଲ ଆକ୍ଟ ୧୯୮୮ର ଧାରା ୧୪୬ ଅନୁସାରେ ବିନା ଇନସ୍ୟୁରାନ୍ସରେ ଗାଡିଗୁଡିକ ଚଳାଚଳ କରୁଥିଲେ ପ୍ରଥମଥର ୨ ହଜାର ଟଙ୍କା ଓ ଦ୍ୱିତୀୟଥର ଧରାପଡିଲେ ୪ ହଜାର ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। କିନ୍ତୁ ଚେକିଂ ଅଭାବରୁ ବେଫିକର ବୁଲୁଛନ୍ତି ଅମାନିଆ। ପରିବହନ ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟରେ ଦୁଇଚକିଆ ଯାନ ୬୩ ଲକ୍ଷ ୯୯ ହଜାର ୭୦୭ ଥିବାବେଳେ ୧୨ ଲକ୍ଷ ୧୦ ହଜାର ୨୬୯ଟି ଚାରିଚକିଆ ଯାନ ରହିଛି। ସେହିପରି ୪ ଲକ୍ଷ ୧୦ ହଜାର ୪୩୯ଟି ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଗାଡି ରହିଛି। ଏଥିରୁ ୨୦ ଲକ୍ଷ ୫୫ ହଜାର ୫୭୦ଟି ଦୁଇଚକିଆ ଓ ୪ଲକ୍ଷ ୧୫ ହଜାର ଚାରିଚକିଆ ଗାଡିର ଇନ୍‌ସ୍ୟୁରାନ୍ସ ନାହିଁ। ସେହିପରି ୪ ଲକ୍ଷ ୧୫ ହଜାର ବସ୍, ଟ୍ରକ୍ ଓ ଅନ୍ୟ ଭାରିଯାନ ମଧ୍ୟରୁ ପାଖାପାଖି ୧୫ରୁ ୨୦ ହଜାର ଗାଡିର ଫିଟ୍‌ନେସ୍ ଓ ଅଧିକାଂଶ ଗାଡିର ପଲ୍ୟୁଶନ ସାର୍ଟିଫିକେଟ ନାହିଁ। ପରିବହନ ବିଭାଗ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଜାରି ରହିଛି। ଏହାସହ ପୋଲିସ ମଧ୍ୟ ଏନଏଚ୍ ଓ ସହର ମଧ୍ୟରେ ଚେକିଂ କରୁଛି। ଏହାସତ୍ତ୍ୱେ ଅମାନିଆଁକୁ ସାବାଡ଼ କରିବାକୁ ଏହା ଯଥେଷ୍ଟ ହେଉନାହିଁ। ଦୁର୍ଘଟଣାକୁ ନେଇ ସୁପ୍ରିମକୋର୍ଟ କମିଟି ଉଦବେଗ ପ୍ରକାଶ କରୁଛି। ତଥାପି ବିଭାଗ ଭିତରେ ସମନ୍ୱୟ ଅଭାବରୁ ଅନୁପାଳନ ହେଉନି ନିୟମ।

### ରାଜ୍ୟରେ ଫାଇଲେରିଆ ନିରାକରଣ ଲାଗି ଦିଆଯିବ ଆଇଭରମେଟିନ ବଟିକା

# ଅଗଷ୍ଟ ୧୦ରୁ ଆରମ୍ଭ ହେବ ଅଭିଯାନ

**ଭୁବନେଶ୍ୱର :** ରାଜ୍ୟରେ ଫାଇଲେରିଆ ନିରାକରଣ ଲାଗି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ଫାଇଲେରିଆ ରୋଗ ନିରାକରଣ ପାଇଁ ଆଇଭରମେଟିନ ବଟିକା ଦିଆଯିବ। ଆସନ୍ତା ଅଗଷ୍ଟ ୧୦ରୁ ରାଜ୍ୟରେ ସାମୁହିକ ଔଷଧ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଅଗଷ୍ଟ ୧୦ରୁ ୧୯ ତାରିଖ ଯାଏଁ ଏହି କାର୍ଯ୍ୟକ୍ରମ ଚାଲିବ। ୧୧ ଜିଲ୍ଲାର ୧ କୋଟି ୮୧ ଲକ୍ଷ ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୬୫ ହଜାର ୬୬୬ ଡ୍ରଗ୍ ଅଫିସର ନିୟୋଜିତ ହେବେ। ୧୦ ଦିନ ଭିତରେ ସମସ୍ତଙ୍କୁ ଔଷଧ



ସେବନ କରାଇବା ଲକ୍ଷ୍ୟ ରଖାଯାଇଛି। ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଶିଶୁ, ଏକ ସପ୍ତାହ ଭିତରେ ଶିଶୁ ଜନ୍ମ କରିଥିବା ମାଆ ଓ ଅତ୍ୟନ୍ତ ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଔଷଧ ଦିଆଯିବନି। ଆଶାକର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ଲୋକଙ୍କୁ ଏହି ଔଷଧ ଖୁଆଇବେ। ସୂଚନା ଥାଉକି, ଏବେ ରାଜ୍ୟର ୯ ଜିଲ୍ଲା ଫାଲେରିଆମୁକ୍ତ ଘୋଷଣା ପାଇଁ ଯୋଗ୍ୟ ବିବେଚିତ ହୋଇସାରିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଂଜନ ମିଶ୍ର କହିଛନ୍ତି ଯେ, କ୍ରୁମି ପାଇଁ ଦିଆଯାଉଥିବା ଏହି ବଟିକା କୋଭିଡ ସମୟରେ ନିରାକରଣ ପାଇଁ ବ୍ୟବହାର ହୋଇ ଚର୍ଚ୍ଚାକୁ ଆସିଥିଲା। ପୂର୍ବରୁ ଫାଇଲେରିଆ ପାଇଁ ଆଲବେନଡାଜୋଲ ଓ ଡିଇସି ବଟିକା ଦିଆ ଯାଉଥିବା ବେଳେ ଏବେ ଏହା ସହ ଆଇଭରମେଟିନ ମଧ୍ୟ ଦିଆଯିବ।

### ୮ ଶିଳ୍ପ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ଅନୁମୋଦନ

# ବିନିଯୋଗ ହେବ ୧୨୫୦ କୋଟି, ୩୬୪୦ ନିଯୁକ୍ତି ସମ୍ଭାବନା

**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସଡବ୍ଲ୍ୟୁସିଏ)ର ୧୨୦ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କମିଟି ପ୍ରାୟ ୧୨୫୦ କୋଟି ଟଙ୍କା ବିନିଯୋଗରେ ୮ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୩୬୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ଯଥେଷ୍ଟ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।ପୁଞ୍ଜିନିବେଶ ଉଦ୍ଦେଶ୍ୟକୁ ଦୃଢ଼ ବାସ୍ତବତାରେ ପରିଣତ କରିବା ଦିଗରେ ଓଡ଼ିଶା ସରକାରଙ୍କ ପ୍ରଗତିଶୀଳ ଦୃଷ୍ଟିକୋଣ ଫଳପ୍ରଦ ହେବାରେ ଲାଗିଛି। ଏହି ବିବିଧ ପ୍ରକଳ୍ପଗୁଡ଼ିକର ସଫଳ ଅନୁମୋଦନ ଆର୍ଥିକ ବର୍ଷ ୨୦୨୩ରେ ଚାଲିଥିବା ପୁଞ୍ଜିନିବେଶକୁ ଆକୃଷ୍ଟ କରିବାରେ ରାଜ୍ୟମାନଙ୍କ ମଧ୍ୟରେ ଦେଶର ଦ୍ୱିତୀୟ ସର୍ବାଧିକ ଚାହିଦାପୂର୍ଣ୍ଣ ନିବେଶ ସ୍ଥଳ ଭାବରେ ନିଜର ପ୍ରତିଷ୍ଠା ବଜାୟ ରଖିବା ଏବଂ ଉନ୍ନତ କରିବାକୁ ରାଜ୍ୟ ସରକାରଙ୍କ ସଂକଳ୍ପକୁ ସୂଚାଉଛି। ୧୨୦ତମ ଏସ୍‌ଏଲ୍‌ଏସଡବ୍ଲୁସିଏରେ ଏସବୁ ପ୍ରକଳ୍ପଗୁଡ଼ିକୁ ସବୁଜ ସଂକେତ ମିଳିଛି, ଯାହାକି ଓଡ଼ିଶାରେ ଶିଳ୍ପ ଇକୋସିଷ୍ଟମର ଦୃତ ସଂପ୍ରସାରଣ ସଂପର୍କରେ ଉଦାହରଣ ଦେଉଛି। ପୋଷାକ ଏବଂ ବୟନ ଶିଳ୍ପ କ୍ଷେତ୍ରରେ ବିକେ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କୁ ଏକ ମୋଜା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦିଆଯାଇଛି, ଯାହା ୫୨.୦୦ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିବ ଏବଂ ୮୦୦ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି। ମମତା ଫେବ୍ରିକ୍ସ ପ୍ରାଇଭେଟ୍ ଲିମିଟେଡ୍ ର ରେଡିମେଡ୍ ପୋଷାକ ଉତ୍ପାଦନ ୟୁନିଟ୍ ୫୦.୦୦ କୋଟି



ଟଙ୍କା ବିନିଯୋଗରେ ପ୍ରତିଷ୍ଠା ହେବ ଏବଂ ଏହା ଖୋର୍ଦ୍ଧାରେ ବୟନ ଶିଳ୍ପକୁ ଆହୁରି ସୁଦୃଢ଼ କରି ୨,୦୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଇସ୍ପାତ (ଡାଉନଷ୍ଟ୍ରିମ୍) କ୍ଷେତ୍ରରେ ଏକ ପ୍ରତିଷ୍ଠିତ ନିର୍ମାତା ୧,୮୦,୦୦୦ ସଂଖ୍ୟକ ଇସ୍ପାତ କବାଟ ଓ ଝରକା ସହ ଅନ୍ୟାନ୍ୟ ଉତ୍ପାଦ ଉତ୍ପାଦନ ପ୍ରସ୍ତୁତି ନିମନ୍ତେ ୧୪୭.୬୪ କୋଟି ଟଙ୍କାର ପୁଞ୍ଜିନିବେଶ ପୂର୍ବକ ଏକ ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୧୫୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ନାଜୋନ୍ ଟ୍ୟୁବ୍ ଉତ୍କଳ ଲିମିଟେଡ୍ ୧,୬୦,୦୦୦ ମେଟ୍ରିକ୍ ଟନ୍ ଏମ୍ ଏସ୍ ବର୍ଗାକାର ଓ ଆୟତାକାର ପାଇପ୍ ଓ ଟ୍ୟୁବ୍ ପ୍ରସ୍ତୁତି ନିମନ୍ତେ ଏକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ୧୦୫ କୋଟି ଟଙ୍କା ବିନିଯୋଗ ଏବଂ ୫୦ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ଯାଜପୁର, କଳିଙ୍ଗ ନଗରରେ ଏହାର ଥିବା ବର୍ତ୍ତମାନର କାରଖାନାକୁ ସମ୍ପ୍ରସାରଣ କରିବାକୁ ଯୋଜନା କରିଛି । ବେଦାନ୍ତ ଲିମିଟେଡର ୪.୫ ଏମପିଟିଏ ଲୁହାପଥର ବିଶୋଧନ ପ୍ଲାଣ୍ଟକୁ ଅନୁମୋଦନ ମିଳିବା ପରେ ଓଡ଼ିଶାରେ ଖଣି ଓ ଧାତୁ ବିଜ୍ଞାନ କ୍ଷେତ୍ରକୁ ଆହୁରି ପ୍ରୋତ୍ସାହନ ମିଳିଛି । ୮୦,୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ପ୍ରକଳ୍ପ ୧୫୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବା ସହ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ାରେ ଅବସ୍ଥିତ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ରାଜ୍ୟର ଦକ୍ଷତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ବିଜୁ ଅର୍ଥନୈତିକ କରିଡରରେ ପଶ୍ଚିମ ଓଡ଼ିଶାରେ ପାଖାପାଖି ୮୧୦ କୋଟି ଟଙ୍କାର ମିଳିତ ବିନିଯୋଗରେ ଶସ୍ୟ ଭିତ୍ତିକ ଇଥାନଲ ଉତ୍ପାଦନ ପାଇଁ ସବୁଜ ସଙ୍କେତ ମିଳିବା ସହ ଓଡ଼ିଶାରେ କୃଷି ପ୍ରକ୍ରିୟାକରଣ ଶିଳ୍ପ ଆହୁରି ବିକଶିତ ହୋଇଛି। ପୁଞ୍ଜିନିବେଶ ଆକୃଷ୍ଟ କରିବା ଏବଂ ଅନୁକୂଳ ବ୍ୟବସାୟିକ ବାତାବରଣ ସୃଷ୍ଟି କରିବା ଦିଗରେ ଓଡ଼ିଶା ସରକାରଙ୍କ ପ୍ରଶଂସନୀୟ ପ୍ରୟାସ ପୂର୍ବ ଭାରତରେ ପାଦ ଥାପିବାକୁ ଚାହୁଁଥିବା ଶିଳ୍ପଗୁଡ଼ିକ ପାଇଁ ଏହା ଏକ ଆକର୍ଷଣୀୟ ସ୍ଥାନରେ ପରିଣତ ହେଉଛି। ୧୨୦ତମ ଏସଏଲଏସଡବ୍ଲ୍ୟୁସିଏ ବୈଠକ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଏହି ଅଞ୍ଚଳରେ ବୃଦ୍ଧି ପାଉଥିବା ଶିଳ୍ପ ଶକ୍ତି ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ରାଜ୍ୟର ପ୍ରତିବଦ୍ଧତାର ପ୍ରମାଣ ଭାବେ ଉଭା ହୋଇଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୧ ଜୁଲାଇ - ୬ ଅଗଷ୍ଟ, ୨୦୨୩

# ଶାନ୍ତିର ମାର୍ଗ ଖୋଜ

ଜୀବନରେ ନିରାଶାର ଘନ ଅନ୍ଧକାର ଘୋଟିଲେ ବି ତନ୍ମଧ୍ୟରେ ଆଶାର କିରଣ ସଞ୍ଚାର ହେବା କିଛି ବିଚିତ୍ର ନୁହେଁ। ତେଣୁ ସଂସାର ରୂପକ ନାଆରେ ବସିବା ଏବଂ କୂଳ ଛୁଇଁବାର ଆଶା ସଞ୍ଚାର ହେବା ଏକ ଭିନ୍ନ ଅନୁଭୂତି। ଯେଉଁମାନେ ନିଜ ଚାରିପଟେ ଥିବା ଦୁଃଖର ପାହାଡ଼କୁ ଅତିକ୍ରମ କରିପାରନ୍ତି ସେମାନେ ଅନାୟାସରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି। ହେଲେ ଏହି ଲକ୍ଷ୍ୟସ୍ଥଳ କଣ ବୋଲି ପଚରାଗଲେ ହୁଏତ ଏହାର ସଠିକ ଉତ୍ତର ଦେବା ସହଜ ହୋଇନପାରେ। କାରଣ ଭିନ୍ନ ଭିନ୍ନ ପରିସ୍ଥିତି ଓ ପରିବେଶ ହିଁ ଲକ୍ଷ୍ୟସ୍ଥଳ ପାଇଁ ନିର୍ଣ୍ଣାୟକ ଭୂମିକା ନିଭାଇଥାଏ। ଯଦିଓ ଆମେ ବିଶ୍ୱାସ କରି ଈଶ୍ୱର ଆମକୁ ଜନ୍ମ ଦେଇଛନ୍ତି, ସେ ସବୁ ସ୍ଥିର କରିବେ। ହେଲେ ଅଦୃଶ୍ୟରେ ଥାଇ ଈଶ୍ୱର କିଭଳି ଆମ ଲକ୍ଷ୍ୟ ପଥ ନିର୍ଦ୍ଧାରଣ କରିବେ! ସେଭଳି ହୋଇଥିଲେ ପ୍ରତ୍ୟେକ ବ୍ୟକ୍ତି ସୁଖ ଓ ଆନନ୍ଦରେ ରହିପାରିଥାନ୍ତେ। ହେଲେ ସେଭଳି ହେବାର ଅନୁଭବ କ୍ୱଚିତ ବ୍ୟକ୍ତିଙ୍କ ନିକଟରେ ଥାଇପାରେ। ମାତ୍ର ଆମକୁ ଯୋଗ୍ୟତା ଅନୁସାରେ କର୍ମ କରିବାକୁ ପଡେ, ତଦ୍ୱାରା ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବାର ଆଗ୍ରହ ସୃଷ୍ଟି ହୋଇଥାଏ। ବିଡ଼ମ୍ବନାର କଥା ହେଉଛି ଆମେ ନିଜେ ନିଜର କର୍ତ୍ତବ୍ୟ, ଦାୟିତ୍ୱ ଭୁଲି ଅନ୍ୟର ସୁଖ ଭୋଗ ଉପରେ ନଜର ପକାଉ। ଯାହାର ପରିଣାମ ଆମ ଭିତରେ ଅସୂୟା, ଆଳସ୍ୟ, କ୍ରୋଧ ଏବଂ ହିଂସା ମନୋବୃତ୍ତି ବଢିଥାଏ। ଅବଦମିତ ଇଚ୍ଛା ପୂରଣର ଯେଉଁ ଆକାଂକ୍ଷା ସୃଷ୍ଟି ତାହାର ପୂର୍ତ୍ତି ନିମନ୍ତେ ଅସାଧୁ ପଥ ନିର୍ଦ୍ଧାରଣ କରିବା ଦିଗରେ କିଛି ଲୋକ ବ୍ୟଗ୍ର ହୋଇଉଠନ୍ତି। ଫଳସ୍ୱରୂପ ଅନ୍ୟାୟ ମାର୍ଗରେ ଯାଇ ଇଚ୍ଛାକୁ ଫଳବତୀ କରିବାର ଚିନ୍ତା ବଢିବା ସହିତ ହତାଶ ହେଲେ ଦୁଶ୍ଚିନ୍ତାର ଶିକାର ହେବାକୁ ପଡିପାରେ। ତେଣୁ କାହାର ଉତ୍ଥାନ ଦେଖି ହିଂସୃକ ହେବା ବଦଳରେ ନିଜେ କିଛି ଉତ୍ତମ କର୍ମରେ ନିୟୋଜିତ ହେବା ଚିନ୍ତା ମନ ଭିତରେ ଜାଗ୍ରତ କରିବାକୁ ପଡିବ। କିନ୍ତୁ ଆଜିକାଲି ଯାହା ଦେଖିବାକୁ ମିଳୁଛି, ସେଥିରେ ମଣିଷ ଅତିମାତ୍ରାରେ ଛଳନାଶ୍ରିତ। ଯିଏ ଯାହା ନୁହେଁ ତାହାଠାରୁ ଅଧିକ ବୋଲି ଦେଖେଇହେବାର ଏକପ୍ରକାର ପ୍ରତିଯୋଗିତା ଚାଲିବା ଭଳି। ତେଣୁ କର୍ମ ଓ ନିଷ୍ଠା ମଧ୍ୟରେ ସନ୍ତୁଳନ ଅପେକ୍ଷା ମିଛ ମଣିଷର ଅଭିନୟ ଭଳି ଜୀବନ ଦୁର୍ବିସହ ହୋଇଚାଲିଛି। ସାମ୍ପ୍ରତିକ ସମୟରେ ମାନସିକ ସ୍ଥିତିକୁ ବଜାୟ ରଖିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ହୁଏତ ମଣିଷ ଏହାକୁ ଦୃଢ଼ ଭାବେ ସ୍ୱୀକାର କରିନପାରେ। କିନ୍ତୁ ଜଣଙ୍କର ପାରିପାର୍ଶ୍ୱିକ ଅବସ୍ଥା ହିଁ ଏହାର ସୂଚନା ଦେଇଥାଏ। ଯେପର୍ଯ୍ୟନ୍ତ ମନ ଭିତରେ ସ୍ଥିରତା ଆସିନାହିଁ ସେପର୍ଯ୍ୟନ୍ତ ଜଣେ ସୁସ୍ଥ ମଣିଷ ଭାବେ କାର୍ଯ୍ୟ କରିପାରିବ ବୋଲି ବିଶ୍ୱାସ ମଧ୍ୟ ହୋଇନଥାଏ। ସେଭଳି ବ୍ୟକ୍ତିଙ୍କ ଜୀବନରେ ନୂତନ ଆଶା ଜାଗ୍ରତ ହେବା କଷ୍ଟକର। କାରଣ ମନ ଭିତରେ ବ୍ୟାକୁଳତା ରଖି କାମ କରିବା ଉପରେ ଧ୍ୟାନ ନରଖି ଜୀବନ ପ୍ରତି ବିତୃଷ୍ଣା ଭାବ ସୃଷ୍ଟି କରିବା ଦ୍ୱାରା ପରିସର ସଙ୍କୁଚିତ ହୋଇପଡେ। ଜଣେ ଯେତିକି ପଥ ଅତିକ୍ରମ କରିବାର କ୍ଷମତା ରଖିଥାଏ ତାହା ହରାଇବସେ। ସବୁରି ମୂଳରେ ବିଶ୍ୱାସ ଓ ଭରସା ରହିବା ନିତାନ୍ତ ଆବଶ୍ୟକ। କାହାକୁ ବିଶ୍ୱାସ ନକଲେ ତୁମକୁ ମଧ୍ୟ କେହି ବିଶ୍ୱାସ କରିବେନାହିଁ। ଜଣେ ହୁଏତ ଅନ୍ୟ ଉପରେ ନିର୍ଭରଶୀଳ ହୋଇ ବଞ୍ଚିବା ଠିକ ହୋଇନପାରେ, ମାତ୍ର ଅନ୍ୟ ପ୍ରତି ବିଶ୍ୱାସ ଭାବ ସୃଷ୍ଟି କରିବା ହେଉଛି ମାନବୀୟ ଧର୍ମ। ଯେମିତିକି ବିଶ୍ୱାସ ମୂଳେ ଏ ଜଗତ ଓ ସମ୍ପର୍କ। ଈଶ୍ୱରୀୟ ସତ୍ତା ଏକ ଅନୁଭବ, ଏହାକୁ ଚାଲେଞ୍ଜ କରି ଦେଖି ହୁଏନାହିଁ। ସୂକ୍ଷ୍ମ ବସ୍ତୁଟିର ଆକାର ପ୍ରକାର ଅପେକ୍ଷା ଏହାର ଅନୁଭବ ହିଁ ବିଶେଷତ୍ୱ। ଯେକୌଣସି ପରିସ୍ଥିତିରେ ମଣିଷ ଆଶାବାଦୀ ହେବା ଦରକାର। ନିରାଶାବାଦ ଅନ୍ଧକାର ସଦୃଶ। ଏହା ଭିତରକୁ ଥରେ ଟାଣି ହୋଇଗଲେ ଆଗକୁ ଥିବା ରାସ୍ତା ଅଦୃଶ୍ୟ ହୋଇପଡେ। ଅନ୍ଧାରୀ ଗୁମ୍ଫା ମଧ୍ୟରେ ଥାଇ ଆଲୋକ ଖୋଜିବା କଷ୍ଟ ହୋଇପାରେ, ମାତ୍ର ଆଲୋକ ଖୋଜିବା ହେଉଛି କର୍ତ୍ତବ୍ୟ। ନିଜେ ନିଜ ପାଇଁ ପଥ ନଖୋଜିଲେ ଅନ୍ୟ ଜଣେ କିପରି ଏହାକୁ ସମ୍ଭବ କରିପାରିବ! ସମୟ ସମସ୍ତଙ୍କ ଉପରେ ଦାଉ ସାଧିପାରେ। ଆମକୁ ଭୋଗିବାକୁ ଥିବା କର୍ମଫଳ ଏ ଜନ୍ମରେ ହିଁ ସାମ୍ନା କରିବାକୁ ହୁଏ। ହେଲେ ଏହାର ଅର୍ଥ ନୁହେଁ ଯେ ବିପଦ ଆସିବା କ୍ଷଣି ହାରିଯିବାର ଭୟ ନିଜ ଭିତରେ ସ୍ଥାନଦେବା। ହଜାର ହଜାର ବର୍ଷ ଧରି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ସମାଜ ଆଗକୁ ଗତି କରୁଛି। ଏଥିରେ ଚିନ୍ତିତ ହେବାର କାରଣ କଣ। ବିପଦ ଆସେ ଓ ଚାଲିଯାଏ। ଯେଉଁମାନେ ଏହାର ସଠିକ ମୁକାବିଲା କରିପାରନ୍ତି ସେମାନଙ୍କ ଜୀବନରେ ଭବିଷ୍ୟତର ଆଶା ଦୃଢ଼ ହୁଏ। ତେଣୁ ସବୁ ମୂଳରେ ଆଶାବାଦ ହିଁ ଆଲୋକ ପଥ, ଯେଉଁପଟେ ଯିବାକୁ ପଡିଥାଏ। ହତାଶ ହେଲେ କେହି କିଛି କରିପାରିବେନି। ଜଣେ ମନୋବିଜ୍ଞାନୀ ହୁଏତ ଚିକିତ୍ସା କରିପାରେ ମାତ୍ର ଆମକୁ ମାନସିକ ସୁସ୍ଥତା ଦରକାର। ଯାହା ନିଜେ ଚିନ୍ତା କରି ଜୀବନକୁ ସେଭଳି ଗଢିବାକୁ ପଡେ। ଆତ୍ମଶୁଦ୍ଧି ଦ୍ୱାରା ଶରୀର ଓ ମନକୁ ନିର୍ମଳ ରଖି ଜୀବନରେ ଯେଉଁ ମଣିଷ ଆଗକୁ ଚାଲିବାର ଲକ୍ଷ୍ୟ ରହିଥାଏ, ସିଏ ନିଶ୍ଚୟ ଲକ୍ଷ୍ୟସ୍ଥଳରେ ପହଂଚିପାରେ। ବାଧାବିଘ୍ନ ତ ନିଶ୍ଚୟ ଆସିବ ହେଲେ ଏହାକୁ ପ୍ରତିହତ କରିବାର କ୍ଷମତା ଈଶ୍ୱର ମଣିଷକୁ ଦେଇଛନ୍ତି। ମଣିଷ ଜାଣିଶୁଣି ବୋକା ହେବାର ଅଭିନୟ କରିଚାଲିଲେ ସ୍ୱୟଂ ଈଶ୍ୱର ମଧ୍ୟ ଅସହାୟ ହୋଇପଡିବେ। ବୁଦ୍ଧି, ବିବେକ ଓ ଜ୍ଞାନ ମାଧ୍ୟମରେ ବହୁ ଅସାଧ୍ୟ କାର୍ଯ୍ୟ ସହଜରେ ହୋଇପାରେ।ଏକଥା ବୁଝିପାରିବା ହେଉଛି ଦିବ୍ୟଜ୍ଞାନ। ଅନେକ ସମୟରେ ଦେଖିବାକୁ ମିଳିଛି ମଣିଷ ଆଳସ୍ୟ ବଶତଃ ହେଉ କିମ୍ବା କାର୍ତ୍ତବ୍ୟରେ ଅବହେଳା କରି ନିଜ ଜୀବନକୁ ନର୍କକୁ ଠେଲିଦେଇଛି। ହେଲେ ଏଥିରୁ ଉଦ୍ଧାର ପାଇବା ପାଇଁ ଯେଉଁ ପ୍ରୟାସ ଲୋଡ଼ା ତାହା ମଧ୍ୟ ପାଳନ କରୁନାହିଁ। ତେଣୁ ବିଚାର କରନ୍ତୁ, ଜାଣିଜାଣି ଖାତରେ ପଡି ଅନ୍ୟକୁ ଦୋଷ ଦେବା ଏକ ମନ୍ଦ ଗୁଣ। ମଣିଷ ଯେପର୍ଯ୍ୟନ୍ତ ନିଜର ମନ୍ଦ ସ୍ୱଭାବ ତ୍ୟାଗ କରିବନାହିଁ ସେପର୍ଯ୍ୟନ୍ତ ତାକୁ ଶାନ୍ତିର ମାର୍ଗ ଦିଶିବନାହିଁ। ପରିସ୍ଥିତିର ତାଡନାରେ ହେଉଥିବା ତ୍ରୁଟି ଏବଂ ଜାଣିଶୁଣି ତ୍ରୁଟି କରିବା ମଧ୍ୟରେ ପ୍ରଭେଦ ଅଛି। ସେହିଭଳି ଯେଉଁ ମଣିଷ ସତ୍ୟକୁ ସ୍ୱୀକାର ନକରି ମିଥ୍ୟା ମାର୍ଗରେ ବାଟ ଚାଲେ ଆଗକୁ ଝୁଣ୍ଟିପଡିବାର ସମ୍ଭାବନା ଅଧିକ। ଚତୁର ପଣରେ କିଛି କ୍ଷଣ ଅନ୍ୟକୁ ବୋକା କରିହୁଏ। କିନ୍ତୁ ସମଗ୍ର ଜୀବନ ଚତୁରତା କାର୍ଯ୍ୟ କରିନଥାଏ। ବିଜ୍ଞତା ଓ ଅଜ୍ଞତା ଦୁଇଟି ପ୍ରସଙ୍ଗ। ଅଜ୍ଞତାରୁ ଚେଷ୍ଟାକରି ଜଣେ ମୁକୁଳିପାରିବ। ମାତ୍ର ଅଜ୍ଞତା ସତ୍ତ୍ୱେ ନିଜକୁ ବିଜ୍ଞ କହି କେହି କେବେ ଉଦ୍ଧାର ପାଇନାହିଁ। ଅସାଧୁ ଉପାୟରେ ହୁଏତ ସହଜରେ ଧନ ସମ୍ପତ୍ତି ଆହରଣ କରିହୁଏ। କିନ୍ତୁ ଏହାଦ୍ୱାରା ମଣିଷକୁ ଯେଉଁ ଅନୁପାତରେ ଶାନ୍ତି ମିଳିବା କଥା ତାହା ମିଳିନଥାଏ। ତେଣୁ ଧନ ସଞ୍ଚିବା ଏବଂ ଶାନ୍ତିରେ ରହିବା ଭିନ୍ନ ଭିନ୍ନ କଥା। ଈଶ୍ୱର ମଣିଷକୁ ସଦ୍‌ଗୁଣରେ ପଥ ଚାଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ମଣିଷ ନିଜର ସ୍ୱାର୍ଥ ପୂରଣ ପାଇଁ ତାହାକୁ ଭୁଲିଯାଏ। ଯାହାଫଳରେ ଯାବତୀୟ ସୁଖ ସୁବିଧା ଥିବା ସତ୍ତ୍ୱେ ଅଶାନ୍ତିରେ କାଳାତିପାତ କରେ।

ପ୍ରସଙ୍ଗକ୍ରମେ
ତାରକ ମହାନ୍ତି



**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଚୀନ୍ ପାଇଁ ଚିନ୍ତାର ସମୟ



ସୌମେନ୍ଦ୍ର ଜେନା

ଚୀନ କଣ ତାହା ଏ ପର୍ଯ୍ୟନ୍ତ ମଧ୍ୟ ସମସ୍ତଙ୍କୁ ଜଣାନାହିଁ। ଏପରିକି ଚୀନର ନିଜ ଲୋକେ ମଧ୍ୟ ଅନେକ ବିଷୟରେ ଅଜ୍ଞ। ତାର କାରଣ ହେଲା ଚୀନ ବିଷୟରେ ଯାହା ପ୍ରଚାର କରାଯିବା ଦରକାର ସେହି ଖବର ସରକାରୀ ମିଡିଆ ମାଧ୍ୟମରେ ବାହାରକୁ ଆସେ, ଅନେକ ବିଷୟ ଅନ୍ଧକାର ମଧ୍ୟରେ ଲୁଚିଯାଏ। ଯେଉଁ ଧାରଣା ଚୀନ ବିଶ୍ୱକୁ ଦେଖାଉଥାଏ, ପ୍ରକୃତରେ ତାହା ଆଦୌ ନୁହେଁ । ତେବେ ଆମେରିକାର ଦୀର୍ଘ ଅର୍ଦ୍ଧଶତାବ୍ଦୀର ଅକୁଣ୍ଠ ସହଯୋଗ ଏବଂ ସମର୍ଥନରେ ବାଣିଜ୍ୟ, ଉତ୍ପାଦନ, ନିର୍ମାଣ, ଟେକ୍‌ନୋଲୋଜୀ କ୍ଷେତ୍ରରେ ଚୀନ ଯେପରି ବିକାଶଲାଭ କରିଛି ତାହା ପ୍ରଶଂସା ଯୋଗ୍ୟ। ୧୯୪୮ରେ ଗୋଟିଏ ବ୍ୟାଗ ମୁଦ୍ରାରେ ଗୋଟିଏ ବ୍ୟାଗର ପରିବା କିଣୁଥିବା ଚୀନର ଅବସ୍ଥା ଆଜି ପୃଥିବୀର ବହୁ ଦେଶଠାରୁ ଢେର ଭଲ। ବିଦେଶୀ କମ୍ପାନୀମାନଙ୍କର ଦଶନ୍ଧି ଦଶନ୍ଧିର ପୁଞ୍ଜିନିବେଶ, କାରଖାନା ସ୍ଥାପନ, ବହୁଳ ଉତ୍ପାଦନକୁ ଆଧାର କରି ବିଗତ ବର୍ଷମାନଙ୍କରେ ଚୀନ ନିଜ ଦେଶରେ ଲୋକମାନଙ୍କୁ ରୋଜଗାର ସୁବିଧା ଦେବା ସହ ପ୍ରତିବର୍ଷ ଟ୍ରିଲିଅନ ଟ୍ରିଲିଅନ ଲାଭ କରି ନିଜକୁ ବିଶ୍ୱର ଦ୍ୱିତୀୟ ଆର୍ଥିକ ମହାଶକ୍ତି ଭାବେ ସ୍ଥାପନ କରିବାକୁ ସକ୍ଷମ ହୋଇପାରିଛି। ସମୟ ଏପରି ହୋଇଛି ଯେ ଯେଉଁ ଆମେରିକାର ଅର୍ଥରେ ଚୀନ ଶକ୍ତିଶାଳୀ ହୋଇଛି ସେହି ଆମେରିକା ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଛି, କଟକଣାର ସାମ୍ନା କରିବାକୁ ପଡୁଛି। ଫଳରେ ଆର୍ଥିକ ଦୃଷ୍ଟିରୁ ଅନେକ କ୍ଷତି ସହିବାକୁ କେବଳ ପଡୁନାହିଁ, ଦିନକୁ ଦିନ ଅଧିକରୁ ଅଧିକ କଳକାରଖାନା, ବାଣିଜ୍ୟିକ ପ୍ରତିଷ୍ଠାନ କ୍ରମଶଃ ବନ୍ଦ ହେବାରେ ଲାଗିଛି। ବିତ୍ତଶାଳୀମାନେ ବିଦେଶୀ ଶିକ୍ଷାନୁଷ୍ଠାନରେ ପାଠପଢାଇବାକୁ ଯାଇ ନିଜ ସଂସ୍ଥାକୁ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ସମ୍ବିଧାନ ସଂଶୋଧନ କରି ଦଳପକ୍ଷରୁ ସମର୍ଥନ ଲାଭ କରି ଏବେ ଅନେକ ବର୍ଷ ଯାଏଁ ରାଷ୍ଟ୍ରପତି ହେବାକୁ ଯାଉଥିଲା ବେଳେ ତେଣେ ଦେଶ ଭିତରେ ରାଷ୍ଟ୍ରପତି ଏବଂ କମ୍ୟୁନିଷ୍ଟ ପାର୍ଟି ଜନପ୍ରିୟତା ହରାଇବାରେ ଲାଗିଛି। ଦଳର ଲୋକେ ସଦସ୍ୟତା ଛାଡିବାରେ ଲାଗିଛନ୍ତି। ରୁଷିଆ ପରି ଚୀନରେ ଲୋକେ ଦଳକୁ ବିରୋଧ ବଢିବାର ଆଶଙ୍କା ନିଜେ ଜିନପିଙ୍ଗ୍ ପ୍ରକାଶ କରିଛନ୍ତି। ଭାରତ ସହ ସୀମାବିବାଦ, ଆମେରିକା ସହ ବାଣିଜ୍ୟିକ ବିବାଦ, ୟୁରୋପର ଦେଶଗୁଡିକସହ ନୀତିଗତ ବିବାଦ, ଦକ୍ଷିଣପୂର୍ବ ଏସିଆର ଦେଶଗୁଡିକ ସହ ଜଳସୀମାର ବିବାଦକୁ ନେଇ ଚୀନ ଚାପରେ ରହିଛି। ଆନ୍ତର୍ଜାତିକ ସ୍ତରରେ ଭାରତର ଶକ୍ତିଶାଳୀ କୂଟନୀତିକ ଗୋଟିଚାଳନା, ଆମେରିକାର ନାଲିଆଖି ଏବଂ ୟୁରୋପ ରାଷ୍ଟ୍ରଗୁଡିକର ଦୁର୍ବଳ ସହଯୋଗ ଯୋଗୁ ଚୀନର ଆର୍ଥିକ ସଙ୍କଟ ବଢିବାରେ ଲାଗିଛି। ଆଲିବାବାର ମାଲିକ ଜ୍ୟାକ ମା ସରକାରଙ୍କ ଚାପରେ ନିଜ ସଂସ୍ଥା ଏବଂ ବ୍ୟବସାୟ ପାଇଁ ସୁବିଧା ନପାଇ ବିଦେଶୀ ପିଲାଙ୍କୁ ପାଠ ପଢାଇବାକୁ କିମ୍ବା ଭାଷଣ ଦେବାକୁ ଯାଉଛନ୍ତି। ଏଣେ ଦେଶ ଭିତରେ ଆର୍ଥିକ ଅନୁଷ୍ଠାନଗୁଡିକ ଚାପଗ୍ରସ୍ତ ହେବାରେ ଲାଗିଛନ୍ତି। ଆର୍ଥିକ ବିକାଶ ପାଇଁ ଇଣ୍ଡୋନେସିଆ ଏବଂ ଭିଏତନାମ ପରି ଦେଶ ଚୀନ ଛାଡୁଥିବା କମ୍ପାନୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛନ୍ତି। ସାଂଘାଇ, ଗ୍ୱାଙ୍ଗଝାଉ ପରି ସମୃଦ୍ଧ ସହରଗୁଡିକରେ ଆଭ୍ୟନ୍ତରୀଣ ସମସ୍ୟା କ୍ରମଶଃ ବଢିବାରେ ଲାଗିଛି।

ଏକଥା ସତ ଯେ ସାମ୍ୟବାଦୀ ମାଓ ସେ ତୁଙ୍ଗଙ୍କର ସମାଜବାଦୀ ନୀତି ବଦଳରେ ତାଙ୍କ ପରେ ଶାସନକୁ ଆସିଥିବା ଡେଙ୍ଗ୍ ଜିଆଓପିଙ୍ଗ୍ ହିଁ ପ୍ରଥମ ବ୍ୟକ୍ତି ଯିଏକି ଆମେରିକାର ପୁଞ୍ଜିବାଦୀ ଅର୍ଥନୀତିକୁ ଗ୍ରହଣ କରି ଆମେରିକା ସହ ବନ୍ଧୁତା ସୁଦୃଢ କରି ଚୀନର ବାଣିଜ୍ୟକୁ ରପ୍ତାନୀ ଆଧାରିତ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ସମୟରେ ଚଉଡା ସଡକ, ଦୀର୍ଘ ରେଳପଥ, ଆକାଶଛୁଆଁ ଅଟ୍ଟାଳିକା, ବାଣିଜ୍ୟିକ ପୋତ ନିର୍ମାଣ, ବନ୍ଦରଗୁଡିକର ବିକାଶ ପରି ଅନେକ କାର୍ଯ୍ୟ ସଫଳତା ସହ ହୋଇଥିଲା। କିନ୍ତୁ ବ୍ରିଟେନ ହାତରୁ ହଂକଂକୁ ଚୀନ ନିଜ ହାତକୁ ନେବା ପରେ ବିଦେଶୀ ପୁଞ୍ଜିନିବେଶ ବଢିବାକୁ ଲାଗିଲା। ହଂକଂର ଅର୍ଥ ଚୀନ ଭଣ୍ଡାରକୁ ଆସିଲା। ବିଗତ ୨୫ବର୍ଷରେ ହଂକଂ ଚୀନର ସର୍ବବୃହତ୍ ନିବେଶକାରୀ ହୋଇଥିଲେ ହେଁ ବିକାଶ ଦୃଷ୍ଟିରୁ ୧୯୯୭ରେ ୧୮.୪% ସ୍ତରରୁ ଖସି ୨୦୨୨ ବେଳକୁ ୨.୧ ପ୍ରତିଶତକୁ ଆସିଯାଇଛି। ବିକ୍ରି ଏବଂ ଟିକସ ହେଉଛି ହଂକଂର ମୁଖ୍ୟ ଆୟ। ଅଳ୍ପ ଟିକସ ଆଦାୟ ନୀତିକୁ ଗ୍ରହଣ କରି ବିଶ୍ୱର ଠକ ବେପାରୀଙ୍କୁ ନିମନ୍ତ୍ରଣ କରିଥାଏ । ଫଳରେ ଟିକସରୁ ବଞ୍ଚିବା ପାଇଁ ବହୁ ବିଦେଶୀ କମ୍ପାନୀ ହଂକଂରେ ନାମକୁ ମାତ୍ର ଅଫିସ ଖୋଲି ସେଠାରୁ ହିଁ ରପ୍ତାନୀ କରିଥାନ୍ତି। ହଂକଂରେ କମ୍ପାନୀ ପଞ୍ଜିକରଣ ପାଇଁ ସ୍ଥାନୀୟ ବାସିନ୍ଦା ହେବା ଆବଶ୍ୟକ ନାହିଁ। ଏହାର ସୁଯୋଗରେ ବହୁ ଚୀନା ଲୋକ ସାରା ପୃଥିବୀରୁ ସାଇବର ଠକେଇ ମାଧ୍ୟମରେ ପ୍ରଥମେ ଅର୍ଥ ହଂକଂକୁ ଆଣିବା ପରେ ଚୀନରେ ନିବେଶ କରିଥାନ୍ତି। ଚୀନ ସରକାର ମଧ୍ୟ ଏପ୍ରକାର ଚୋରୀକୁ ପ୍ରୋତ୍ସାହନ ଦେଇଥାନ୍ତି । ଅପରପକ୍ଷେ ଦେଖିଲେ ଚୀନରେ ସବୁଠୁ ଅଧିକ ହଂକଂର ନିବେଶ ରହିଛି। ୨୦୨୨ରେ ଚୀନକୁ ଆସିଥିବା ବିଦେଶୀ ନିବେଶରୁ ୭୦ଭାଗ କେବଳ ହଂକଂର ରହିଛି । ଏଥିରୁ ଚୀନରେ ହଂକଂର ଅଂଶକୁ ଜାଣିହେବ। ହଂକଂ ଦ୍ୱୀପର ଜନସଂଖ୍ୟା ୭୬ଲକ୍ଷ ମଧ୍ୟରେ ଥିଲାବେଳେ ମୁଣ୍ଡପିଛା ଆୟ ୫୨,୪୨୯ ଡଲାର ରହିଛି। ମୋଟ ଆୟର ୯୩.୭ ପ୍ରତିଶତ କେବଳ ସେବା କ୍ଷେତ୍ରରୁ ଆସୁଛି। ଅର୍ଥାତ୍ ସାରା ବିଶ୍ୱର ରପ୍ତାନୀ କାଗଜପତ୍ରରେ ହଂକଂରୁ ହୋଇଥାଏ। ଏତେ ବିକାଶ ସତ୍ତ୍ୱେ ୨୦ ପ୍ରତିଶତ ହଂକଂବାସୀ ଏବେ ମଧ୍ୟ ଦାରିଦ୍ର୍ୟ ମଧ୍ୟରେ ରହିଛନ୍ତି। ଏଥିରୁ ଜାଣିହେବ ଯେ ହଂକଂକୁ ଚୀନ ହାତକୁ ନେବା ପରଠାରୁ ଏକ ପ୍ରକାର ସବୁ ଅର୍ଥ ନିଜ ଦେଶକୁ ନେଉଛି । ହଂକଂରେ ଚୀନ ନିଜର ଏକ ସରକାରଙ୍କୁ ବସାଇଛି। ସାଇବର ଠକେଇ ମାଧ୍ୟମରେ ବିଶ୍ୱରୁ ସଂଗୃହୀତ ଅର୍ଥ ହଂକଂକୁ ଆସି ପରେ ଚୀନକୁ ଯାଉଛି। କହିବାକୁ ଗଲେ ବିଶ୍ୱର ସର୍ବାଧିକ ଚୋରୀ ଅର୍ଥ ଚୀନ ହିଁ ପାଉଛି।

୫ ଜୁନ୍ ୨୦୨୩ ଦିନ ସାଂଘାଇର ପୁକ୍ସିଂ ମିଡିଲ ରୋଡରେ ଛିଡା ହୋଇ ଜଣେ ସ୍ଥାନୀୟ ରିୟଲ ଇଷ୍ଟେଟ ବ୍ୟବସାୟୀ ନିଜ ସହରର ପ୍ରକୃତ ଦୃଶ୍ୟକୁ ସୁଟିଂ କରି ଛାଡିବା ପରେ ଗୋଟିଏ ଦିନରେ ସେହି ଭିଡିଓକୁ ୫କୋଟି ଲୋକ ଦେଖିଲେ। ଫଳରେ ସରକାର ବାଧ୍ୟ ହୋଇ ଭିଡିଓଟିକୁ ହଟାଇ ଦେଲେ। ସେଥିରେ ସେ ସହରର ମୁଖ୍ୟ ସଡକର ଦୁଇ କଡରେ ଥିବା ଘରଗୁଡିକ ଦେଖାଇଲେ, ଯାହାସବୁ ବନ୍ଦ ଥିଲା। ଏକଦା ସେହି ଘରଗୁଡିକରେ ପୃଥିବୀର ବଡ ବଡ କମ୍ପାନୀର ଲୋକେ ଭଡାରେ ରହୁଥିଲେ। ଏବେ କେହି ସେହିସବୁ ଘରେ ରହୁନାହାନ୍ତି । ବିଶ୍ୱର ଶ୍ରେଷ୍ଠ ୫୦୦ କମ୍ପାନୀର ଅଧିକାରୀମାନେ ସାଂଘାଇ ଛାଡି ଯିବାପରେ ତାର ପ୍ରଭାବ ସ୍ଥାନୀୟ ବଜାର ଉପରେ ପଡିଛି । ସାଂଘାଇର ତିନୋଟି ଡିପାର୍ଟମେଣ୍ଟ ଷ୍ଟୋର କମ୍ପାନୀ ଜିଉବାଇ, ଜୁଜିଆହୁଇ, ନିଉୱାର୍ଲଡରେ ବିଗତ ଦିନରେ ବିକ୍ରି ଯଥେଷ୍ଟ କମିଯାଇଛି। ଜିଉବାଇ ୩୦.୫୧ ପ୍ରତିଶତ, ଜୁଜିଆହୁଇ ୨୨.୩୩ ପ୍ରତିଶତ ଲାଭ ହରାଇଛନ୍ତି। ଗତବର୍ଷ ୨୦୨୨ରେ ଚୀନରେ ୧୦ଲକ୍ଷ ୯୪ହଜାର କମ୍ପାନୀ ଅଣପଞ୍ଜିକୃତ ହୋଇ ବ୍ୟବସାୟ ଛାଡିଛନ୍ତି। ପୂର୍ବଚୀନର ଗ୍ୱାଙ୍ଗଡିଙ୍ଗ ପ୍ରଦେଶର ଡୋଙ୍ଗୁଆନ ସହର ବିଶ୍ୱର ବଡ କମ୍ପାନୀମାନଙ୍କ କେନ୍ଦ୍ର । ସହରର ସବୁଠୁ ବଡ ପୋଷାକ ଉତ୍ପାଦକ ଡୋଙ୍ଗୁଆନ ଗୋଗୋ ଗାର୍ମେଣ୍ଟସ ୧୦ ଜାନୁଆରୀ ୨୦୨୨ଦିନ ସବୁଦିନ ପାଇଁ କମ୍ପାନୀକୁ ବନ୍ଦ କରିଦେଲା। କୋରୋନାରେ ଶୂନ୍ୟ ପ୍ରତିଶତ ନୀତି ଏବଂ ଲକ୍‌ଡାଉନରେ ବିକ୍ରି ହ୍ରାସ ଯୋଗୁ କୋପୋ ଇଲେକ୍‌ଟ୍ରୋନିକ୍ସ କମ୍ପାନୀ ବନ୍ଦ ହେଲା, ଯାହା ବିଶ୍ୱର ୫୦୦ ଫର୍ଚୁନ କମ୍ପାନୀ ମଧ୍ୟରେ ଥିଲା ଅନ୍ୟତମ। କମ୍ପାନୀରେ ପ୍ରାୟ ୬୦୦୦ କର୍ମଚାରୀ କାର୍ଯ୍ୟ କରୁଥିଲେ। ଚୀନରେ ଆନ୍ତର୍ଜାତିକ ଏବଂ ଘରୋଇ ବରାଦରେ ହ୍ରାସ ଇ-କମର୍ସ କ୍ଷେତ୍ରରେ ଦେଣ-ନେଣ ଅସୁବିଧା, ଉତ୍ପାଦନ କ୍ଷେତ୍ରରେ ଯୋଗାଣର ଅସୁବିଧା ଦେଖାଦେଇଛି। ଆମେରିକା, ତାଇୱାନ ଏବଂ ଜାପାନ ପରି ବଡ ଅର୍ଡର ପ୍ରଦାନକାରୀଙ୍କ ବରାଦ ପ୍ରାୟତଃ ବନ୍ଦ ହେବା ସ୍ଥିତିକୁ ଆସିଯାଇଛି। ଡୋଙ୍ଗୁଆନ ପରି ପର୍ଲ ନଦୀର ତ୍ରିକୋଣଭୂମି ଅଞ୍ଚଳରେ ଏବଂ ଗ୍ରେଟର ବେ ଅଞ୍ଚଳରେ ମଧ୍ୟ ସମାନ ସ୍ଥିତି ଦେଖାଦେଇଛି। ଗ୍ରେଟର ବେ ଅଞ୍ଚଳର ହୁଇଝାଉ, ଡୋଙ୍ଗୁଆନ, ଝାଓଗିଙ୍ଗ, ଫୁସାନ, ସେନ୍‌ଝେନ୍, ଝାଙ୍ଗସାନ, ମାକାଉ, ହଂକଂ ଆଦି ସହରରେ ମଧ୍ୟ ବାଣିଜ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ଚୀନରେ ବୟସ୍କ ଜନସଂଖ୍ୟାରେ ବୃଦ୍ଧି ଦର ଏବଂ ଗତିରେ ହ୍ରାସ ଯୋଗୁ ଉତ୍ପାଦନ ହ୍ରାସ ପାଇଛି। ବେତନହାର ୨୦ ପ୍ରତିଶତ ଇତି ମଧ୍ୟରେ ବଢିଛି, ଯାହାଫଳରେ ଶସ୍ତାଦରରେ ଉତ୍ପାଦନ ସମ୍ଭବ ହେଉନାହିଁ। ସେମିତି ବଜାରରେ କ୍ୟାମେରା ଶିଳ୍ପ ୭.୮ ପ୍ରତିଶତ, ଟେଲି ଯୋଗାଯୋଗ ଉପକରଣ ୫.୦ପ୍ରତିଶତ, ମୋଟରସାଇକେଲ ଉତ୍ପାଦନ ୪.୫ ପ୍ରତିଶତ, ଯୋଗାଯୋଗ ଉପକରଣ ୪.୫ ପ୍ରତିଶତ, କୋଇଲା ଆଧାରିତ ଉତ୍ପାଦ ୪.୨ ପ୍ରତିଶତ ହ୍ରାସ ପାଇଛି।

ଆମେରିକାର କଟକଣା ଯୋଗୁ ଚୀନକୁ ଟେକ୍‌ନୋଲୋଜୀ ହସ୍ତାନ୍ତରଣରେ ଅସୁବିଧା ଯୋଗୁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ଚୀନର ବାଣିଜ୍ୟିକ ନୀତିରେ ଅସ୍ଥିରତା ଯୋଗୁ ପରିବହନରେ ଅସୁବିଧା ହୋଇଛି। ଚୀନର ପଡୋଶୀ ରାଷ୍ଟ୍ରଗୁଡିକରେ ଶସ୍ତା ଶ୍ରମଶକ୍ତି ଯୋଗୁ ଅନେକ କମ୍ପାନୀ ଚୀନରୁ ବାହାରି ଚାଲିଯାଉଛନ୍ତି। ନକଲି କରିବାରେ ଚୀନ ବଜାର ଓସ୍ତାଦ ହୋଇଥିବା ହେତୁ ଅନେକ ବଡକମ୍ପାନୀଙ୍କ ମଡେଲକୁ ପରିବର୍ତ୍ତନ କରି ଚୀନା କମ୍ପାନୀ ବିକ୍ରି କଲେ ମଧ୍ୟ ବୌଦ୍ଧିକ ସ୍ୱତ୍ୱ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇନଥାଏ। ନାଇକ୍, ଆଡିଦାସ ପରି କମ୍ପାନୀ ସେଥିପାଇଁ ଚୀନରୁ ଭିଏତନାମକୁ ଚାଲିଆସିଲେ। ଯାନବାହନ ନିର୍ମାଣ କ୍ଷେତ୍ରରେ ମେକ୍‌ସିକୋ ଏବଂ ବ୍ରାଜିଲ ଏବେ ଆକର୍ଷଣର କେନ୍ଦ୍ର ହୋଇଛନ୍ତି। ସେମିତି ଆପଲ କମ୍ପାନୀ ଚୀନରୁ ଭାରତକୁ ଉତ୍ପାଦନ କେନ୍ଦ୍ର ବଦଳାଇଛି । ଚୀନର ପଡୋଶୀ ଥାଇଲାଣ୍ଡ ମଧ୍ୟ କମ୍ପାନୀମାନଙ୍କୁ ଆକର୍ଷିତ କରି ୧୯.୭ ପ୍ରତିଶତ ରପ୍ତାନୀ ବୃଦ୍ଧି କରିଛି । ଇଣ୍ଡୋନେସିଆ ବିଦେଶୀ କମ୍ପାନୀମାନଙ୍କୁ ଚୀନପରି ସୁବିଧା ଦେବାଲାଗି ଜାଭା ଦ୍ୱୀପରେ ୧ବିଲିଅନ ଡଲାର ଖର୍ଚ୍ଚରେ ଇଣ୍ଡଷ୍ଟ୍ରିଆଲ ପାର୍କର ନିର୍ମାଣ କରୁଛି। ତେଣୁ ଏକଦା ଯେଉଁ ଦେଶସବୁ ଚୀନରୁ ଆମଦାନୀ କରୁଥିଲେ ଏବେ ସେମାନେ ନିର୍ମାଣକାରୀ ଦୌଡରେ ରହି ଚୀନର ପ୍ରତିଦ୍ୱନ୍ଦ୍ୱୀ ହୋଇ ଛିଡା ହୋଇଛନ୍ତି। ଦକ୍ଷିଣଚୀନ ସାଗର ଦ୍ୱନ୍ଦ୍ୱ ପରଠାରୁ ଏହି ଦେଶଗୁଡିକ ଚୀନଠାରୁ ବିଶ୍ୱାସ ହରାଇବା ପରେ ନିଜେ ସଶକ୍ତ ହେବାର ପ୍ରୟାସ କରୁଛନ୍ତି । ଜର୍ମାନୀ ଚୀନ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଇଚ୍ଛାପ୍ରକାଶ କରି ଭାରତ ସହ ବାଣିଜ୍ୟିକ ସଂପର୍କ ସୁଦୃଢ କରି ବିକଳ୍ପ ଯୋଗାଣ ମାର୍ଗ ଉନ୍ମୁକ୍ତ କରିବାକୁ ଚାହୁଁଛି। କାରଣ ରୁଷିଆ ୟୁକ୍ରେନ ଯୁଦ୍ଧ ପୂର୍ବରୁ ଜର୍ମାନୀର ଜାଳେଣିଗ୍ୟାସ ରୁଷିଆ ଯୋଗାଉଥିଲା। କିନ୍ତୁ ଯୁଦ୍ଧ ପର କଟକଣା ଯୋଗୁ ଜର୍ମାନୀ ଗ୍ୟାସ କ୍ରୟ ହ୍ରାସ କଲାପରେ ୨୨୨ବିଲିଅନ ୟୁରୋ ଇତି ମଧ୍ୟରେ ଜର୍ମାନୀର ସବୁଠୁ ବନ୍ଧ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର। ଆଗାମୀ ଦିନରେ ରୁଷିଆ ସମାନ ପରିସ୍ଥିତିରେ ଜର୍ମାନୀକୁ ଚୀନ ପାଇଁ ଅସୁବିଧା ଭୋଗ କରିବାକୁ ପଡିପାରେ। ତେଣୁ ଚୀନ ସହ ବାଣିଜ୍ୟିକ ସଂପର୍କ ହ୍ରାସ କରିବାକୁ ଜର୍ମାନୀ ପ୍ରୟାସ କରୁଛି । ୨୦ ଜୁଲାଇ ୨୦୨୩ଦିନ ଆର୍ଥିକ ବ୍ୟାପାରମନ୍ତ୍ରୀ ରବର୍ଟ ହାବେକ୍ ଏ ବିଷୟରେ ସୂଚନା ଦେଇଛନ୍ତି । ଚଳିତବର୍ଷ ଜୁନ ମାସରେ ଜର୍ମାନୀର ପ୍ରତିରକ୍ଷା ମନ୍ତ୍ରୀ ବୋରିସ ପିଷ୍ଟୋରିୟସ ଜର୍ମାନୀ ସବ୍‌ମେରିନ୍ ବିକ୍ରି ପାଇଁ ଭାରତ ସହ ବୁଝାମଣା କରିଥିଲେ । ୬ଟି ସବ୍‌ମେରିନ୍ (ବୁଡାଜାହାଜ) ନିର୍ମାଣ ପାଇଁ ୪୨୦୦୦କୋଟି ଟଙ୍କାର ଉକ୍ତ ବୁଝାମଣା ଭାରତ ଓ ଜର୍ମାନୀର ଦୁଇଟି ନିର୍ମାଣକାରୀ ସଂସ୍ଥା ମଧ୍ୟରେ ହୋଇଥିଲା। ସ୍ୱାସ୍ଥ୍ୟ ସେବା ପାଇଁ କେରଳୀ ନର୍ସମାନଙ୍କୁ ଜର୍ମାନୀ ନିଯୁକ୍ତି ଦେବାଲାଗି ଉଦ୍ୟମ ଆରମ୍ଭ କରିଛି।

ଏବେ ନିଜର ପଡୋଶୀ ରାଷ୍ଟ୍ରଗୁଡିକର ବିରୋଧ ଏବଂ ବଡରାଷ୍ଟ୍ର ଆମେରିକାର ଅନେକ କଟକଣା, ବିଶ୍ୱ ମଞ୍ଚରେ ଭାରତର ଚୀନକୁ ବିରୋଧ କରିବା ନୀତି ମୋଟାମୋଟି ଭାବେ ଅନେକ ଚୀନ ବିରୋଧୀ ରାଷ୍ଟ୍ରଙ୍କୁ ପ୍ରୋତ୍ସାହନ ଦେଇଛି। ଯେଉଁଥିପାଇଁ ସାଂଘାଇ ସହଯୋଗ ସଂଗଠନର ବୈଠକରେ ଭାରତ ଏକମାତ୍ର ରାଷ୍ଟ୍ରଭାବେ ଚୀନର ବେଲଟ୍ ଏଣ୍ଡ ରୋଡ ନୀତିକୁ ବିରୋଧ କରି ପ୍ରସ୍ତାବ ଗୃହୀତ କରାଇ ଦେଲାନାହିଁ। ନାମ ଗୋଷ୍ଠୀର ବୈଠକ ଆଜରବୈଜାନର ବାକୁଠାରେ ହୋଇଥିଲା। ଚୀନ ଏଠାରେ ନିମନ୍ତ୍ରିତ ସଦସ୍ୟ ହୋଇଥିଲେ ମଧ୍ୟ ପାକିସ୍ଥାନ ମାଧ୍ୟମରେ ବେଲଟ୍ ଏଣ୍ଡ ରୋଡ ଏବଂ ସିପେକ୍ ବିଷୟରେ ସମର୍ଥନ ଆଶା କରୁଥିଲା। କିନ୍ତୁ ଭାରତ ସମେତ ଅନ୍ୟ ରାଷ୍ଟ୍ରମାନେ ଏହାର ବିରୋଧ କରିଥିଲେ। ବିଶ୍ୱର ଅନେକ ମଞ୍ଚରେ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ଚୀନ ବିରୋଧୀ ରୋକ୍‌ଠୋକ୍ ମନ୍ତବ୍ୟ ଅନେକଙ୍କୁ ଚକିତ କରିଛି। ଯାହାଫଳରେ ଅନେକ ଛୋଟ ଛୋଟ ଦେଶ ଏବେ ଚୀନର ଋଣଚାପକୁ ଗ୍ରହଣ କରିବାକୁ ମନା କରିଦେଉଛନ୍ତି। ବଙ୍ଗଳାଦେଶ ଏବଂ ନେପାଳ ତାର ସ୍ପଷ୍ଟ ଉଦାହରଣ। ଦୀର୍ଘଦିନ ଧରି ଭାରତ ସୀମାରେ ସେନାଠୁଳ କରି ନାଲିଆଖି ଦେଖାଇବା ସତ୍ତ୍ୱେ ଯେପରି ଭାରତ ଭୟଭୀତ ହେଉନାହିଁ ସେମିତି ଅନେକ ରାଷ୍ଟ୍ର ଭାରତର ପଦକ୍ଷେପକୁ ପ୍ରଶଂସା କରି ଚୀନଠାରୁ ମୁକ୍ତ ହେବାକୁ ଚାହୁଁଛନ୍ତି, ଶ୍ରୀଲଙ୍କା ତାର ପ୍ରମାଣ। ନିକଟରେ ଶ୍ରୀଲଙ୍କାର ରାଷ୍ଟ୍ରପତି ବିକ୍ରମସିଂଘେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ମୁକ୍ତ ଚଳାଚଳ ଏବଂ ସଡକ ଯୋଗାଯୋଗ ସପକ୍ଷରେ ମତ ଦେଇଛନ୍ତି। ଆଫ୍ରିକା ମହାଦେଶରେ ଚୀନ ପରି ଭାରତ ମଧ୍ୟ ଅନେକ ଦେଶରେ ସକ୍ରୀୟ ହେବାସହ ଆର୍ଥିକ ସହାୟତା ପ୍ରଦାନ କରିଛି। ଏହିସବୁ ଘଟଣା ଏବେ ଚୀନର ଚିନ୍ତାକୁ ବଢାଇ ଦେଇଛି।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର -୭୫୧୦୦୩*

# ସଂସ୍କୃତିର ସୁରକ୍ଷା ଦାୟିତ୍ୱ ଆମର



ଡକ୍ଟର ମନୋରଞ୍ଜନ ବିଷୋୟୀ

ସଂସ୍କୃତି ହେଉଛି ଏକ ପ୍ରେରଣା- ବ୍ୟକ୍ତିଗତ ଓ ସାମୂହିକ ଆତ୍ମ ଆବିଷ୍କାରର ପ୍ରେରଣା। ସଂସ୍କୃତି ହେଉଛି ଏକ ଗୁଣାତ୍ମକ ଆସ୍ପୃହା । ପ୍ରକୃତପକ୍ଷେ କହିବାକୁ ଗଲେ ସଂସ୍କୃତି ଏକ ଅନ୍ୱେଷଣ, ଏକ ସତତ ଉଦ୍ୟମ, ସତତ ଆହ୍ୱାନଗୁଡ଼ିକୁ ଆବିଷ୍କାର କରି ସେଗୁଡ଼ିକର ସମ୍ମୁଖୀନ ହେବାର ଏକ ଉଦ୍ୟମ । ଜନ୍ମ ସହ ସାଂସ୍କୃତିକ ବିଚାର ବା ଅବବୋଧ ଯୋଡ଼ି ହୁଏନାହିଁ । ବ୍ୟକ୍ତିର ସାମର୍ଥ୍ୟ ଉପରେ ଏହା ନିର୍ଭରଶୀଳ । ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଉଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଂଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବ ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣବିଧି ରହିଥାଏ । ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ମଧ୍ୟ ପରିବ୍ୟାପ୍ତ । ସଂକ୍ଷେପରେ କହିଲେ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ ।

ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁ ଚିନ୍ତା, ବହୁ ବିଶ୍ୱାସ ଏବଂ ବହୁ ଆଚରଣର ସମନ୍ୱୟ ଭିତରେ ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ । ତେଣୁ ସଂଭ୍ରାନ୍ତ ବଣିକ କିମ୍ବା ପ୍ରତାପୀ ରାଜା ମହାରାଜା ଅପେକ୍ଷା ଏଇ ସଂସ୍କୃତିର ମୂଳ ଆଧାର ମୁନି ଋଷିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଲକ୍ଷ୍ୟ କରିହୁଏ ।

ପ୍ରକୃତପକ୍ଷେ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା କୌଣସି ଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । କାରଣ ବିଶ୍ୱକଲ୍ୟାଣ ହିଁ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ । ଆଜି କିନ୍ତୁ ସମୟର ବିକାଶ ଧାରାରେ ବଦଳି ଯାଇଛି ଦୃଷ୍ଟିଭଙ୍ଗୀ । ଗତାନୁଗତିକ ଧାରାରୁ ନିଜକୁ ମୁକୁଳାଇ ଏକ ନୂଆଧାରାରେ ଆପଣାକୁ ପ୍ରକାଶ କରିବା ନିମନ୍ତେ ଚାଲିଛି ପ୍ରଚେଷ୍ଟା । ଅବଶ୍ୟ ଏହାରି ଅନ୍ତରାଳରେ ମାନବର ବୌଦ୍ଧିକ ସଫଳତାକୁ ସ୍ୱୀକାର କରାଯାଇପାରେ । ଏପରିକି ପ୍ରବୃତ୍ତି ଦୃଷ୍ଟିରୁ ମଧ୍ୟ ରୂପାନ୍ତରଣ ପ୍ରକ୍ରିୟା ହେଉଛି ମାନବର ସହଜାତ । ତେଣୁ ମାନବ ସଦାସର୍ବଦା ରୂପାନ୍ତରିତ ହେବା ନିମନ୍ତେ ଉଦ୍ୟମ କରିଆସିଛି । କିନ୍ତୁ ଏ ରୂପାନ୍ତରଣ ସଂସ୍କୃତି ସହ ନିବିଡ଼ ସଂପୃକ୍ତି ମଧ୍ୟ ଦେଇ ହେବା ଆବଶ୍ୟକ । କାରଣ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ । ତେଣୁ ତ ସଂସ୍କୃତିର ପ୍ରତିକୂଳ ନୁହେଁ ବରଂ ସଂସ୍କୃତିର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ ପ୍ରସାରିତ କରିଥାଏ । କାରଣ ଆଜିର ମାନବ ହେଉଛି ଆତ୍ମସଚେତନ , ସମୟ ସଚେତନ ତଥା ଐତିହ୍ୟ ସଚେତନ । ତା'ପାଇଁ ପରମ୍ପରା ଓ ସଂସ୍କୃତି; ଅତୀତ ପ୍ରତି ଏକ ବିହ୍ୱଳ ସଂପୃକ୍ତି କେବଳ ନୁହେଁ । ଏହା ହେଉଛି ମାନବ ଜୀବନର ସାରତତ୍ତ୍ୱ । ତେଣୁ ତ ସମସ୍ତ ପ୍ରକାର ପରିବର୍ତ୍ତନ ଓ ପ୍ରଗତି ସତ୍ତ୍ୱେ ପରମ୍ପରାର ଅନୁରଣନ ସମସ୍ତ ପ୍ରକାର ପ୍ରଗତି ଅନ୍ତରାଳରେ ସୁସ୍ପଷ୍ଟ ।

ବାସ୍ତବିକ କହିବାକୁ ଗଲେ ସଂସ୍କୃତି ରୂପକ ଏକ ସାମୂହିକ ଚେତନାକୁ ସ୍ୱୀକାର କରି ଅନାୟାସରେ କାଳାତିପାତ କରୁଥିଲା ମାନବ । ଆଜି କିନ୍ତୁ ସମୟର ଧାରାରେ ମାନବ ଏପରି ଏକ ଉପତ୍ୟକାର ଅଧିବାସୀ ସାଜିଛି; ଯେଉଁଠାରେ ଆପଣାର ଅନିଚ୍ଛା ସତ୍ତ୍ୱେ ମଧ୍ୟ ସେ ଦୁଃଖ ଓ ଦୁର୍ବିପାକର ଅଂଶୀଦାର ହେବା ପାଇଁ ବାଧ୍ୟ । ଆଜି କେଉଁଠାରେ ପରମାଣୁ ପରୀକ୍ଷଣ ଘଟିଲେ ବଦଳିଯାଏ, ସମଗ୍ର ବିଶ୍ୱର ଜଳବାୟୁ । କେଉଁଠାରେ ଯୁଦ୍ଧର ଆୟୋଜନ ହେଲେ ଛାତିରେ ପଶେ ଛନ୍‌କା । ଆଜି ସମଗ୍ର ବିଶ୍ୱ ଏପରି ଏକ ସୂତ୍ରରେ ବନ୍ଧା ଯାହା କ୍ଷଣିକ ମଧ୍ୟରେ ସର୍ବତ୍ର ଆଣିପାରେ ପରିବର୍ତ୍ତନ । ବିଶ୍ୱକୁ ଧ୍ୱଂସ କରିବାର ସାମର୍ଥ୍ୟ ନେଇ ଆମେ ଭସ୍ମାସୁରରେ ରୂପାନ୍ତରିତ ହୋଇସାରିଲେଣି । ତେଣୁ ତ ଆମ ସ୍ୱପ୍ନରେ- ସମ୍ଭାବନାରେ- ସାମର୍ଥ୍ୟରେ; ବିପର୍ଯ୍ୟୟ ଭଳି ଏକ ସତ୍ୟକୁ ଅଣଦେଖା କରିହେବ ନାହିଁ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୨୭*

## ଧାରାବାହିକ ଉପନ୍ୟାସ

# ଶେଷ ଦୃଶ୍ୟ



**କ୍ଷୀରୋଦ ଦାସ**




ଭାଗ-୦୫

ଛୋଟବେଳୁ ଏପରି ଉଦ୍ଧତ ଓ ଅମନଯୋଗୀ ନଥିଲା ସଂଜୟ। ଜଣେ ଡାକ୍ତର ବାପା ଭାବରେ ସେ ଚାହୁଁଥିଲେ ସଂଜୁ ପାଠ ଦି ଅକ୍ଷର ପଢୁ। ଡାକ୍ତର, ଇଞ୍ଜିନିୟର ନ ହେଲେ ନାଇଁ, ଅନ୍ତତଃ ପକ୍ଷେ ଭଲ ମଣିଷଟିଏ ହେଉ। ଶିକ୍ଷା ହିଁ ମଣିଷକୁ ମଣିଷ କରି ଗଢ଼େ। ସଂଭ୍ରମତା ଶିଖାଏ। କୁପଥଗାମୀ କରାଏନା। ମାର୍ଜିତ କରାଏ।

ଏକଥା ରାଜଲକ୍ଷ୍ମୀ ବୁଝିଲେ ତ!

ତାଙ୍କ ମତରେ ଏ ଦୁନିଆରେ ସବୁଠାରୁ ମୂଲ୍ୟବାନ ସଂପଦ ହେଲା ଧନ। ଧନ ଥିଲେ ମାନ ଆସେ। ସମ୍ମାନ ଆସେ। ପ୍ରତିଷ୍ଠା ଓ ପ୍ରତିପରି ସବୁ ଆସେ ଆପଣାଛାଏଁ। ବିଦ୍ୟା ବୃଦ୍ଧି ସବୁ ପରିଚାଳିତ ହୁଏ ଧନ ଦ୍ୱାରା। ଧନ ନ ଥିଲେ ସବୁ ଅସାର। ମୂଲ୍ୟହୀନ।

ଶୁଭକାନ୍ତ ଧନ ରୋଜଗାର କରୁଥିଲେ ଆବଶ୍ୟକତାଠାରୁ ଅଧିକ। କିନ୍ତୁ ହଜାର ଦେଇ ନଥିଲେ ମାନବିକତା। ତାଙ୍କ କ୍ଲିନିକ୍‌କୁ ଆସୁଥିବା ରୋଗୀମାନଙ୍କଠାରୁ ସେ ଗୋଟିଏ ବି ପଇସା ଅସତ୍ ଉପାୟରେ ଆଦାୟ କରୁ ନଥିଲେ, ଅଧିକନ୍ତୁ ଅସ୍ୱଚ୍ଛଳ ରୋଗୀମାନଙ୍କୁ ସେ ମାଗଣା ସେବା, ଔଷଧ ଓ ଖାଦ୍ୟପେୟ, ଏପରିକି ରହିବା ପାଇଁ ସାମୟିକ ବାସଗୃହ ବି ଯୋଗାଇ ଦେଉଥିଲେ।

ଏକଥା ଦେହରେ ଯାଉନଥିଲା ରାଜଲକ୍ଷ୍ମୀଙ୍କର। ସେ ଆପତ୍ତି ଉଠାଉଥିଲେ-

"ଟାଟା ବିର୍ଲା ବି ତୁମପରି ଦାନୀ ହୋଇ ନଥିବେ ହେ। ନିଜକୁ ଏତେ ମହାନ କରି ଗଢ଼ି ତୋଳିବାର ତୁମର ଏଇ ଯୋଉ ଦେଖାଣିଆ ମାନସିକତା, ତାହା ମୋର ଜମା ପସନ୍ଦ ନୁହେଁ। ଦୁନିଆରେ କେତେ କେତେ ବିତ୍ତଶାଳୀ ମଣିଷ ଅଛନ୍ତି, ସେମାନେ ଯଦି ତୁମପରି ଏମିତି ଦାନଧର୍ମ କରୁଥାଆନ୍ତେ, ଆଜି ସେମାନେ ଭିକାରି ହୋଇ ବସିଥାଆନ୍ତେ ରାଜରାସ୍ତାରେ...।

ବେଳେବେଳେ ଭାବନ୍ତି ଶୁଭକାନ୍ତ-

ଜଣେ ମଣିଷର କେତେ ଧନ ଦରକାର? କେତେ ସେ ଖାଇପାରିବ ତା' ଜୀବନ କାଳ ଭିତରେ? କେତେ ଓଜନର ଗହଣା ବୋହିପାରିବ ତା' ସାଢ଼େଇ ତିନିହାତର ଦେହ? କେତେ ବଡ ଘର ଦରକାର ବସି ଶୋଇବାକୁ?

ସେଥିରେ ତ ତାଙ୍କର ଅଭାବ ନାହିଁ। ଆଉ ଅଧିକ କ'ଣ ଚାହୁଁଛନ୍ତି ରାଜଲକ୍ଷ୍ମୀ?

ପତ୍ନୀଙ୍କୁ ବୁଝାଇବାକୁ ଯାଇ ସେ କୁହନ୍ତି-

"ଏଇ ଘର, ଗାଡି, ଧନଦୌଲତ ସବୁ ତୁମର। ଯାକୁ ସାରା ଜୀବନ ତୁମେ ଖର୍ଚ୍ଚ କର। ସବୁ ଦେବା ପାଇଁ ମୁଁ ପ୍ରସ୍ତୁତ। ହେଲେ ନିଜ ପୁଅର ଜୀବନକୁ ନଷ୍ଟ କରନା...।

: କଣ କହିଲ! ମୁଁ ମୋ ପୁଅର ଜୀବନ ନଷ୍ଟ କରୁଛି?

: ହଁ। - ରୋକ୍‌ଠୋକ୍ କହିଲେ ଶୁଭକାନ୍ତ।

: ପିଲାମାନଙ୍କୁ ସ୍ନେହ ଆଦର କରିବା ଯଦି ଖରାପ, ତେବେ ସେପରି ଖରାପ କାମ ମୁଁ ଥରେ କି ହଜାର ଥର ନୁହେଁ, ଲକ୍ଷେ ଥର କରିବି। କୋଟିଏ ବାର କରିବି। ସେଥିରୁ ମୋତେ କେହି ଅଟକାଇ ପାରିବେନି। ମୁଁ ମାନିବିନି କାହାର ବାରଣ।

: କିଏ ମନା କଲା ପିଲାକୁ ଭଲ ପାଇବାକୁ? ସ୍ନେହ ଆଦର କରିବାକୁ? ତମେ ମା'ମାନେ କ'ଣ କେବଳ ପିଲାକୁ ଭଲ ପାଇପାର! ବାପାମାନେ ନୁହନ୍ତି! ଭଲ ପାଇବାର ଅର୍ଥ ଏୟା ନୁହେଁ ଯେ ସେମାନଙ୍କର ଯେକୌଣସି ଅଯୌକ୍ତିକର, ଅବାସ୍ତବ ଦାବି ଓ ଝୁଙ୍କକୁ ମାନିନେବା ବିନା ପ୍ରତିବାଦରେ। ବିନା ତଦାରଖରେ। ଭଲପାଇବାର ଅର୍ଥ ନୁହେଁ ଅନ୍ଧଭାବରେ ସେମାନଙ୍କୁ ସମର୍ଥନ କରିବା। ସେମାନଙ୍କୁ କୌଣସି କଥାରେ ଆକଟ ନ କରିବା। କାଳେ ମୋ ପିଲାଟା ମନକଷ୍ଟ କରିବ, କାଳେ ଫିଡିକି ଯିବ, ସେଥିପାଇଁ ତା'ର ସବୁ ଅଦଉତିକୁ ନିରବରେ ହଜମ କରିଯିବା!

ପ୍ରକୃତ ଭଲପାଇବାର ଅର୍ଥ ଏୟା ନୁହେଁ, ରାଜଲକ୍ଷ୍ମୀ। - ବୁଝାଇଲେ ଶୁଭକାନ୍ତ।

: ଭଲ ପାଇବାର ଅର୍ଥ ତେବେ କ'ଣ ବିନା କାରଣରେ ଯାଉଣୁ ଆସୁଣୁ ପିଲା ଉପରେ ଟିଙ୍ଗିଟିଙ୍ଗି ହେବା! - ପଶ୍ନ କରନ୍ତି ରାଜଲକ୍ଷ୍ମୀ। - "ଭଲ ପାଇବାର ଅର୍ଥ କଣ ସେମାନଙ୍କୁ ଯାବତୀୟ ସୁଖ ସ୍ୱାଚ୍ଛନ୍ଦରୁ ବଞ୍ଚିତ କରିବା! ଆଁ!! ହଇଓ, ପିଲାମାନେ ପିଲାବେଳେ ଦୁଷ୍ଟାମି କରିବେନି ତ କ'ଣ ଛୁଆବେଳୁ ସାଧୁସନ୍ଥ ବନିଯାଇ କୌପୁନୀ ପିନ୍ଧି ବୁଲିବେ! ଡାକ୍ତର ହେଇଚ, ପିଲାମାନଙ୍କ ସାଇକୋଲୋଜି ଜାଣିପରୁନା!

ଅନ ପିଲାମାନେ ସ୍କୁଲ୍ ବସ୍‌ରେ ସ୍କୁଲ୍‌କୁ ଯିବା ଆସିବା କରୁଥିବା ବେଳେ ସଂଜୟକୁ ଡ୍ରାଇଭର ନେବା ଆଣିବା କରେ କାର୍‌ରେ। ଏ କଥାରେ ପ୍ରତିବାଦ କରି ଶୁଭକାନ୍ତ କୁହନ୍ତି-

"ଆରେ, ପିଲାକୁ ଅନ୍ୟମାନଙ୍କ ସହ ମିଶିବାର ସୁଯୋଗ ଦିଅ। ସେ ବସ୍‌ରେ ଯା' ଆସ କରୁ। ଜୀବନ କ'ଣ ଜାଣୁ। କଷ୍ଟ କ'ଣ ଅନୁଭବ କରୁ। ଅନ୍ୟ ପିଲାମାନଙ୍କ ଠାରୁ ନିଜ ପିଲାକୁ ତୁମେ ସ୍ୱତନ୍ତ୍ର ବୋଲି ଭାବୁଛ କାହିଁକି?"



: ମିଡିଲ୍ ଓ ଲୋୟର ଶ୍ରେଣୀର ପିଲାମାନେ ହିଁ ବସ୍ କିମ୍ୱା ଅଟୋ ଫଟୋରେ ଯିବା ଆସିବା କରନ୍ତି। ମୋ ପିଲା କିନ୍ତୁ ସେମାନଙ୍କ ସହ ଯିବ ନାହିଁ। ଘରେ ଗାଡି ଅଛି, ଡ୍ରାଇଭର ଅଛି। ଅସୁବିଧା କ'ଣ?" -ରାଜଲକ୍ଷ୍ମୀ ପ୍ରଶ୍ନ କରନ୍ତି।

ଶୁଭକାନ୍ତ ଜାଣନ୍ତି, ଯେତେ ଯାହା କହିଲେ ବି ବୁଝାଇଲେ ବି ବୁଝିବା ଜନ୍ତୁ ନୁହନ୍ତି ରାଜଲକ୍ଷ୍ମୀ। ତାଙ୍କର ଗୋଟେ ବଦଖୋଇ ହେଲା, କାହା କଥା ସେ ଶୁଣିବେ ନାହିଁ। ନିଜ ଭୁଲ୍‌କୁ କେବେ ସ୍ୱୀକାର କରିବେ ନାହିଁ। ତାଙ୍କ ମନ ଯାହା ବୁଝିଥିବ, ସେୟା। ଭୁଲ୍ କଥାଟିକୁ ଯଦି ସେ ଠିକ୍ ଭାବିଥିବେ, ସେଥିରୁ ତାଙ୍କୁ ନିବୃତ୍ତ କରିବା ଅସମ୍ଭବ। ମୁହେଁ ମୁହେଁ ସେ ରୋକ୍‌ଠୋକ୍ କଥା କୁହନ୍ତି, ତେଣିକି ତାହା ଆଉ କାହାର ମନ ଉପରେ ଯେମିତି ପ୍ରଭାବ ପକାଉ, ସେ କଥାକୁ ତାଙ୍କର ଖାତିର ନ ଥାଏ।

ଅତଏବ ଶୁଭକାନ୍ତ ଅଧିକାଂଶ ସମୟ ଚୁପ୍ ରୁହନ୍ତି। ଅଯଥାରେ କଳହକୁ ନିମନ୍ତ୍ରଣ କରିବା ଏବଂ ସେଥିରେ ଘାଣ୍ଟିଚକଟି ହୋଇ ନୟାନ୍ତ ହେବାକୁ ସେ ଚାହାନ୍ତି ନାହିଁ।

କୌଣସି ସରଳ ଶାନ୍ତିପ୍ରିୟ ଲୋକ କେବେ ବି ଚାହିଁବେ ନାହିଁ।

ଘରେ ଜଣେ ରୋଷେୟା ରୋଷେଇ କରେ। ସଂଜୟର ସ୍କୁଲ ନେବା ପାଇଁ ଟିଫିନ୍ ବି ତିଆରି କରେ। ଯେତେ ସ୍ୱାଦିଷ୍ଟ ଓ ଭଲ ଜଳଖିଆ ପ୍ରସ୍ତୁତ ହୋଇଥିଲେ ମଧ ସ୍କୁଲ୍‌କୁ ଯିବା ସମୟରେ ସଂଜୟର ସ୍କୁଲ୍ ବ୍ୟାଗ୍‌ରେ କିଛି ଟଙ୍କା ଗୁଞ୍ଜିଦେଇ ରାଜଲକ୍ଷ୍ମୀ କୁହନ୍ତି - "ଯଦି ସ୍କୁଲରେ କିଛି ଖାଇବାକୁ ଇଚ୍ଛାହୁଏ, ଖାଇବୁ।"

ଏ କାମକୁ ବିରୋଧ କରନ୍ତୁ ଶୁଭକାନ୍ତ-

"ଏତେ କମ୍ ବୟସରୁ ପିଲାମାନଙ୍କୁ ଆର୍ଥନୀତିକ ସ୍ୱାଧୀନତା ଦେବା ଆଦୌ ଠିକ୍ ନୁହେଁ ରାଜଲକ୍ଷ୍ମୀ। ଭବିଷ୍ୟତକୁ ପିଲା ଆଉ ଅର୍ଥର ଅର୍ଥ ବୁଝିବ ନାହିଁ। ସହଜରେ ସବୁ ସୁଖ ସୁବିଧା ମିଳିଯାଉଛି, ଆଉ ପରିଶ୍ରମ କରି କି ଲାଭ? ପିଲା ମନରେ ଏହିପରି ଶସ୍ତା ମାନସିକତା ବୃଦ୍ଧି ପାଇବ। ସେ ପିଲାହୋଇ ସିନା ବୁଝିପାରୁନି, ତୁବେ ମା' ହୋଇ ବି ଏତିକି କଥା ବୁଝିପାରୁନା, ରାଜଲକ୍ଷ୍ମୀ।

ମୁହଁରେ ପୁଳେ ବିଦ୍ରୁପାତ୍ମକ ହସ ଚହଟାଇ ରାଜଲକ୍ଷ୍ମୀ କୁହନ୍ତି-

"ଅସଲ କଥାଟି ହେଉଛି, ତୁମର ଅଧିକ ଖର୍ଚ୍ଚ ହୋଇଯାଉଛି, ସେଥିପାଇଁ ତୁମର ମୁଣ୍ଡବ୍ୟଥା। ସେ କଥା ନ କହି କଥାକୁ ଏମିତି ବୁଲେଇ ବଙ୍କେଇ, ଅଲଣା ପ୍ରବଚନ ଦେବାର ଅର୍ଥ କ'ଣ? ଅନ୍ୟ ପିଲାମାନେ ଖେଳଛୁଟିରେ ଭଲମନ୍ଦ ଖାଇବେ, ମୋ ପିଲାଟା କାହୁଁ ଆସିବା ପରି ସେଇଠି ସେମିତି ଠିଆ ହୋଇଥିବ, ଏକଥା ମୋ ଦେହରେ ଯିବନି। ଆଜିକାଲି, ମୁଁ ଦେଖୁଛି, ଛୋଟ ଛୋଟ କଥାରେ ତୁମେ ବେଶି ମୁଣ୍ଡ ପୂରାଉଛ! ନର୍ସିଂହୋମରେ କିଛି କାମଦାମ ନାହିଁ କି?

ଚୁପ୍ ହୋଇଯାଆନ୍ତି ଶୁଭକାନ୍ତ। ରାଜଲକ୍ଷ୍ମୀଙ୍କ ବେତଣ୍ଡା ଯୁକ୍ତି ଆଗରେ ହାର୍ ମାନିବା ପରି ମାନସିକତା ସହିତ ସେ ସାଲିସ୍ କରିପାରନ୍ତି ନାହିଁ କି ତା'ର ପ୍ରତିବାଦ କରିପାରନ୍ତି ନାହିଁ।

ମା'ଠାରୁ ଏପରି କଥା ଓ ବ୍ୟବହାର ଖୁବ୍ ଅନାୟାସରେ ଆୟତ୍ତ କରିନେଲା ପୁଅ। ମା'ର ପ୍ରତିଟି କଥା ତାକୁ ବାସିଲା ଅଗୁରୁ ଚନ୍ଦନ ପରି। ବାପର କଥା କିନ୍ତୁ ଗନ୍ଧେଇଲା। ବାପା ଯେ ତା'ର କର୍ମପଥରେ ଏକ ଅନ୍ତରାୟ, ଏହା ଭର୍ତ୍ତି ହୋଇଯାଉଥିଲା ସଂଜୟର ସାନ ମସ୍ତିଷ୍କରେ।

ସଂଜୟ ଯେତେ ଯେତେ ବଡ ହେଉଥିଲା, ତାର ଅବାସ୍ତବ ଆବଶ୍ୟକତା ସେତେ ବୃଦ୍ଧି ପାଉଥିଲା। ଆଉ ତାର ସେଇ ଆବଶ୍ୟକତାକୁ ପୂରଣ କରିବାକୁ ବିନା ଦ୍ୱିଧାରେ ସବୁବେଳେ ପ୍ରସ୍ତୁତ ଥାଆନ୍ତି ରାଜଲକ୍ଷ୍ମୀ। ଆଦି ଦଶ ହଜାର ଦିଅ, ସାଙ୍ଗମାନଙ୍କୁ ପାର୍ଟି ଦେବାର ଅଛି... କାଲି କୋଡିଏ ହଜାର ଦିଅ ଦରକାର। ଅଛି ଆଜି ବାଇକ୍‌ରେ ଯିବି, କାଲି କାରରେ.. ଆଜି ସିନେବା ଯିବି... କାଲି ମଲ୍ ବୁଲିବି....

(କ୍ରମଶଃ)

# ଗାଁରେ ଯେବେ ବର୍ଷା ହୁଏ



**ଦିଲିପ୍ କୁମାର ତ୍ରିପାଠୀ**

ପହିଲି ବର୍ଷାର ଛିଟାରେ ଆଉ କିଛି ନୁହେଁ
ଖାଲି ଗାଁ ମନେପଡ଼େ
ହସ୍ତାକ୍ଷର ଖାତାରେ ତିଆରି
କାଗଜ ଡ଼ଙ୍ଗା ମନେପଡ଼େ
ଗାଁ ଦାଣ୍ଡରେ ଛୋଟିଆ ଝରଣା,
ମାମୁଁ ଘର ପିଣ୍ଡାରେ ଘଡଘଡିର
ତାଳେ ତାଳେ ଅଜାଙ୍କ ଗପ
ସେପଟେ ଆଇର ଡାକ- ଆସରେ ଚା ପିଇବ
ଆଉ ଗରମ ମୁଢ଼ିର ବାସ୍ନାରେ
ଗାଁର ବର୍ଷା , ଠିକ୍ ବର୍ଷା ପରି ଲାଗେ।
ବର୍ଷା ସରୁସରୁ ମାଟି ମାଖିହୁଏ ଅତର
ସଜେଇକି ପିନ୍ଧେ ଶାଢ଼ୀ
ଗଛ ହୁଏ ଫୁଲେଇ
ସଫା ସୁତୁରା ହେଇ ଗୋରା ଫିଟିଛି ବୋଲି
ସାଧବ ବୋହୂମାନେ
ନାଲି ଶାଢ଼ୀ ପିନ୍ଧି ବାହାରନ୍ତି :
ଯିବାକୁ ବାପଘର
ବର୍ଷା ଛାଡିଲେ କାହାର ପାଦଚିହ୍ନ
ଚିହ୍ନ ଛାଡ଼େ ଆଉ କାହା ପାଇଁ
ସେପଟେ ଗୋଲାପ ଫୁଟେ ଆଉ ଜଣଙ୍କ
ବାଡ଼ିରେ।
ସ୍କୁଲ ଛୁଟି ପରେ, ତିନ୍ତି ତିନ୍ତି ଆସେ ବର୍ଷା
ଦେଇହୁଏନି ପହିଲି ଚିଠି
ଭିଜିଯାଏ ବର୍ଷାରେ
ଶ୍ରାବଣ ନାଏ ଫଗୁଣ ଲାଜ ଆଖିରେ
ତନୁ ପାତେଳି ନଈ ଦେହରେ
ଲାଗିଯାଏ ମାଂସ
ବାଲିଛତୁ ଫୁଟେ ବାଦାମ ପଡ଼ିଆରେ
କେରାଣ୍ଡି ମାଛର ବାସ୍ନାରେ
ଉଠେ କଂସା କଂସା ପଖାଳ
ଆଉ ଗୋଟେ ପ୍ରେମ ଗଢ଼ିଉଠେ
କେଉଁଠି ନା କେଉଁଠି
ଇନ୍ଦ୍ରଧନୁର ସାତରଙ୍ଗରେ
ହେଲେ ସହରରେ ନଥାଏ ଏସବୁ
ଥାଏ ଖାଲି ଯାହା ଭିଜିବାର ଭୟ
ବାଲକୋନିରେ ନିରବତା
ରାସ୍ତାରେ ଟ୍ରାଫିକ ଜାମ୍
ଶସ୍ତାରେ ଯାଏ ଜୀବନ
ଭୁଷୁଡି ପଡ଼େ ଆପାର୍ଟମେଣ୍ଟ, ବ୍ରିଜ,ସ୍କୁଲ
ଦବିଯାଏ ରାସ୍ତା, ଘରେ ପଶେ ପାଣି
ଅଳିଆଗଦାରେ ଶବ ସଢ଼େ
ଜରି ଛାତ ଉଡ଼େ
ଖବର ବେପାର ବଢ଼େ।
ଆଣ୍ଠୁଏ ପାଣିରେ ଶୋଇଯାଏ ବସ୍ତି
ତଥାପି ସହରରେ ବର୍ଷା,
ବର୍ଷା ପରି ଲାଗେନି ଯମା!
ଚାଳଘରୁ ନିଗଡୁଥିବା
ସବା ଶେଷ ବର୍ଷା ଟୋପାପରି
ନିଗଡୁଥାଏ ଲୁହ, ଲହୁ, ଝାଳ
ମଣିଷଟା ଖାଲି ଯାହା ସମୟ ଖୋଜେ
ଦିନ ଗଣେ, ରାସ୍ତାକୁ ଚାହିଁ ରହେ
ଯିବବୋଲି ଗାଁକୁ
ଜୀଇଁବାକୁ
ଗୋଟେ ବର୍ଷା ଦିନ!

*ପର୍ଜଙ୍ଗ,କୁନ୍ଦନଦେଇପୁର ଶାସନ, ଢେଙ୍କାନାଳ*
*ଦୂରଭାଷ:୯୭୭୮୧୦୬୧୦୫*

# ଅନ୍ତର୍ଦାହ

**ଅନୀତା ପଟ୍ଟନାୟକ**



କଲେଜରୁ ଫେରି ଅପରାହ୍ନରେ ଦିଗବଳୟକୁ ଚାହିଁ ବିଶ୍ରାମ ନେଲାବେଳେ ସ୍ୱତଃ ମନରେ ପ୍ରଶ୍ନ ଉଠିଲା। ମନ କ'ଣ ସତରେ ଅନୁଭବ କରେ? ସେହିପରି ବୁଦ୍ଧି କ'ଣ ଯୋଜନା କରେ? ଶରୀର କ'ଣ କାର୍ଯ୍ୟ ପାଇଁ ବିନିଯୋଗ ହୁଏ। ସେହିପରି ସେବା କ'ଣ ଭଗବାନଙ୍କୁ ଅର୍ପଣ ହୁଏ? ଫୁଲରେ ସତେ କ'ଣ ଉପାସନା ହୁଏ? ବିବେକ କ'ଣ ଭୁଲ ଠିକର ବିବେଚନା କରେ? ଏହିପରି ଭାବୁ ଭାବୁ କେତେବେଳେ ମୁଁ ଶୋଇ ପଡ଼ିଥିଲି ମୁଁ ଜାଣିନି। ତାପର ଦିନ କଲେଜ କାମରେ ମୋର ଭୁବନେଶ୍ୱର ଆସିବାକୁ ଥିଲା। ଗୋଟିଏ ସୁନ୍ଦର ନୂଆ ବସଟିଏ ବସ ରହଣୀ ସ୍ଥାନରେ ଲାଗିଲା। ଉପରକୁ ଚଢ଼ିଯିବା ମାତ୍ରେ କଣ୍ଡକ୍ଟରଟି ତା ପାଖ ସିଟରେ ଝରକା ପାଖକୁ ବସିବା ପାଇଁ କହିଲା। ତାହା ଏକ ଆରାମ ଦାୟକ ସିଟ ଥିଲା। ଆଗରେ ଷ୍ଟିଲର ରଡ଼ ଲାଗିଥିବାରୁ ଗୋଡ଼ ବଢ଼ାଇ ବସିବାର ସୁଯୋଗ ରହୁଥିଲା। କଣ୍ଡକ୍ଟର ଜଣେ ଯୁବକ ଥିଲା। ବସ ଭିଡ଼ ଥିବାରୁ ତା ନିଜ ସିଟରୁ ସେ ଦିନ କାହାକୁ ବସାଇବାକୁ ଦେଉ ନଥିଲା। ତେଣୁ ମୁଁ ଭିଡ଼ ଥିଲେ ମଧ ଦୁଇଟି ସିଟର ସୁଖକୁ ଉପଭୋଗ କରୁଥିଲି। ମୋ ନିକଟରେ କିଏ ବସିବାକୁ ଚେଷ୍ଟା କଲେ ଏହା କଣ୍ଡକ୍ଟର ସିଟ କହି ଉଠାଇ ଦେଉଥିଲା। ପେଟ୍ରୋଲ ଦରଦାମ ବୃଦ୍ଧି ହେତୁ କଣ୍ଡକ୍ଟର ଲୋକମାନଙ୍କ ଠାରୁ ଅଧିକ ପଇସା ଦାବୀ କରୁଥିଲେ। ମୋ ପାଖ ସିଟର ଆରପଟ ସିଟର ଲୋକଙ୍କ ସହ ବସଭଡ଼ା ପାଇଁ ତାର ଝଗଡ଼ା ହେଉଥାଏ। କଣ୍ଡକ୍ଟର ସିଟ ପାଖରେ ଛିଡ଼ା ହୋଇଥିବା ବ୍ୟକ୍ତି ତାକୁ କହିଲେ ତୁମେ ଏହିପରି ଅଘୋଷିତ ଯାତ୍ରୀଭଡ଼ା ଦାବୀ କରି ପାରିବନାହିଁ। କଣ୍ଡକ୍ଟର କିନ୍ତୁ ନଛୋଡବନ୍ଧା ସେ କହିଲା ଯେଉଁମାନେ ବସ ଭଡ଼ା ଦେଇ ନପାରିବେ ସେମାନେ ବସରୁ ଓହ୍ଲାଇ ଯାଆନ୍ତୁ।

ମୁଁ ଗଣ୍ଡଗୋଳକୁ ଏଡ଼ାଇବା ପାଇଁ କଣ୍ଡକ୍ଟର ଦାବୀ କରୁଥିବା ଟଙ୍କାକୁ ମନିପର୍ସରୁ କାଢ଼ି ଧରିଥାଏ। ସେ ବସଟଙ୍କା ଆଦାୟ କରୁ କରୁ ଆଗକୁ ଚାଲିଗଲା ମତେ ଅତିକ୍ରମ କରି। ମନେ ମନେ ଭାବିଲି ବୋଧହୁଏ କଣ୍ଡକ୍ଟର ମୋ ଠାରୁ ପଇସା ନେଇଛି ବୋଲି ଭାବି ପଛ ସିଟ ଆଡ଼କୁ ଚାଲିଗଲା। ସେ ଦିନ ବସରେ ଭିଡ଼ ଥିବାରୁ ପଛରେ କୋଳାହଳ ଲାଗିଥାଏ। ଜଣେ ବ୍ୟକ୍ତି ବ୍ୟଙ୍ଗାତ୍ମକ ଭାବେ କହୁଥାନ୍ତି ଏ କଣ୍ଡକ୍ଟରର



ଆଚରଣ ଦେଖୁଛତ? ତା ନିଜ ସିଟରେ କାହାକୁ ବସାଇ ଦେଉନି ଏ ପଟେ କାହାକୁ ଟଙ୍କାଟେ ରିହାତି ମଧ ଦେଉନାହିଁ। ଏହିପରି ପାଟିତୁଣ୍ଡ ଚାଲିଥିବାବେଳେ ମୁଁ ଦେଖିଲି ସେପଟ ଝରକା ପାଖେ ବସିଥିବା ମହିଳା। ମୋ ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଛନ୍ତି। ମନରେ ଶଙ୍କା ହେଉଥାଏ ସେ ସ୍ତ୍ରୀଲୋକ କହିଦେବେ କି ମୁଁ ପଇସା ଦେଇନାହିଁ ବୋଲି। ମନେ ମନେ ଭାବୁଥାଏ ଆଉ ତ ଅଳ୍ପ ବାଟ ରହିଲା ବସଷ୍ଟାଣ୍ଡ। ତରବର ହୋଇ କିଛି ନଜାଣିଲା ପରି ଲୋକ ଗହଳିରେ ଓହ୍ଲାଇ ପଡ଼ିବି। କଣ୍ଡକ୍ଟର ମୁହଁକୁ ଚାହିଁବି ନାହିଁ। ମୋର ୧୫୦ଟଙ୍କା ବଞ୍ଚିଯିବ ଓ ବର୍ଦ୍ଧିତ ଭଡ଼ା ଦେବାକୁ ପଡ଼ିବ ନାହିଁ। ମୁଁ ମନରେ ଏସବୁ ଅନୁଭବ କରୁଥିବା ବେଳେ ବୁଦ୍ଧିମୋର ଯୋଜନା କରୁଥାଏ ଶରୀରକୁ ଏପରି କାର୍ଯ୍ୟରେ କିପରି ବିନିଯୋଗ କରିବି ସେଥିପାଇଁ ପ୍ରସ୍ତୁତ ହେଉଥାଏ। ବସରୁ ଓହ୍ଲାଇବା ବେଳେ ଭିଡ଼ରୁ ରକ୍ଷା କରିବା ପାଇଁ କଣ୍ଡକ୍ଟର ମତେ ଆଗ ଓହ୍ଲାଇ ପକାଇଲା। ଲୋକମାନେ ତଳକୁ ଓହ୍ଲାଉଥିବା ସମୟରେ ସେ ପାଦ ଧରି ମୁଣ୍ଡିଆ ମାରି ମତେ କହି ଉଠିଲା ଆପଣ କ'ଣ ମତେ ଚିହ୍ନି ପାରୁନାହାଁନ୍ତି। ମୁଁ ସେହି ଦୁଷ୍ଟ ପ୍ରଶାନ୍ତ। ଆପଣ ସେ ଦିନ କ୍ଲାସରେ କହୁଥିଲେ ଫୁଲ ଦ୍ୱାରା ଉପାସନା ହୁଏନି ବରଂ ସେବା ଭଗବାନଙ୍କୁ ଅର୍ପଣ କରାଯାଏ। ଆପଣ ତ ମୋ ଭଗବାନ ଆଜି ସେବା କରିବାର ସୁଯୋଗ ବସରେ ଦେଲେ।

ଏହି ସମୟରେ ମୋ ଦେହରୁ ଗୋଟା ଗୋଟା ଝାଳ ବୋହି ଯାଉଥାଏ। ମୋର ବିବେକ ଭୁଲ ଓ ଠିକର ବିବେଚନା କରୁଥାଏ। ପ୍ରଶାନ୍ତ କହିଲା ମାଡ଼ାମ ମୁଁ ଆପଣଙ୍କ ପାଇଁ ଅଟୋ ଡାକି ଦେଉଛି କେଉଁଠାକୁ ଯିବେ? ଏହି ସମୟରେ ଜଣେ ବସଯାତ୍ରୀ ପାଟି କରି ଉଠୁଥାଏ ଓ କଣ୍ଡକ୍ଟର ବାବୁ ଆମ ଜିନିଷ ଦିଅ? ଏହି ସମୟରେ ମତେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ମହିଳା ଜଣକ କହିଲେ ଆମ ଜିନିଷ ଦେବାକୁ ଆଡ଼େଇଗଲା। ଯିଏ ପଇସା ଦେଇନି ତା ସହିତ ଗପୁଛି। ଏହି ସମୟରେ ଆମ କଲେଜର ପ୍ରିନ୍ସିପାଲ ଗୋଟିଏ ଅଟୋରେ ପହଞ୍ଚିଲେ। ପ୍ରଶାନ୍ତ ମତେ ଏବଂ ତାଙ୍କୁ ପ୍ରଣାମ କରି ଜିନିଷ କାଢ଼ିବା ପାଇଁ ଚାଲିଗଲା। ସେ ଦିନ ବିବେକର ଭୁଲ ଠିକର ବିବେଚନା କରି ମୁଁ ଲଜ୍ଜିତ ହେଲି ଏବଂ ଏହି ଅନୁଭୂତିକୁ ଆଜି ପର୍ଯ୍ୟନ୍ତ ମୁଁ ଭୁଲିପାରି ନାହିଁ। ମୋର ପିଲାଦିନର ପ୍ରାର୍ଥନା ସବୁବେଳେ ମନେ ପଡ଼େ ଯାହା ମୁଁ କହଇ ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ ଜଗତର କର୍ତ୍ତା। ପରମଈଶ୍ୱର ଯାଣୁଛନ୍ତି ପ୍ରତିକ୍ଷଣେ ମୋ ପାଶେ ଅଛନ୍ତି ଦିବସ ରଜନୀ ମହାପ୍ରଭୁ ପରମେଶ୍ୱର ଏକଥା ସୁମରି ହୃଦୟେ ତାହାଙ୍କୁ ପୂଜିବି ମୁଁ ନିରନ୍ତର।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,*
*ଦୂରଭାଷ : ୯୮୬୧୧୧୮୬୭୩*

## ବିଶେଷ କବିତା



# ଟଙ୍କିକିଆ ଚାଉଳ



**ଅଧ୍ୟାପକ ଅଜୟ ପଟ୍ଟନାୟକ**

ବାଃ, ବାଃ, ତୁ ଶାସନ କଲ
ଯୋଗାଇଲୁ ଟଙ୍କିକିଆ ଚାଉଳ,
ଚାଷୀ ହୋଇଗଲା କାଙ୍ଗାଳ,
ଚାଲ ବିଲ ସବୁ ରହିଲା ପଡିଆ,
ଦିନ ରାତି ତାସ୍ ଖେଳରେ
ଭେଣ୍ଡିଆ ହେଲେ ଭାଣ୍ଡିଆ।
ଟଙ୍କା କରେ କିଣି, କୋଡିଏରେ ବିକି
ପିଇଲେ ଦେଶୀ ଆଉ ବିଦେଶୀ ତାଡି, ବଡ ବଢ଼ିଆ।
ବିଲ, ବାଡି ସବୁ ପଡିଆ,
ମଦ ପିଇ ଖାଉଛନ୍ତି, ମାଇପ ଠୁ ବାଡିଆ।
ଭୋଟ ବେଳ ତ ତାଙ୍କୁ ବଡ ବଢ଼ିଆ,
ମାଗଣାରେ ପେଟରୋଲ ଆଉ ବ୍ରଏଲର କୁକୁଡା
ପକେଟରେ ନୋଟ ପୁଣି ନୂଆ ପାଞ୍ଚଶହ ଟଙ୍କିଆ।
ଢାବାର ମାଗଣା ମଦ ତ ଆହୁରି ବଢ଼ିଆ
ଲୋକଙ୍କୁ ତୁ କଲୁ କୋଢ଼ିଆ
ଗରିବ ତାଲିକାରେ କରି ନାମ ଦରଜ
ଭୋଟ କରିବେ ମକା ଆଉ ମଉଜ।
ଭିକାରୀ ହେବେ ଯୁବାଗଣ,
ଭାଙ୍ଗି ଦେଇ ମନୋବଳ ତାଙ୍କ
କି ପ୍ରକାର ରାଷ୍ଟ୍ର ଗଢ଼ିବ?
ସ୍ୱପ୍ନ କରିବ ସାକାର
ଗୋପବନ୍ଧୁ, ମଧୁସୂଦନଙ୍କର?
ଗାନ୍ଧୀ ଆଉ ନେହେରୁଙ୍କର?

*ନୈମଷାରଣ୍ୟ, ଜିଏ-୧୧୬*
*କେନ୍ଦ୍ରୀୟ ବିଦ୍ୟାଳୟ ରୋଡ, ନିଳାଦ୍ରୀବିହାର*
*ଦୂରଭାଷ : ୯୪୩୭୧୨୮୧୭୯*

# ନାଚାର ଶ୍ରମଣା



**ଦେବଯାନୀ ରାୟ**

ବଞ୍ଚିବାର ଏତେ ଟିକେ ମୋହ
ଓଗାଳି ବସିଛି ନିର୍ବାଣର ପଥ
ସେଥିପାଇଁ ସରେନାହିଁ
ମାନ ଅଭିମାନ
ଅର୍ଥହୀନ ଗୁମାନ
ଅସରନ୍ତି କାମନା
ରାତ୍ରିର ସୀମାହୀନ ଶୋଷ
ଅହେତୁକ ଭୋକ
ମାଡିବସେ ଚିରାଚରିତ ବାସନା।

ଯୌବନର ବେନିପାଦ ମାଡିଚାଲେ ନିର୍ଜନତାକୁ
ଶୋଷର ବାମ ହସ୍ତ ଜଳପାଇଁ
ଚିରିଚାଲେ ବାଦଲ ବକ୍ଷକୁ
ଡାହାଣ ହସ୍ତ କାମନା ଜାଳେ
କ୍ଷଣିକେ ଚଞ୍ଚଳ ମନ ତୃଷ୍ଣାତୁର ଜୀବନକୁ।

ପାହାନ୍ତିର ଲାଜ ଫିଟିଲା ପରେ ବି
ଭବିଷ୍ୟତର ରାତି ତଥାପି ବାକି ଥାଏ
ଝର୍କା ସେପାଖର ବର୍ଷା
କୋଠରୀ ଭିତରେ ଶୀତର ଆସର ଜମାଏ
ବଦଳି ଯାଇଥିବା ଦୃଶ୍ୟ ପରି
ସୁଖ ପରେ ଦୁଃଖ ଆସୁ ଥାଏ ତ
ଦୁଃଖ ପରେ ସୁଖ
କେବେ କେବେ ଯୁଗଳବନ୍ଦୀର ଦୃଶ୍ୟରାଜି
ପାଷାଣକୁ କରେ ଅନ୍ୟମନସ୍କ।

ଗତାନୁଗତିକ ସମୟଟା
ଆସେ, ଚାଲିଯାଏ, ରହିଯାଏ, ଛାଡିଯାଏ
ଅନେକ ବସ୍ପମୟ ଧୂଆଁର କୁହୁକ
ମଝିରେ ସମୟଟା ପେଣ୍ଡୁଲମ ହୋଇ
ମାଟି ଉପରେ ଝୁଲିପଡେ
ଭବିଷ୍ୟ ଚିନ୍ତାରେ ନିଜ ଇଚ୍ଛାକୁ ବିସ୍ତାରେ।

ସ୍ନେହ ଶ୍ରଦ୍ଧାର ମୂଳକକୁ କରି ଅନ୍ଧାରୀ
ଅସହାୟ ମୁହୂର୍ତ୍ତେ ଠିଆ ହୁଏ ହାତଠାରି
ସମ୍ପର୍କର ଗୋଳିଆ ପାଣିରେ ବୁଡ଼ି ରହେ ପାଦ
ନିଜ ବୋଝ ବୋହି ଶରୀର ବି ଭାରାକ୍ରାନ୍ତ
ହୁଏତ ଜଣା ନଥାଏ
କେତେପଥ ହେଲା ଅତିକ୍ରାନ୍ତ
ଯଦିଓ ପିଠିରେ ଲଦା ଥାଏ
ସମୟର ସଇତାନି ଗଭୀର କ୍ଷତ।

*ଜଟଣୀ, ଖୋର୍ଦ୍ଧା*
*ଦୂରଭାଷ: ୯୪୩୭୪୧୩୩୧୪*



# ସିସିଆରଟିର ଜାତୀୟ ମେଧାବୃତ୍ତି ପାଇଁ ରତୁପର୍ଣ୍ଣା ଓ ସୃଜନୀକା ମନୋନୀତ



**ଭୁବନେଶ୍ୱର:** ଓଡ଼ିଶାର ପାରମ୍ପାରିକ ପଟ୍ଟଚିତ୍ର ଜଗନ୍ନାଥ ସଂସ୍କୃତି ସହ ଓତଃପ୍ରୋତଃ ଭାବେ ଜଡ଼ିତ, ପଟ୍ଟଚିତ୍ର କେବଳ ଦକ୍ଷତା ସମ୍ପନ୍ନ ଚିତ୍ରଶିଳ୍ପୀଙ୍କୁ ରାଜ୍ୟ ଏବଂ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇ ଥାଏ ତାହା ନୁହେଁ ନିଜ ନିଜର ସୃଜନାତ୍ମକ ଚିନ୍ତାଧାରା ଓ ଅଧ୍ୟବସାୟ ଦ୍ୱାରା ଶିଶୁଚିତ୍ରଶିଳ୍ପୀ ମାନଙ୍କୁ ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିବାର ରାହା ଓ ସାହା ସାଜିଛି ପଟ୍ଟଚିତ୍ର। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ସାଂସ୍କୃତିକ ସମ୍ବଳ ଓ ପ୍ରଶିକ୍ଷଣ କେନ୍ଦ୍ର (ସିସିଆରଟି), ନୂଆଦିଲ୍ଲୀ ତରଫରୁ ପ୍ରଦତ୍ତ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ମେଧା ବୃତ୍ତି ଯୋଜନା ମାଧ୍ୟମରେ ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁର ସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ର ଦଶମ ଶ୍ରେଣୀ ଛାତ୍ରୀ ରତୁପର୍ଣ୍ଣା ମହାରଣା ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୧ର ସପ୍ତମ ଶ୍ରେଣୀ ଛାତ୍ରୀ ସୃଜନୀକା ମହାପାତ୍ର ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ତଥା କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଟ୍ଟଚିତ୍ର ପ୍ରଶିକ୍ଷଣ ପାଇଁ ୨୦୨୧-୨୨ ଶିକ୍ଷା ବର୍ଷ ଠାରୁ ଗ୍ରାଜୁଏସନ୍ ସମାପ୍ତି ପର୍ଯ୍ୟନ୍ତ ମେଧା ବୃତ୍ତି ପାଇବା ପାଇଁ ସିସିଆରଟିର ନିର୍ଦ୍ଦେଶକ ଋଷି ବଶିଷ୍ଠ ସ୍ୱୀକୃତି ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଅନ୍ତର୍ଗତ ଶିଳ୍ପୀ ଗ୍ରାମ ମଥୁରାରେ ଜନ୍ମିତ ପାରମ୍ପାରିକ ପଟ୍ଟଚିତ୍ର ଶିଳ୍ପୀ ରବୀନ୍ଦ୍ର କୁମାର ମହାରଣା ଓ ଅବନ୍ତୀ ମହାରଣାଙ୍କ ଏକମାତ୍ର କନ୍ୟା ରତୁପର୍ଣ୍ଣା ପାଠପଢ଼ା ସହ ଚିତ୍ରାଙ୍କନ, ସଙ୍ଗୀତ ଓ ପଟ୍ଟଚିତ୍ରରେ ଅଭିରୁଚି ସହିତ ମାତାପିତାଙ୍କ ପ୍ରେରଣାର ସଫଳତା ଜାତୀୟ ସ୍ତରରେ ପହଞ୍ଚାଇ ପାରିଛି। ସଫଳତାର ସ୍ମାରକୀ ସ୍ୱରୂପ ରତୁପର୍ଣ୍ଣା ସର୍ବଭାରତୀୟ କ୍ୟାମେଲ୍ କଲର୍ କଣ୍ଟେଷ୍ଟ, ଅର୍ନ୍ତଜାତୀୟ ଧଉଳି ଆର୍ଟ ଫେଷ୍ଟ, କଳାକଳ୍ପନା, କଳାମିତ୍ର ଫାଉଣ୍ଡେସନ, କଳାରମ୍ଭ ଫାଉଣ୍ଡେସନ ଅଫ୍ ଆର୍ଟ ସୋସାଇଟି, ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ, ଜାତୀୟ ସଂଗ୍ରହାଳୟ ପ୍ରତିଷ୍ଠା ଦିବସ, କଳାନିକେତନ ପରି ବହୁ କଳା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ଓଡ଼ିଶା ଏବଂ ବିଦ୍ୟାଳୟ ପାଇଁ ଗୌରବ ସାଉଁଟିଛନ୍ତି। ସେହିପରି ଭାବେ ବରିଷ୍ଠ କ୍ରିଡ଼ା ସାମ୍ବାଦିକ ତଥା ଦୈନିକ ଓଡ଼ିଆ ଖବରକାଗଜ ନିର୍ଭୟର ସହସମ୍ପାଦକ ସମ୍ବିତ ମହାପାତ୍ର ଓ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ର ହିନ୍ଦୀ ଶିକ୍ଷୟିତ୍ରୀ ନେହା ମହାପାତ୍ରଙ୍କ କନିଷ୍ଠା କନ୍ୟା ସୃଜନୀକା, ପିତାମାତାଙ୍କ ପ୍ରେରଣା ଓ କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ଏବଂ ନିଜର ଅଦମ୍ୟ ପ୍ରଚେଷ୍ଟା ଫଳରେ ସିସିଆରଟି ଦ୍ୱାରା ପ୍ରଦତ୍ତ ଜାତୀୟ ମେଧା ବୃତ୍ତି ପଟ୍ଟଚିତ୍ର କଳାର ପୁନରୁଦ୍ଧାର କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପାଠପଢ଼ା ସହ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତାରେ ଅଭିରୁଚି ରଖିଥିବା ସୃଜନୀକା ସମୟକ୍ରମେ ରବୀନ୍ଦ୍ର କୁମାର ମହାରଣାଙ୍କ ପ୍ରେରଣାରେ ପଟ୍ଟଚିତ୍ର ଶିକ୍ଷା ଗ୍ରହଣ କରି ଏହି ସଫଳତା ହାସଲ କରିଥିବାରୁ ପିତାମାତା, ବିଦ୍ୟାଳୟର ଅଧକ୍ଷା, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଗୁରୁଜନ ମାନଙ୍କ ଆର୍ଶୀବାଦର ଶ୍ରେୟ ବୋଲି ସହମତି ପ୍ରକାଶ କରିବା ସହ ରାଜ୍ୟ ତଥା ବିଦ୍ୟାଳୟ ପାଇଁ ଗୌରବାନ୍ୱିତ ହୋଇପାରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତୁଟିଲାନି ...

ଥରୁଟିଏ ବି ଦାରୁବିଗ୍ରହଙ୍କ ବନକଲାଗି ହେଲା ନାହିଁ। ଫଳରେ ଠାକୁରଙ୍କ ମୁଖମଣ୍ଡଳ ମଳିନ ଦିଶିଲାଣି। ଏହାକୁ ନେଇ ଅନେକ ସଦସ୍ୟ ଉଦ୍‌ବେ ପ୍ରକାଶ କରିଥିଲେ। ଠାକୁରଙ୍କ ସେବାରେ ଜିଦିବାଦ୍ ଠିକ୍ ନୁହେଁ ବୋଲି କୁହାଯାଇଥିଲା। ତେବେ ଯାହା ବି ସବୁ ପ୍ରସ୍ତାବ ଆସିଛି ତାହା ଆସନ୍ତା ୧ ତାରିଖ ପରିଚାଳନା କମିଟି ବୈଠକରେ ତର୍ଜମା କରାଯାଇ ବିଧିବଦ୍ଧ ନିଷ୍ପତ୍ତି ନିଆଯିବ ବୋଲି ନୀତି ସବ୍ କମିଟି ବୈଠକରେ ଗୃହୀତ ହୋଇଛି। ତେବେ କେବେ ଏହି ବିବାଦର ସମାଧାନ ହେବ ଏବଂ ଶ୍ରୀମୁଖ ଶୃଙ୍ଗାର କରାଯିବ ତାହାକୁ ଚାହିଁରହିଛନ୍ତି କୋଟି କୋଟି ଜଗନ୍ନାଥପ୍ରେମୀ। ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ଶ୍ରୀ ଦାସ କହିଛନ୍ତି, ବିବାଦର ସମାଧାନ ହେବ ବୋଲି ଆମେ ଆଶାବାଦୀ। ନୀତି ସବ୍ କମିଟି ବୈଠକରେ ଏ ବିଷୟରେ ଆଲୋଚନା ହୋଇ ଅନେକ ମତ ଆସିଛି। ଆସନ୍ତା ୧ ତାରିଖ ପରିଚାଳନା କମିଟି ବୈଠକରେ ଏହି ମତସବୁକୁ ଉପସ୍ଥାପନ କରାଯିବ। ପରିଚାଳନା କମିଟି ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏ ପର୍ଯ୍ୟନ୍ତ ଯାହା ମତ ଆସିଛି, ଶାସ୍ତ୍ର ଏବଂ ରେକର୍ଡ୍ସ ଅଫ୍ ରାଇଟ୍ସରେ ଯାହା ମତ ରହିଛି ତାହାକୁ ଭିତ୍ତିକରି ଦଇତାପତି ସେବକଙ୍କୁ ବୁଝାଇବାକୁ ଚେଷ୍ଟା କରିଛୁ। ସେମାନଙ୍କ ପାଇଁ ଏ ପର୍ଯ୍ୟନ୍ତ ସବୁ ଦ୍ୱାର ଖୋଲା ଅଛି। ମହାପ୍ରଭୁଙ୍କ ସେବା କରିବାର ଯେଉଁ ଅଧିକାର ପାଇଛନ୍ତି ତାହାକୁ ଦୁରୁପଯୋଗ ନ କରି ପ୍ରଶାସନକୁ ସହଯୋଗ କରନ୍ତୁ। ଖୁବ୍‌ଶୀଘ୍ର ମହାପ୍ରଭୁଙ୍କ ବନକଲାଗି ହେବ ବୋଲି ଆଶା ରଖିଛୁ। ତେବେ ଶାସ୍ତ୍ରୀୟ ମତ ଏବଂ ବର୍ତ୍ତମାନ ସୁଦ୍ଧା ଯାହା ନିଷ୍ପତ୍ତି ହୋଇଛି ତାହା ବୁଧବାର ସପକ୍ଷରେ ରହିଛି। ବୁଧବାର ଯଦି ସ୍ୱତନ୍ତ୍ର ନୀତିକାନ୍ତି ପଡ଼େ ତେବେ ସେ କ୍ଷେତ୍ରରେ ଗୁରୁବାର କରାଯାଇପାରେ। କିନ୍ତୁ ତାହା ପ୍ରଶାସନ ହିଁ ସ୍ଥିର କରିବ। ସବୁ ମହାପ୍ରଭୁଙ୍କ କାର୍ଯ୍ୟ। ଆମେ କେବଳ ତାଙ୍କର ପରିଚାଳକ। ସେବକମାନେ ମଧ୍ୟ ମହାପ୍ରଭୁଙ୍କୁ ସମ୍ମାନ ଦେଇ ନୀତି କରିବା ଦରକାର। ବିକଳ୍ପର ବାଟ ଖୋଲା ଅଛି। ହେଲେ ଆମେ ଏବେ ସୁଦ୍ଧା ସେ ବିଷୟରେ ଚିନ୍ତା କରିନାହୁଁ। ଏବେ ବି ସମୟ ଅଛି ଦଇତାପତି ସେବକମାନେ ସହଯୋଗ କରନ୍ତୁ ବୋଲି ଅନୁରୋଧ କରିଛନ୍ତି ମୁଖ୍ୟ ପ୍ରଶାସକ ଶ୍ରୀ ଦାସ।

### ଫେବୃଆରୀ ...

ପୁରୁଣା ପରୀକ୍ଷା ପଦ୍ଧତିରେ ପରୀକ୍ଷା କରିବା ନିମନ୍ତେ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମାଟ୍ରିକ ପରୀକ୍ଷା ଶେଷ ହେବା ପରେ ମାର୍ଚ୍ଚ ୧୨ରୁ ଖାତାଦେଖା ଆରମ୍ଭ ହେବା। ଏହା ଅତିକମ୍‌ରେ ୧୨ ଦିନ ଚାଲିବ। ଏଥର ରାଜ୍ୟରେ ୫ ଲକ୍ଷ ୭୨ ହଜାର ପିଲା ଦଶମ ଶ୍ରେଣୀରେ ନାମ ଲେଖାଇଛନ୍ତି। ସେମାନଙ୍କ ମଧ୍ୟରୁ ସାଢେ ୫ ଲକ୍ଷ ପିଲା ପରୀକ୍ଷା ଦେବେ ବୋଲି ଆଶା କରାଯାଉଥିବା ବୋର୍ଡ ଡାଇରେକ୍ଟର ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏନେଇ ସେ ସାମ୍ବାଦିକମାନଙ୍କୁ କହିଛନ୍ତି, ଚଳିତ ବର୍ଷର ଦଶମ ଶ୍ରେଣୀର ବାର୍ଷିକ ହାଇସ୍କୁଲ ପରୀକ୍ଷା, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଏକ ସମୟରେ ଫେବୃୟାରୀ ୨୦ରେ ଆରମ୍ଭ ହୋଇ ମାର୍ଚ୍ଚ ୪ ତାରିଖରେ ଶେଷ ହେବ। ଗତ ୨ ବର୍ଷ ହେବ ନୂଆ ସ୍କିମ୍‌ରେ ସମେଟିମ ଆସେସମେଣ୍ଟ ଓ ଇଣ୍ଟରନାଲ ଆସେସମେଣ୍ଟ ହେଉଥିଲା। ତେଣୁ ଫେବୃୟାରୀରେ ଆରମ୍ଭ ହୋଇ ପାରୁ ନ ଥିଲା। ଏଥର କିନ୍ତୁ ପୁରୁଣା ଢାଞ୍ଚାରେ ଶତ ପ୍ରତିଶତ ସିଲାବସ୍ରୁ ପରୀକ୍ଷା ହେବ। ଆଗୁଆ ପରୀକ୍ଷା ସମୟ ଜଣାଇ ଦିଆଗଲା, ଫଳରେ ଠିକ୍ ସମୟରେ ପିଲାମାନେ ସିଲାବସ୍‌ର ରିଭିଜନ କରି ପାରିବେ ବୋଲି ସେ କହିଛନ୍ତି। ମଧ୍ୟମା ସମେତ ହାଇସ୍କୁଲର ଷାଣ୍ମାସିକ ପରୀକ୍ଷା ଚଳିତ ବର୍ଷ ସେପ୍ଟେମ୍ବର ୧୩ରୁ ୧୬ ତାରିଖ ମଧ୍ୟରେ ଆରମ୍ଭ ହେବ। ବୋର୍ଡ କେବଳ ପ୍ରଶ୍ନପତ୍ର ପ୍ରସ୍ତୁତ କରି ପ୍ରତି ଜିଲ୍ଲାରେ ପହଞ୍ଚାଇବ। ଏହାପରେ ପ୍ରତି ସ୍କୁଲ କର୍ତ୍ତୃପକ୍ଷ ପରୀକ୍ଷା ପରିଚାଳନା କରି ନିଜ ପିଲାଙ୍କ ମୂଲ୍ୟାୟନ କରିବେ। ଫାଇନାଲ୍ ପରୀକ୍ଷା ନିମନ୍ତେ ଅକ୍ଟୋବରରେ ଫର୍ମ ଫିଲଅପ୍ ହେବ ବୋଲି ସେ କହିଛନ୍ତି। ଏଥିସହ ସେ କହିଛନ୍ତି, ସବଜେକଟିଭ ମାର୍କ ପୂର୍ବରୁ ୩୦ ରହୁଥିବା ବେଳେ ଏଥର ୫୦ ରହିବ। ଏଥର ପୁଣି ଥରେ ପୁରୁଣା ଢାଞ୍ଚା ଅନୁଯାୟୀ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାରୁ ଗୋଟିଏ ସମେଟିଭ ଆସେସମେଣ୍ଟ ହେବ। ତାହା ହେଉଛି ଫାଇନାଲ୍ ପରୀକ୍ଷା। ଛାତ୍ରଛାତ୍ରୀମାନେ ୬ଟି ବିଷୟରେ ଶହେ ମାର୍କ ଲେଖା ପରୀକ୍ଷା ଦେବେ। ତାହାର ୮୦% ୱେଟେଜ୍ ନିଆଯିବ। ଆଉ ୨୦% ୱେଟେଜ୍ ଇଣ୍ଟରନାଲ ଆସେସମେଣ୍ଟ ଓ ଆସ୍ପିରେସନାଲ କମ୍ପୋନେଟରୁ ସମାନ ଭାବେ ଆସିବ। ଏଥର ପ୍ରଥମ ଥର ପାଇଁ ଦଶମ ଶ୍ରେଣୀ ପିଲାଙ୍କ ନିମନ୍ତେ ଆସ୍ପିରେସନାଲ କମ୍ପୋନେଟ ଆସୁଛି। ଇଣ୍ଟରନାଲ ଆସେସମେଣ୍ଟ ୪ ଥର ମୂଲ୍ୟାୟନ ହେବ ଓ ଆସ୍ପିରେସନାଲ କମ୍ପୋନେଟ ୨ ଥର ହେବ। ସ୍କୁଲ କର୍ତ୍ତୃପକ୍ଷ ଏହି ପରୀକ୍ଷା ପରିଚାଳନା କରିବେ। ଏହାକୁ ମିଶାଇ ଫାଇନାଲ ରେଜଲ୍ଟ ପ୍ରକାଶ କରାଯିବ।

### ‘ମନୋଜ ଡରାଇଲା ...

କିଛିଦିନ ତଳେ ମନ୍ତ୍ରୀଙ୍କ ପିଲାମାନେ କ୍ୱାଟର୍ସ ଆଗରେ ରାତିରେ ପରିସ୍ରା କରି ଗାଳି ଗୁଲଜ କରିଥିଲେ। ଆଜି ନହେଲେ କାଲି ମୋତେ ମାରିଦେବେ ବୋଲି ଭାବି ମୋତେ ମାରିବା ଆଗରୁ ତାଙ୍କୁ ମାରିବି ବୋଲି ନିଷ୍ପତ୍ତି ନେଇଥିଲି। କ’ଣ ପାଇଁ ନବ ଦାସଙ୍କୁ ମାରିଲି ତା’ର କାରଣ ୨୫ରୁ ୩୦ଟି ଛୋଟ ମେଡ଼ିସିନ ପ୍ରେସକ୍ରିପସନ କାଗଜରେ ଲେଖିଥିଲି। ଏସବୁ କଥା ଲୋକଲୋଚନକୁ ଆଣିବା ପାଇଁ ଆଗରୁ କାଗଜରେ ଲେଖିଥିଲି। ଘଟଣାଦିନ ସେହି କାଗଜଗୁଡ଼ିକ ମୋ’ର ଅନ୍ତବସ୍ତ୍ର ଭିତରେ ଲୁଚେଇ ରଖିଥିଲି। ନିଜେ ବଞ୍ଚିବାକୁ ଯାଇ ତାଙ୍କୁ ଗୁଳି କରି ମାରିଦେଲି ବୋଲି ଗୋପାଳ ତା’ର ଜମାନବନ୍ଦୀରେ ଉଲ୍ଲେଖ କରିଥିବା ନେଇ କ୍ରାଇମବ୍ରାଞ୍ଚ ଡିଏସପି ଶ୍ରୀ ଦୋରା ରେକର୍ଡ କରିଥିବାର ଦସ୍ତାବିଜ ପଦାକୁ ଆସିଛି। ତେବେ ଏହି ଦସ୍ତାବିଜ ପଦାକୁ ଆସିବା ପରେ ଏହା କ୍ରାଇମବ୍ରାଞ୍ଚର ଆଉ ଗୋଟିଏ ଗପ ସଦୃଶ ହୋଇଛି। ନବ ଦାସ ଯଦି ଏତେ ଅନ୍ୟାୟ ଓ ଅତ୍ୟାଚାର କରୁଥିଲେ ଓ ବାହୁବଳୀ ସାଜିଥିଲେ ତାଙ୍କୁ ୨୦୧୯ ମେ’ ମାସରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିଲେ କେମିତି ? ନବଙ୍କ ଏସବୁ କାରନାମା ସମ୍ପର୍କରେ କାହିଁକି ଗଣମାଧ୍ୟମ କିମ୍ବା ପୁଲିସ ଏପରିକି ସାଧାରଣ ଲୋକେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ବି କେହି ଲୋକଲୋଚନକୁ ଆଣିନଥିଲେ କିମ୍ବା ମୁଖ୍ୟମନ୍ତ୍ରୀ ତାଙ୍କ ବିରୁଦ୍ଧରେ ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲେ। ଓଲଟା ସେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିକଟତର ହୋଇ ବ୍ରଜରାଜନଗର ଉପନିର୍ବାଚନ ସମେତ ପଶ୍ଚିମଓଡ଼ିଶାରେ ପଞ୍ଚାୟତ ଓ ପୌର ନିର୍ବାଚନ ପରିଚାଳନାରେ ପ୍ରମୁଖ ଭୂମିକା ନେଇଥିଲେ। ଯଦି ସେ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ନଷ୍ଟ କରୁଥିଲେ ତା’ହେଲେ ଗୋପାଳ କାହିଁକି ବ୍ୟସ୍ତ ହୋଇପଡ଼ିଥିଲା ? ନବ ଯଦି ଏତେ ବାହୁବଳୀ ଥିଲେ ତା’ହେଲେ ଗୋପାଳ କିଭଳି ୨୦୦୯ ମସିହାରୁ ଅର୍ଥାତ୍ ୧୪ବର୍ଷ ଧରି ସେହି ଜିଲ୍ଲାରେ ଚାକିରି କରୁଥିଲା ? ୨୦୧୪ ମସିହାରେ ନବଙ୍କ ସହ ଝଗଡ଼ା ହୋଇଥିଲେ ମଧ୍ୟ ୨୦୨୩ରେ ତାଙ୍କୁ ମାରିବାକୁ କିଭଳି ନିଷ୍ପତ୍ତି ନେଲା ? ଯେଉଁ ପରିବହନ ବ୍ୟବସାୟ କଥା ଗୋପାଳ କହୁଛି, ସେଥିରେ ଗୋପାଳର କ’ଣ ଦେଣନେଣ ଅଛି, ନା ଗୋପାଳ ଏସବୁ ମାଧ୍ୟମରେ ତାକୁ ଅସ୍ତ୍ର କରିଥିବା ବଡ଼ବଡ଼ିଆଙ୍କ ରାଜ୍ ଖୋଲିଛି। ଯାହାକୁ କ୍ରାଇମବ୍ରାଞ୍ଚ ଚପାଇ ଦେବାକୁ ଏଭଳି ଗପ ରଚନା କରିଛି ବୋଲି ସାଧାରଣରେ ଚର୍ଚ୍ଚା।

### ଭିଜିଲାନ୍ସ ଜାଲରେ ...

ଏହି ସମ୍ପର୍କରେ ଗାଡ଼ି ମାଲିକ ଶ୍ରୀ ପ୍ରଧାନ ନୟାଗଡ଼ ଭିଜିଲାନ୍ସ ଡି.ଏସ୍.ପି ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ମୁତାବକ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ପୂର୍ବ ପ୍ରସ୍ତୁତି ଅନୁସାରେ ଭିଜିଲାନ୍ସର ଏକ ୮ ଜଣିଆ ଟିମ୍ ଅତିରିକ୍ତ ତହସିଲଦାର ଶ୍ରୀ ପରିଡ଼ାଙ୍କ ସରକାରୀ ବାସଭବନ ନିକଟରେ ଛକି ବସିଥିଲେ। ହାଇୱା ମାଲିକ ଶ୍ରୀ ପ୍ରଧାନ ବାକି ଥିବା ୩ ହଜାର ଟଙ୍କା ଦେଲାବେଳେ ଭିଜିଲାନ୍ସ ଟିମ୍ ଅତିରିକ୍ତ ତହସିଲଦାରଙ୍କୁ ମାଡି ବସିଥିଲେ। ଉକ୍ତ ଚଢାଉ ବେଳେ ଭିଜିଲାନ୍ସ ଡି.ଏସ୍.ପି ଶ୍ରୀ ମହାପାତ୍ରଙ୍କ ସମେତ ଇନିସପେକ୍ଟର ଜ୍ଞାନ ରଞ୍ଜନ ମହାପାତ୍ର, ମଧୁସ୍ମିତା କର, ଭବାନୀ ଶଙ୍କର ପଟ୍ଟନାୟକ, ମହେଶ କୁମାର ସାହୁ ପ୍ରମୁଖ ରହିଥିଲେ। ଅତିରିକ୍ତ ତହସିଲଦାର ଶ୍ରୀ ପରିଡ଼ାଙ୍କୁ ନୟାଗଡ଼ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଯାଇଥିଲେ।

### ଦଲାଲଙ୍କ ...

ଗାଦି ମାଡ଼ିବସିଥିବା ଅଧିକାରୀଙ୍କ ଉପରେ ୫-ଟି ଛାଟ ବାଜିପାରେ ବୋଲି ଚର୍ଚ୍ଚା ହେଉଛି। ରାଜଧାନୀରେ ଗୃହ କର୍ତ୍ତାଙ୍କର ବିଭିନ୍ନ ସମସ୍ୟା ସମାଧାନକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଦୀର୍ଘଦିନ ଧର ଲାଗି ରହିଥିବା ସମସ୍ୟା ସମାଧାନ କରିବା ପାଇଁ ସର୍ବକ୍ଷମାରେ ବେଆଇନ୍ ଘରକୁ ଅନୁମୋଦନ ଦେବା ସହିତ ଲିଜ୍ ଡିଡ୍ ପ୍ରଦାନ କରିବା ପାଇଁ ବିଡିଏକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଦୁଇ ସେବା ଯୋଗାଇ ଦେବା ନିର୍ଦ୍ଦେଶ ଆସିବା ପରେ ବିଡିଏ ଅଧିକାରୀଙ୍କ ପାଇଁ ବିରାଡ଼ି କପାଳକୁ ଶିକା ଛିଡ଼ିବା ସଦୃଶ ହୋଇଛି। କାରଣ ଏହି ସମସ୍ୟାର ସମାଧାନ ପାଇଁ ଲୋକେ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ବେଳେ ଲୋକମାନଙ୍କର ବୃହତର ସ୍ୱାର୍ଥ ଏଥିରେ ରହିଛି। ଏହାକୁ ଦୃଷ୍ଟିରେ ଆଲର୍ଟମେଣ୍ଟ ସେକ୍ସନର ଅଧିକାରୀମାନେ ମନ ଇଚ୍ଛା ଟଙ୍କା କମାଉଥିବା ଜଣାପଡ଼ିଛି।

### ରାଜ୍ୟର ସବୁ ...

ବରିଷ୍ଠ ନାଗରିକଙ୍କ ପାଇଁ ସମନ୍ୱିତ କାର୍ଯ୍ୟକ୍ରମରେ ଜରାଶ୍ରମ ପରିଚାଳନା ନିମନ୍ତେ ଏନଜିଏଗୁଡ଼ିକୁ ଆର୍ଥିକ ଅନୁଦାନ ଦିଆଯାଉଛି। କେନ୍ଦ୍ର ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପୌରସଂସ୍ଥାଗୁଡ଼ିକ ଦ୍ୱାରା ‘ସହରୀ ବାସହରାଙ୍କ ପାଇଁ ଆଶ୍ରୟସ୍ଥଳୀ’ ନାଁରେ ଏକ ଯୋଜନା କାର୍ଯ୍ୟକାରୀ ହେଉଛି। ସମାନ ଲକ୍ଷ୍ୟରେ ଏବେ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟ ଓ ସହରରେ ଏଭଳି ଆଶ୍ରୟସ୍ଥଳୀ ବରିଷ୍ଠ ନାଗରିକମାନଙ୍କ ସମେତ ସମ୍ବେଦନଶୀଳ ବର୍ଗ ପାଇଁ ଖୋଲିବାର ଆବଶ୍ୟକତା ରହିଛି। ତେଣୁ ରାଜ୍ୟର ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାଗୁଡ଼ିକୁ ବରିଷ୍ଠ ନାଗରିକଙ୍କ ଆଶ୍ରୟସ୍ଥଳୀ ଖୋଲିବା ପାଇଁ ଉପଯୁକ୍ତ ସ୍ଥାନର ଚିହ୍ନଟ, କୋଠା ନିର୍ମାଣ ସହ ପରିଚାଳନା ନିମନ୍ତେ ପ୍ରୋତ୍ସାହିତ କରିବାକୁ କେନ୍ଦ୍ର ସରକାରଙ୍କ ଉଭୟ ସଚିବ ଚିଠି ଲେଖି ମୁଖ୍ୟ ସଚିବଙ୍କୁ ପରାମର୍ଶ ଦେଇଛନ୍ତି। ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥା (ବିଜ୍ଞାପିତ ଅଞ୍ଚଳ, ପୌରାଞ୍ଚଳ, ମହାନଗର ନିଗମ) ଗୁଡ଼ିକ ସିଧାସଳଖ ବରିଷ୍ଠ ନାଗରିକଙ୍କ ପାଇଁ ସମନ୍ୱିତ କାର୍ଯ୍ୟକ୍ରମ ମାଧ୍ୟମରେ ସିଧାସଳଖ ‘ଇ-ଅନୁଦାନ’ ପୋର୍ଟାଲରେ ଆବେଦନ କରିପାରିବେ। ଏନେଇ ତୁରନ୍ତ ସହମତି ଦେବା ସହ ସ୍ଥାନ ଓ ଆଶ୍ରୟସ୍ଥଳୀ ଚିହ୍ନଟ କରିବାକୁ ମୁଖ୍ୟ ସଚିବଙ୍କୁ କହିଛନ୍ତି। କେନ୍ଦ୍ର ସରକାରଙ୍କ ଜୁନ୍ ୨୬ତାରିଖର ଏହି ଚିଠିର ପ୍ରାୟ ମାସକ ପରେ ରାଜ୍ୟ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ଦିଲ୍ଲୀପ କୁମାର ରାୟ ରାଜ୍ୟ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖି ଜିଲ୍ଲା ମୁଖ୍ୟାଳୟ ଓ ପ୍ରତ୍ୟେକ ପୌର ସଂସ୍ଥାରେ ବରିଷ୍ଠ ନାଗରିକଙ୍କ ପାଇଁ ବାସସ୍ଥଳୀ କେତେ ରହିଛି ତା’ର ତଥ୍ୟ ଦେବାକୁ କହିଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟରେ ଏବେ ଦୁସ୍ଥ ବରିଷ୍ଠ ନାଗରିକଙ୍କ ପାଇଁ ଜଗତସିଂହପୁର, କଟକ ଓ ନିମାପଡ଼ାରେ ଏନଜିଏ ସହାୟତାରେ ୩ଟି ଜରାଶ୍ରମ ପରିଚାଳିତ ହେଉଛି, ଯେଉଁଥିରେ ମୋଟ ୭୫ଜଣ ଅନ୍ତେବାସୀ ରହିବାର ସୁବିଧା ଅଛି। ଏଠାରେ ଅନ୍ତେବାସୀଙ୍କୁ ମାଗଣା ଖାଦ୍ୟ, ପୋଷାକ, ରହିବା, ସ୍ୱାସ୍ଥ୍ୟସେବା ଓ ଅବସର ବିନୋଦନର ସୁବିଧା ମିଳୁଛି। ଏହାସହିତ ଗଞ୍ଜାମ ଜିଲ୍ଲାରେ ଗୋଟିଏ ଜରାଶ୍ରମ ରହିଛି ଯେଉଁଠି କେବଳ ଦିନବେଳା ସେବା ମିଳୁଛି। ଏହାକୁ ବାଦ୍ ଦେଲେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲା-ଖୋର୍ଦ୍ଧା, ସମ୍ବଲପୁର, କନ୍ଧମାଳ, ଗଞ୍ଜାମ, ପୁରୀ, କଟକ, ନବରଙ୍ଗପୁର, ଭଦ୍ରକ ଓ ମାଲକାନଗିରିରେ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ (ଆଇସିସି) ନିର୍ମାଣ କରୁଛନ୍ତି। ଏଥିରୁ କିଛି ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟଠି ଏହା ଅନେକାଂଶରେ କାର୍ଯ୍ୟକ୍ଷମ ହୋଇଛି ଓ ଦୁସ୍ଥ ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ବର୍ଗର ଅସହାୟ ଓ ନିଷ୍ପେଷିତ ବ୍ୟକ୍ତିମାନେ ସେଠାରେ ଆଶ୍ରୟ ନେଉଥିବା ଜଣାପଡ଼ିଛି।

### ଏଥର ...

ଚଳିତମାସରେ ଶଙ୍ଖ ଭବନରେ ଖୋର୍ଦ୍ଧା ଜିଲ୍ଲାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ଜିଲ୍ଲାର ବରିଷ୍ଠ ନେତାମାନଙ୍କ ବୈଠକରେ ଏନେଇ ରଣନୀତି ପ୍ରସ୍ତୁତ ହୋଇଛି। ବିଜେଡି ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ମଧ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇ ଏବେଠୁ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ସୁଦୃଢ଼ କରିବାରେ ଲାଗିଛି। ବିଶେଷକରି ଖୋର୍ଦ୍ଧା ଜିଲ୍ଲାର ମହିଳା ଏସଏଚଜି ସଦସ୍ୟା ଓ ବିଭିନ୍ନ ସମ୍ପ୍ରଦାୟକୁ ପ୍ରଭାବିତ କରିବା ପାଇଁ ବିଜେଡି ଏବେଠୁ ପ୍ରୟାସ ଆରମ୍ଭ କରିଛି। ନିକଟରେ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ଭୁବନେଶ୍ୱରରେ ତିଜ୍ ପର୍ବ ପାଳନ ଅବସରରେ ବିଜେଡି ନେତ୍ରୀ ଶ୍ରୀମତୀ ମିଶ୍ର ସାମିଲ ହୋଇଥିବାବେଳେ ଏହାର ୩ଦିନ ପରେ ସେହି ମାରୱାଡ଼ି ସମାଜର ଅନ୍ୟ ଏକ କାର୍ଯ୍ୟକ୍ରମରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କୁ ଦେଖିବାକୁ ମିଳିଥିଲା। ସେହିପରି ଭୁବନେଶ୍ୱରରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମଗୁଡ଼ିକରେ ଉଭୟ ନେତ୍ରୀଙ୍କ ସକ୍ରିୟ ଉପସ୍ଥିତି ହିଁ ପରୋକ୍ଷରେ ଦୁଇ ଦଳ ମଧ୍ୟରେ ବଳ କଷାକଷି ଏବଠୁ ଆରମ୍ଭ ହୋଇଥିବା ଭଳି ପ୍ରତୀତ ହେଉଛି। ଆଉ ରାଜଧାନୀ ଭୁବନେଶ୍ୱରରେ ରାଜନୀତିକ ମାହୋଲ ସରଗରମ ହେବାରେ ଲାଗିଛି। ଉଲ୍ଲେଖଯୋଗ୍ୟ, ଅପରାଜିତା ବିହାରର ଝିଅ ଓ ଭୁବନେଶ୍ୱରର ବୋହୂ ହୋଇଥିବାବେଳେ ଶ୍ରୀମୟୀ ବଲାଙ୍ଗିର ଝିଅ ଓ ଭୁବନେଶ୍ୱରର ବୋହୂ। ଅପରାଜିତା ଆଇଏଏସ୍ ଚାକିରୀ ଛାଡ଼ି ରାଜନୀତିକୁ ଆସିଛନ୍ତି, ଆଉ ଶ୍ରୀମୟୀ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ବିଜେଡି ନିଜର ଭୋଟବ୍ୟାଙ୍କ ଭାବେ ମହିଳା ଏସଏଚଜି ଉପରେ ନିର୍ଭରଶୀଳ ଥିବାରୁ ଶ୍ରୀମୟୀଙ୍କୁ ଆଗରେ ରଖି ବିଜେଡି ନିଜର ସବୁ କଳବଳକୌଶଳ ଲଗାଇ ଅପରାଜିତାଙ୍କୁ ମାତ୍ ଦେବାକୁ ରଣନୀତି ପ୍ରସ୍ତୁତ କରିଥିବା ସୂଚନା ମିଳିଛି।

### ଅଣଓଡ଼ିଆଙ୍କ ...

ବାପୁଜୀ ନଗର, ଚନ୍ଦ୍ରଶେଖରପୁର, ସୁନ୍ଦରପୁର, ପଦାସାହି, ଜୁଝାଗଡ଼, ପଥରଗାଡ଼ିଆ, ଦାରୁଠେଙ୍ଗ, ଭାଗବତୀପୁର ଓ ଗିରିଙ୍ଗପୁଟ ମୌଜାରେ ଏହି ସବୁ ଜମି କ୍ରୟ ହୋଇଛି। ଏସବୁ ମଧ୍ୟରେ ଭଗବତୀପୁରଠାରେ ସର୍ବାଧିକ ୬ଟି ସ୍ଥାନରେ ମୋଟ ପ୍ରାୟ ୧୨ ଏକରରୁ ଅଧିକ ଜମି କ୍ରୟ ହୋଇଛି ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ସରକାରୀ ଉଦ୍ୟୋଗ ସୁନାବେଡ଼ାସ୍ଥିତ ହାଲ୍ କର୍ମଚାରୀଙ୍କ ପାଇଁ ହାଲ୍ ହାଉସିଂ କମିଟି ଦ୍ୱାରା କିଣାଯାଇଥିବା ୪୮ଏକର ଜମିରେ ବେଆଇନ ଭାବେ ଚଞ୍ଚକତା କରି ପ୍ରଭାକରନଙ୍କ ପତ୍ନୀ ଜମି କିଣିଥିବାର ଅଭିଯୋଗ ଖୋଦ୍ ହାଲ୍ ହାଉସିଂ କମିଟି ଅଧକ୍ଷ କାଳେଶ୍ୱର ପ୍ରସାଦ ହୋତା ଗତବର୍ଷ ଚନ୍ଦକା ଥାନାରେ ଏତଲା ଦାଏର କରିଥିଲେ। ଏନେଇ ଏକ ମାମଲା ଆଇପିସିର ଧାରା ୪୪୭,୪୨୬,୪୨୭, ୩୭୯, ୪୦୩, ୪୨୪, ୫୦୬,୪୨୧,୨୯୪,୪୬୭ ଓ ୪୬୮ରେ ଦାଖଲ ହୋଇଥିଲା। ଚନ୍ଦକା ଥାନା ଏହି ମାମଲା ରୁଜୁ କରୁ ନ ଥିଲା। ମାତ୍ର କୋର୍ଟଙ୍କ ନିର୍ଦ୍ଦେଶରେ ୧୫ ମେ’ ୨୦୨୨ରେ ପୁଲିସ ମାମଲା ରୁଜୁ କରିଥିଲା। ସୂଚନାଯୋଗ୍ୟ, ପ୍ରଭାକରନ ହେଉଛନ୍ତି ଖଣି ବ୍ୟବସାୟୀ ତଥା ତ୍ରିବେଣୀ ଆର୍ଥ ମୁଭର୍ସର ମାଲିକ। ଶ୍ରୀ ପ୍ରଭାକରନଙ୍କର ରାଜ୍ୟ ପ୍ରଶାସନ ଉପରେ ଅଖଣ୍ଡ ପ୍ରଭାବ ରହିଥିବା ତଥା ସେ ତୃତୀୟ ମହଲାର ଖାସ୍ ବୋଲି ଚର୍ଚ୍ଚା ହୁଏ। ଅନ୍ୟପଟରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି କିରୁଥିକା ପ୍ରଭାକରନ୍। ସେ କହିଛନ୍ତି ଯେ, ଆଇନ ଅନୁସାରେ ଜାଗା କିଣିଛି। କାହାରିଠାରୁ ବଳପୂର୍ବକ ଜମି ନେଇନି। ଭାରତୀୟ ନାଗରିକ ଅନୁସାରେ ଜାଗା କିଣିବାର ଅଧିକାର ରହିଛି। ଆଇନ ଅନୁସାରେ ଜମି କିଣିଛି ଏବଂ ଏସବୁର ଦସ୍ତାବିଜ ରଖିଛି।

# ‘ବିଜେଡି ମୁକ୍ତ ଓଡିଶା ପାଇଁ ସଂକଳ୍ପ ନେଇଛନ୍ତି ଓଡିଶାବାସୀ’



**ଭୁବନେଶ୍ୱର / ଖୋର୍ଦ୍ଧା :** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିବା ପରେ ଅନେକ ବିକାଶ ମୂଳକ ଯୋଜନାକୁ ସଫଳତାର ସହ କାର୍ଯ୍ୟାନ୍ୱୟନ କରିଛନ୍ତି । ଗରୀବକଲ୍ୟାଣ ହେଉଛି ମୋଦି ସରକାରଙ୍କ ପ୍ରାଥମିକତା । ବାସଗୃହ, ପାନୀୟ ଜଳ, ବିଜୁଳି ଭଳି ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ। ଏଥି ସହ ଭିତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ବିକାଶକୁ ମଧ୍ୟ ପ୍ରାଧାନ୍ୟ ଦେଇଛନ୍ତି ମୋଦି ସରକାର। ଓଡିଶାର ସାମଗ୍ରିକ ବିକାଶ ପାଇଁ ମୋଦି ସରକାର ହାତ ଖୋଲି ଟଙ୍କା ଦେଉଛନ୍ତି, କିନ୍ତୁ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଥିବା ବିଜେଡି ସରକାର କାରଣରୁ ବିକାଶ ବାଧାପ୍ରାପ୍ତ ହୋଇଛି। ଦୀର୍ଘ ୨୩ ବର୍ଷ ଧରି ବିଜେଡି ସରକାରରେ କେବଳ ଦଳୀୟ କର୍ମୀ ଓ ଠିକାଦାରଙ୍କୁ ପୋଷି ଅଜସ୍ର ଟଙ୍କା ହଡପ୍ କରାଯାଇଛି। ସରଳ ଓ ନିରୀହ ଓଡିଶାବାସୀ ରାଜ୍ୟ ସରକାରଙ୍କ ଠକାମିର ଶିକାର ହୋଇ ହନ୍ତସନ୍ତ ହେଉଛନ୍ତି। ଦୁର୍ନୀତିଗସ୍ତ ବିଜେଡି ସରକାରକୁ ଓଡିଶାବାସୀ ଆଦୌ ବରଦାସ୍ତ କରିବେ ନାହିଁ। ବିଜେଡିକୁ ଶାସନ କ୍ଷମତାରେ ଆଣିଥିବା ଓଡିଶାବାସୀ ଏବେ “ବିଜେଡି ମୁକ୍ତ ଓଡିଶା” ପାଇଁ ସଂକଳ୍ପ ନେଇଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। କେନ୍ଦ୍ରରେ ମୋଦି ସରକାରର ୯ବର୍ଷ ପୂର୍ତ୍ତି ଅବସରରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀଠାରେ ଏକ ବିଶାଳ ଜନସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଶ୍ରୀ ସାମଲ, ସାଂସଦ ଅପରାଜିତା ଷଡଙ୍ଗୀ, ଜିଲ୍ଲା ସଭାପତି ରଶ୍ମୀରଂଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଖଣ୍ଡାୟତରାୟ, ସୁବାଷ ଜେନା, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ପ୍ରମୁଖ ଓ କାର୍ଯ୍ୟକର୍ତାଙ୍କ ଗହଣରେ ପଦଯାତ୍ରାରେ ଯାଇ ସଭାସ୍ଥଳରେ ପହଂଚିବା ପରେ ସ୍ଥାନୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତା ବିପୁଳ ସ୍ୱାଗତ ଜଣାଇଥିଲେ । ଟାଙ୍ଗୀ ଗସ୍ତ ସମୟରେ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କୁ ଗଙ୍ଗପଡା, ଗଡ ଖୋର୍ଦ୍ଧା ଓ ଚାନ୍ଦପୁରଠାରେ ମଧ୍ୟ କାର୍ଯ୍ୟକର୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଗଡଖୋର୍ଦ୍ଧାସ୍ଥିତ ପଞ୍ଚପାଇକ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ରାଜ୍ୟ ସଭାପତି ଶ୍ରୀ ସାମଲ। ଅପାର ସମ୍ଭାବନାର ରାଜ୍ୟ ହେଉଛି ଓଡିଶା । ଓଡ଼ିଶାରେ ପର୍ଯ୍ୟାପ୍ତ ଖଣିଜ ଓ ଜଳ ସମ୍ପଦ ରହିଛି। ଓଡ଼ିଶାରେ ସବୁ କିଛି ଥିବା ସତ୍ତ୍ୱେ ଦୁର୍ନୀତି ଓ ଭ୍ରଷ୍ଟାଚାର କାରଣରୁ ବିକାଶ ବାଧାପ୍ରାପ୍ତ ହୋଇଛି। “ଓଡିଶା ଧନୀ ଓ ଓଡ଼ିଶାର ଲୋକ ଗରୀବ” କହି ଆମ ମନକୁ ବୁଝାଯାଉଛି। ପର୍ଯ୍ୟଟନର ବିକାଶ ହେଲେ ଓଡ଼ିଶା ୧ନଂ ରାଜ୍ୟ ହେବ। କୃଷିପ୍ରଧାନ ଓଡିଶା ରାଜ୍ୟର ଚାଷୀମାନେ ଆଜି ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ୨୩ ବର୍ଷର ଶାସନରେ ବିଜେଡି ସରକାର ଜଳସେଚନ ପାଇଁ କୌଣସି ପଦକ୍ଷେପ ନନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜନପ୍ରତିନିଧି ଭାବେ ବିଜେଡିର ନେତା, ମନ୍ତ୍ରୀ ଓ ବିଧାୟକମାନେ ନିଜ ଦାୟୀତ୍ୱକୁ ଭୁଲି ଯାଇ ସଚିବ, ଅଫିସରଙ୍କ ଚାଟୁକାରିତା କରୁଛନ୍ତି ଏବଂ ତାଙ୍କ ମିଟିଂ ଓ ସଭା ପାଇଁ ଚେୟାର ଓ ଟେଣ୍ଟ କଥା ବୁଝୁଛନ୍ତି। ବିଜେଡିର ସମସ୍ତ ନେତା, ମନ୍ତ୍ରୀ ଓ ବିଧାୟକ ବର୍ତମାନ ଗୃହବନ୍ଦୀ ବୋଲି ଶ୍ରୀ ସାମଲ କହିଛନ୍ତି।

# ରଘୁନାଥପୁର ବ୍ଲକରେ ନିମ୍ନମାନର ରାସ୍ତା କାମ



**ଜଗତସିଂହପୁର, (ସରୋଜ କୁମାର ଦାଶ) :** ରଘୁନାଥପୁର ବ୍ଲକ ଅଧୀନରେ ଗୋପାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଖରେ ଥିବା କଟକ-ପାରାଦୀପ ରାଜ୍ୟ ରାଜପଥ କଡରେ ଥିବା ଏକ ପାଦଚଲା ରାସ୍ତା ନିର୍ମାଣ ପାଇଁ ଜଗତସିଂହପୁର ପୂର୍ତ୍ତ ବିଭାଗ ତରଫରୁ ପ୍ରାୟ ୧୪ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ସ୍କୁଲରେ ପାଠ ପଢ଼ିବା ପାଇଁ ଗୋପାଳପୁର ଭାସିଲପୁର, ଜଗନ୍ନାଥପୁର, ଧରାଧରପୁର, ପୁରୁଣା ଓଳପଡା ଆଦି ଗ୍ରାମରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ସେହି ଚଲାପଥ ଦେଇ ବିଦ୍ୟାଳୟକୁ ଯାତାୟତ କରନ୍ତି, ମୁଖ୍ୟ ରାସ୍ତା କଡରେ ଗୋପାଳପୁର ଛକଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟନ୍ତ ଏକ ପାଦଚଲା ରାସ୍ତା ସହିତ ମୁଖ୍ୟ ରାସ୍ତାରେ ଗତି ନିରୋଧକ ହମ୍ପସ୍ ଏବଂ ଗାଡି ଧୀରେ ଧୀରେ ଚଲାଇବା ପାଇଁ ବୋର୍ଡ ମାନ ମାରିବା ପାଇଁ ଅର୍ଥରାଶି ଅନୁମୋଦନ କରାଯାଇଥିଲା। ଏହିସବୁ କାର୍ଯ୍ୟ ଠିକାଦାର ଓ ଯନ୍ତ୍ରୀଙ୍କର ମଧୁଚନ୍ଦ୍ରିକା ଯୋଗୁଁ ତିନି ମାସ ମଧ୍ୟରେ ରାସ୍ତାଟି ସାମାନ୍ୟ ବର୍ଷାରେ ଫାଟି ଯାଇଛି। ଏହି ରାସ୍ତାରେ ଲାଗିଥିବା ଗତି ନିରୋଧକ ଲାଇଟ୍ ମଧ୍ୟ ଠିକ୍ ଭାବରେ କାମ କରୁନି। ଏ ସମ୍ପର୍କରେ ବିଦ୍ୟାଳୟ ଏସ୍ଏମ୍‌ଟି କମିଟିର ସଭାପତି କେଦାର ନାଥ ସାହୁ, ସମାଜସେବୀ ରତନ ସିହ୍ନା ଓ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ରାଜ୍ୟ ପରିବହନ କମିଶନରଙ୍କୁ ନିମ୍ନମାନ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଭିଯୋଗ କରିଛନ୍ତି। ଅଭିଯୋଗର ସଠିକ୍ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଲଘୁଚାପ ଆଣିଦେଲା ଚାଷୀ ମୁହଁରେ ହସ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକର ଚାଷୀକୁଳ ଚଳିତ ବର୍ଷା ମରୁଡି ଆଶଙ୍କାରେ ହତାଶ ହୋଇ ବସି ପଡ଼ିଥିବା ବେଳେ ଲଘୁଚାପ ଜନିତ ବର୍ଷା ସେମାନଙ୍କ ମୁହଁରେ ହସ ଫୁଟାଇଛି। ଶ୍ରାବଣ ମାସ ଅଧା ଚାଲିଯାଇଥିଲେ ସୁଦ୍ଧା ଡାବୁଗାଁ ଅଞ୍ଚଳରେ ଧାନ ରୁଆ କାମ ମଧ୍ୟଭାଗରେ ପହଁଚି ପାରିନଥିଲା। ଦିନ ଥିଲା ରଥଯାତ୍ରା ପହଁଞ୍ଚୁ ପହଁଞ୍ଚୁ ଚାଷୀ ବେଉଷଣ କାମ ସାରି ଦେଉଥିଲେ। ହେଲେ ଦିନକୁ ଦିନ ଜଙ୍ଗଲ କ୍ଷୟ ହେବା ସହିତ ଜଳବାୟୁରେ ମଧ୍ୟ ପରିବର୍ତ୍ତନ ଘଟୁଛି ,ତେଣୁ ଚଳିତ ବର୍ଷ ମୌସୁମୀ ମଧ୍ୟ ବିଳମ୍ବରେ ଓଡିଶାକୁ ଛୁଇଁଥିଲା। ଜମି ମାନଙ୍କରେ ତଳି ପକେଇ ଦେଇ ଚାଷୀ ବଡ଼ ହଟହଟା ହେଉଥିଲା। କାହାର ତଳି ରୋପଣ ଯୋଗ୍ୟ ହୋଇ ସାରିଥିଲା ତ କାହାର ବୁଢ଼ା ହେବାକୁ ବସିଥିଲା । ପାଣି ଅଭାବ ଯୋଗୁଁ ନା ତଳି ଉପାଡ଼ି ହେଉଥିଲା ନା ରୋପଣ କାର୍ଯ୍ୟ ହୋଇ ପାରୁଥିଲା। ଆକାଶକୁ ଚାହିଁ ଚାହିଁ ଚାଷୀମାନେ ହତାଶ ହୋଇଯାଉଥିଲେ। ମୌସୁମୀ ଆସିଲା ସତ ହେଲେ ମୌସୁମୀ ମଧ୍ୟ ଏମାନଙ୍କ ଶୋଷ ମେଣ୍ଟେଇ ପାରିନଥିଲେ। ହେଲେ ଏହି ଲଘୁଚାପ ଜନିତ ବର୍ଷା ତାଙ୍କ ପାଇଁ ଏକ ଆଶୀର୍ବାଦ ସ୍ୱରୂପ ମନେହେଲା, ତିନିଦିନ ହେଲାଣି ଦିନ ରାତି ସମାନ ବର୍ଷା ଝରିବାରେ ଲାଗିଛି। ମୁଣ୍ଡା ଜମି, ବାହାଲ ଜମି, ଟିକିରା ଜମି, ସବୁଥିରେ ପାଣି ଭରିବାକୁ ଲାଗିଲାଣି। ଚାଷୀମାନେ ଅତି ଆନନ୍ଦରେ ତରବରିଆ ଭାବେ ରୁଆ କାମ ସାରିଦେବା କୁ ଲାଗିପଡି ଥିବା ଦେଖାଦେଇଛି। ଶ୍ରମିକ ସମସ୍ୟା ସମସ୍ତେ ନିଜ ନିଜ ଚାଷ କାମ ଶୀଘ୍ର ସାରିଦେବାକୁ ବ୍ୟାକୁଳ ଥିବାରୁ କୁଲି ମଜୁରିଆଙ୍କ ନିଅଣ୍ଟ ହେଉଥିବା ଚାଷୀମାନେ କହିଛନ୍ତି। ଦୀର୍ଘଦିନ ବସି ରହିବା ପରେ କୁଲି ମଜୁରୀଆ ମାନଙ୍କୁ ମଧ୍ୟ କାମ ମିଳିଯାଇଛି। ତେଣୁ ସମସ୍ତଙ୍କ ମୁହଁରେ ଏକ ପ୍ରକାର ଉଲ୍ଲାସର ବାତାବରଣ ଦେଖିବାକୁ ମିଳିଛି।

# ଭାଗବତ ଟୁଙ୍ଗି



ଶ୍ରୀବତ୍ସ ନାୟକ

ଓଡ଼ିଶାର ପ୍ରତ୍ୟେକ ଗାଁରେ ନଡ଼ା କିମ୍ବା ଆଜବେଷ୍ଟସ ଛପର,ମାଟିକାନ୍ଥ ଆଚ୍ଛାଦିତ ଏକ କୋଠ ଘରଟିଏ ହେଉଛି ଭାଗବତ ଟୁଙ୍ଗି। ଘରଟିର ଏପରି ନାମକରଣର ବିଶେଷ ସାର୍ଥକତା ରହିଛି। କାହିଁ କେଉଁ ଆବହମାନ କାଳରୁ ଏହି ଘରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଅନନ୍ୟ ସୃଷ୍ଟି ଓଡ଼ିଆ ଭାଗବତର ପଦଗୁଡ଼ିକ ନିୟମିତ ପାଠ କରାଯାଉଥିଲା ଯାହାକି ପ୍ରତି ଓଡ଼ିଆର ଜୀବନକୁ ପରିଭାସିତ କରିଛି। ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ ଅଙ୍ଗ ସ୍ୱରୂପ 'ଶ୍ରୀମଦ୍ ଭାଗବତ ଗୀତା' ପ୍ରତ୍ୟେହ ସନ୍ଧ୍ୟାରେ ପାଠ କରାଯାଇ ସାମାଜିକ ଶୃଙ୍ଖଳା, ଚରିତ୍ର ଗଠନ ତଥା ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସାଧାରଣ ଲୋକ ମାନଙ୍କୁ ଶିକ୍ଷା ଦିଆଯାଉଥିଲା ଯାହାକି ଭାଗବତ ଟୁଙ୍ଗି ନାମକରଣର ସାର୍ଥକତାକୁ ପ୍ରତିପାଦିତ କରିଛି।

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ପୁରୀରେ ପ୍ରଥମେ ଏହି ଭାଗବତ ଟୁଙ୍ଗୀର ଆବିର୍ଭାବ ହୋଇ କାଳକ୍ରମେ ଓଡ଼ିଶାର ପୁରପଲ୍ଲୀରେ ଏହା ବ୍ୟାପକ ପ୍ରସାର ଲାଭକଲା। ଗ୍ରାମାଞ୍ଚଳରେ ପ୍ରତ୍ୟେହ ସନ୍ଧ୍ୟାରେ ଗ୍ରାମବଧୂ ମାନେ ଏହି ଭାଗବତ ଟୁଙ୍ଗୀରେ ସଞ୍ଜ ଆଳତି, ଧୂପ, ଦୀପ ଦେଇ ଡିବି କିମ୍ବା ଲଣ୍ଠନ ଆଲୁଅ ଜଳାଇ ଥାଆନ୍ତି। ନିଜର ଦୈନନ୍ଦିନ କାର୍ଯ୍ୟ ସମାପ୍ତ ପରେ ଗ୍ରାମର ଆବାଳବୃଦ୍ଧବନିତା ତାଳପତ୍ର ନିର୍ମିତ ଆସନ ପକାଇ ଏଠାରେ ବସି ଥାଆନ୍ତି। ଅ-ଶିକ୍ଷିତ, ପୂର୍ବ-ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ, ସୁ-ଶିକ୍ଷିତ, ଧର୍ମ-ଶିକ୍ଷିତ ତଥା ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ, ଧନୀ ଗରିବର ବାଛ ବିଚାର ନରଖି ସମସ୍ତେ ପ୍ରତ୍ୟେହ ସନ୍ଧ୍ୟାରେ ଏକତ୍ରିତ ହୋଇଥାନ୍ତି। ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ। ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ ଭଳି ଭାଗବତ ପଦ ଅବଧାନ କିମ୍ବା ପୂଜା ପଣ୍ଡାଙ୍କ କଣ୍ଠରୁ ଉଦ୍ଭାଷିତ ହୁଏ। ଆହା କି ସୁନ୍ଦର ପଦ ମାନ! କି ସୁମଧୁର କଣ୍ଠ! କାହାରିକୁ ବାଧ କରାନଗଲେ ମଧ ଗ୍ରାମବାସୀ ମାନେ ସବୁଦିନ ସନ୍ଧ୍ୟାରେ ବସି ଏହି ପଦ ମାନଙ୍କୁ ଶ୍ରବଣ କରୁଥିଲେ। ଭାଗବତ ଚର୍ଚ୍ଚା ଆଦିରେ ସେମାନଙ୍କର ରାତ୍ରିର ପ୍ରଥମ ପ୍ରହରକୁ ସେମାନେ ବିତାଉଥିଲେ। ଯେଉଁ ମାନେ ବାହାରେ କୌଣସି ଚାକିରି କିମ୍ବା କର୍ମ ଯୋଗରେ ବିନିଯୋଗ ଥାଆନ୍ତି ସେମାନେ ପୂଜା ପର୍ବାଣୀରେ ଗ୍ରାମକୁ ଫେରିଲେ ଭାଗବତ ଟୁଙ୍ଗୀରେ ଯୋଗଦାନ କରିଥାନ୍ତି। ଭାଗବତ ଟୁଙ୍ଗୀର କିଛି ସମୟ ବିତେଇବା ଗ୍ରାମବାସୀଙ୍କର ନିତିଦିନିଆ କାର୍ଯ୍ୟଥିଲା। ଯଦିଓ ଘରଟିର ନାମ 'ଭାଗବତ ଟୁଙ୍ଗୀ' କିନ୍ତୁ ସେଠାରେ ପବିତ୍ର ରାମାୟଣ, ମହାଭାରତ ଭଳି ଗ୍ରନ୍ଥ ମଧ ଆଲୋଚନା ହେଉଥିଲା। ପୁରାଣ ପାଠର ଆଲୋଚନା ସହ ପୂଜାପଣ୍ଡା କିମ୍ବା ଅବଧାନ ମାନେ ଗ୍ରାମବାସୀ ମାନଙ୍କୁ ନିଜ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିବା ପାଇଁ ତଥା ସୁସ୍ଥ ସମାଜ ଗଠନ ନିମନ୍ତେ ପରାମର୍ଶ ଦେଉଥିଲେ। ସନ୍ଧ୍ୟା ହେଲେ ଘରଟି ଝାଞ୍ଜ, ମୃଦଙ୍ଗ, ହରିବୋଲ, କରତାଳି, ହୁଳହୁଳି, କାହାଳୀ ଶବ୍ଦରେ ଉଛୁଳି ପଡେ। ଶାନ୍ତକାନ୍ତ କୋମଳ ଗ୍ରାମାଞ୍ଚଳର ପରିବେଶରେ ଝୁଣା ଧୂପର ବାସ୍ନା ସହ ମୃଦଙ୍ଗ ଝାଞ୍ଜ ଓ ତା ସାଙ୍ଗକୁ ଅବଧାନଙ୍କ ମୁଖ ନିଶୃତ ସୁସଙ୍ଗୀତ ସ୍ୱରରେ ପୁରାଣ ପଠନ ଗ୍ରାମ ପରିବେଶକୁ ଆହୁରି ସୁନ୍ଦର ଓ ମଧୁମୟ କରୁଥିଲା। ପୋଥି ପଢ଼ିବା, ମସିଣା ବୁଣିବା, ପଥଚାରୀଙ୍କର ରାତ୍ରି ଆଶ୍ରୟ, ଜାନୁ ଘଣ୍ଟିଆ, ଚକୁଳିଆ ପଣ୍ଡା, ଲୋକନୃତ୍ୟକାରୀଙ୍କ ବିଶ୍ରାମ ଗୃହ, ଶିକ୍ଷାଦାନ, ବିଚାରାଳୟ, ନ୍ୟାୟ, ନିଶାପ, ସଙ୍ଗୀତ ଗାୟନ, ସଭା ସମିତି, ଖଜଣା ଆଦାୟ, କୀର୍ତ୍ତନ, ସୂଚନା କେନ୍ଦ୍ର ଆଦି କାର୍ଯ୍ୟ ମଧ ଏହି ଘରେ ହୋଇଥାଏ। ଏହା ସତେ ଯେମିତି ଘର ନୁହେଁ ତ ଗ୍ରାମ ଜୀବନର ମୂକସାକ୍ଷୀ। ଅନେକ ଘଟଣାକୁ ସେ ନିଜ ଅନୁଭୂତିକୁ ନେଇଛି। ନୂଆ ବୋହୂର ଗ୍ରାମ ପ୍ରବେଶ, ବୁଢା ବୃଦ୍ଧୀଙ୍କ ଶେଷ ଯାତ୍ରା, ଶୈଶବଙ୍କ କୋଳାହଳ, ଗ୍ରାମର ଦୋଳ ଉତ୍ସବ, ହୋଲି, କୁଆଁରୀ ଝିଅଙ୍କ ଖୁଦରକୁଣୀ ଓଷା, ରାମ ନାଟକ ଆଦି ଅନେକ ଘଟଣାକୁ ନିଜ ମଧରେ ସ୍ଥାନ ଦେଇଛି। ଗ୍ରାମବାସୀ ଙ୍କର ସୁଖ ଦୁଃଖର ସାଥୀଟିଏ ହୋଇ ଗ୍ରାମର ଜଣେ ସଦସ୍ୟ ପାଲଟି ଯାଇଛି। ଭାଗବତ ଟୁଙ୍ଗୀଟି କେତେ ନ୍ୟାୟ ନିଶାପର ବିଚାର ଦେଖିଛି, କେତେ ସଭା ସମିତିରେ ସାକ୍ଷୀ ଅଛି, କେତେ ବେସାହାରାକୁ ସାହାରା ଦେଇଛି, କେତେ ଅତିଥିଙ୍କୁ ନିଜ କୋଳରେ ସ୍ଥାନ ଦେଇଛି ତାହାର ରେକର୍ଡ କିଏ ବା ଦେଇ ପାରିବ। କେଉଁ ଆବହମାନ କାଳରୁ ଗ୍ରାମର ମଧଭାଗରେ ଥିବା ଏହି ଝାଟି ମାଟିର କ୍ଷୁଦ୍ର କୁଡ଼ିଆଟିଏ ଗ୍ରାମବସୀଙ୍କର ଚିର ସହଯୋଗୀ। ସାନ ସିନା ଦାନ ତା ମହାନ ଭଳି ଆକାରରେ କ୍ଷୁଦ୍ର ହେଲେ ମଧ ସମସ୍ତ ବର୍ଗର ଜନସାଧାରଣ ମାନଙ୍କୁ ନିଜର କୋଳରେ ସ୍ଥାନ ଦେଇ ବିଭିନ୍ନତା ମଧରେ ଏକତାର ନିଦର୍ଶନର ପ୍ରମାଣ ଦେଇଛି। ସ୍ୱାର୍ଥ, ଭେଦଭାବ ଠାରୁ ଗ୍ରାମବାସୀଙ୍କୁ ଦୂରେଇ ରଖି ସମସ୍ତଙ୍କୁ ପ୍ରମ ଓ ସଦଭାବନାର ଭାବରେ ଅଭିନ୍ନ କରି ରଖିଛି। କେବଳ ସେତିକି ନୁହେଁ ଗ୍ରାମରେ ଶାନ୍ତି ସ୍ଥାପନ କରିବା, ହିଂସା, କ୍ରୋଧ ଠାରୁ ଦୂରେଇ ରହିବା, ଭାଇଚାରାର ତତ୍ତ୍ୱକୁ ଶୃଙ୍ଖଳା, ଦିନଚର୍ଯ୍ୟା,ସାମାଜିକ ସଂସ୍କାର ଆଦିର ଶିକ୍ଷା ମଧ ଏଠାରୁ ମିଳୁଥିଲା।







ଏକଦା ସେ ସମୟ ଥିଲା ଯେଉଁ ସମୟରେ ଗ୍ରାମବାସୀ ଏକତ୍ରିତ ହୋଇ ଟୁଙ୍ଗୀରେ ବସୁଥିଲେ। ନିଜର ନିତିଦିନିଆ କର୍ମମୟ ଜୀବନରୁ ଫେରିଲେ ଭାଗବତ ଟୁଙ୍ଗୀରେ କିଛି ସମୟ ବିତାଉଥିଲେ। ଆଜି ଆଉ ସେ ସମୟ ନାହିଁ। ସମୟ ବଦଳି ଯାଇଛି। ସବୁ କିଛି ହଜିଯାଇଛି। ସମୟ ଛଡେଇ ନେଇଛି ଅନେକ କିଛି ଖାଲି ଯାହା ରହି ଯାଇଛି ସ୍ମୃତି। ସ୍ମୃତି ତ କେବେ ନୁହେଁ ଭୁଲିବାର ସ୍ମୃତି ହେଉଛି ଅତୀତ ଘଟଣାରର ମୂକ ସାକ୍ଷୀ। ସାମ୍ପ୍ରତିକ ପରିସ୍ଥିତି ରେ ଉଜୁଡୁ ଯାଇଛି ସେ ଭାଗବତ ଟୁଙ୍ଗୀ। ଅଧିକାଂଶ ଗ୍ରାମରେ ଜରାଜୀର୍ଣ୍ଣ ଅବସ୍ଥାରେ ସେଦିନର ସେ କୋଠଘର। କିଛି କିଛି ଗାଁ ରେ ସେ କୋଠ ଘର ଶବ୍ଦ ତ ଶୁଣିବାକୁ ମିଳୁନାହିଁ। ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ଭାସିଭାସି ଚାଲିଲା ଭଳି ଭାଗବତ ଟୁଙ୍ଗୀ ସେମିତି ଭାସି ଭାସି ଚାଲି ଆଜି ବିଲୁପ୍ତ ପ୍ରାୟ ହୋଇଗଲାଣି। ଯେଉଁ କେତେ ଖଣ୍ଡ ଗାଁରେ କୋଠ ଘର ଅଛି, କିନ୍ତୁ ତାହା ଭାଗବତ ଟୁଙ୍ଗୀ ହୋଇ ଆଉ ରହିନାହିଁ। ଅତୀତ ରେ ଯେଉଁଠି ଅନେକ ପୁରାଣ ଓ ସୁସ୍ଥ ସମାଜର ଗଠନ ନିମନ୍ତେ ଚର୍ଚ୍ଚା ଆଲୋଚନା ହେଉଥିଲା ଏବେ ବି ସେଠି ଚର୍ଚ୍ଚା, ଆଲୋଚନା, ପର୍ଯ୍ୟାଲୋଚନା ଚାଲିଛି କିନ୍ତୁ ଫରକ ଏତିକି ଯେ ଚୁଗୁଲିଆ ଙ୍କ ଚର୍ଚ୍ଚା ଏବେ ଭାଗବତ ଟୁଙ୍ଗୀ ର ମୁଖ୍ୟ ଆକର୍ଷଣ ପାଲଟିଛି। ସନ୍ଧ୍ୟା ହେଲେ ଗ୍ରାମ ବଧୂ ଟିଏ ଧୂପ, ଦୀପ, ଦେବାକୁ କୋଠ ଘରକୁ ଯିବା ପାଇଁ ନିଜକୁ ସୁରକ୍ଷିତ ମନେ କରୁନାହିଁ। ଅସାମାଜିକଙ୍କ ପ୍ରାଦୁର୍ଭାବ ବେଳକୁ ବେଳ ବଢ଼ିବାରେ ଲାଗିଛି। ଗାଁର କିଛି କୁଜି ରାଜା ନେତାଙ୍କ ରାଜନୈତିକ ଦଳର ଏହା ମଧ ଦଳୀୟ ଅଫିସ ହୋଇଗଲାଣି। ନାହିଁ ସେ ପୁରାଣ ନାହିଁ ସେ ଭାଇଚାରା। କାଳର କରାଳ ଗତିରେ ଭାଗବତ ଟୁଙ୍ଗୀ ଆଜି ଅଣ ନିଃଶ୍ୱାସୀ ହୋଇପଡିଛି। ରକ୍ଷଣା ବେକ୍ଷଣା ଅଭାବରୁ ମଧ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ବିଳମ୍ବରେ ହେଉ ପଛେ ଏହାର ଏତାଦୃଶ ଅବସ୍ଥା ଦେଖି ଆର୍ଥିକ ବର୍ଷ ୨୦୧୪-୧୫ରେ ରାଜ୍ୟ ସରକାର ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ନିମନ୍ତେ ପଚିଶି ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଏକ ଯୋଜନା କରିଥିଲେ କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଯୋଜନା ସରକାରଙ୍କର ନାଲି ଫିତା ତଳେ ରହିଗଲା।






ଆଧୁନିକତାର ଦ୍ୱାହି ଦେଇ ବିକାଶ ନାମରେ ବିନାଶକୁ ନିମନ୍ତ୍ରଣ ସ୍ୱରୂପ ଧ୍ୱଂସ ହୋଇଯାଇଛି ପରମ୍ପରା। ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ଯୁଗରେ ହଜି ଯାଇଛି ସେଦିନର ସେ ଟୁଙ୍ଗୀ। ଦେଶ ଅଗ୍ରଗତି ହେଉ ଜାତିର ଉନ୍ନତି ହେଉ କିନ୍ତୁ ଯଦି ଆମେ ଆମର ମୂଳକୁ ଭୁଲିଯିବା ତେବେ ଦିନେ ଆମର ପରିଚୟ ହରାଇବସିବା ଏଥିରେ ସନ୍ଦେହ ନାହିଁ।

*ଅଧ୍ୟାପକ,ବାଣିଜ୍ୟ ବିଭାଗ*
*କଟକ*
**ଦୂରଭାଷ: ୯୪୩୮୦୭୦୮୪୯**

### ଆଉ ସହଜ ହେବନି ଦ୍ୱିତୀୟ ବିବାହ, ଆଧାର ସହ ସଂଯୋଗ ହେବ ବିବାହ ପ୍ରମାଣପତ୍ର

## ଜିଲ୍ଲାସ୍ତରରେ ହେବ ପଞ୍ଜିକରଣ କେନ୍ଦ୍ର

**ଭୁବନେଶ୍ୱର:** ଏଣିକି ଦ୍ୱିତୀୟ ବିବାହ ହେବନି ସହଜ। ପୁରୁଷ ହୁଅନ୍ତୁ ଅବା ମହିଳାମାନେ ପ୍ରଥମ ବିବାହ ପରେ ପତି କିମ୍ବା ପତ୍ନୀ ଥାଇ ଯଦି ଦ୍ୱିତୀୟ ବିବାହ କରିବାକୁ ଚାହୁଁଥିବେ ସେମାନେ ଭୋଗିପାରନ୍ତି ଆଇନଗତ ଦଣ୍ଡ। ଏକାଧିକ ବିବାହ ରୋକିବାକୁ ଆଗକୁ ଆସିବ ନୂଆ ନିୟମ। ଆଧାର କାର୍ଡ ସହ ସଂଯୋଗ ହେବ ବିବାହ ପ୍ରମାଣପତ୍ର ବା ସାର୍ଟିଫିକେଟ୍। ଏହା ପ୍ରତ୍ୟେକ ବିବାହିତ ବ୍ୟକ୍ତିଙ୍କ ପାଇଁ ହେବ ଏକମାତ୍ର ପ୍ରମାଣପତ୍ର ଏବଂ ଯେକୌଣସି ସ୍ଥାନରେ ଆଧାର ନମ୍ବରରେ ମିଳିପାରିବ ବିବାହର ତଥ୍ୟ। ଏଭଳି ଏକ ବ୍ୟବସ୍ଥା ଆଣିବାକୁ ଯୋଜନା କରିଛନ୍ତି ରାଜ୍ୟ ମହିଳା ଆୟୋଗ। ବିଭିନ୍ନ ସମୟରେ ପ୍ରଥମ ପତ୍ନୀ କିମ୍ବା ପତି ଥାଇ ଅନେକ ଦମ୍ପତି ଲୁଚି ଲୁଚି ଅନ୍ୟତ୍ର ବିବାହ କରୁଥିବା ଅଭିଯୋଗ ହେଉଛି। ଏହି ସତ୍ୟ ସାମ୍ନାକୁ ଆସିବା ପରେ ଉଭୟ ପରିବାର ମଧରେ ପାରିବାରିକ ସମସ୍ୟା ସୃଷ୍ଟି ହେବା ସହ ବିଶ୍ୱାସଘାତକତାର ଶିକାର ହେଉଛନ୍ତି ଅନେକ ଦମ୍ପତି। ଡେଟିଂ ଆପ୍ ଦ୍ୱାରା ହେଉ କିମ୍ବା ବିବାହ ଆପ୍ ମାଧରେ ଅନେକ ନିଜ ନିଜର ଫେକ୍ ଆକାଉଣ୍ଟ ଖୋଲି ନିଜକୁ ଅବିବାହିତ ଦର୍ଶାଇ ଅନ୍ୟ



ଯୁବକ ଯୁବତୀଙ୍କ ସହ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରିଥାନ୍ତି। ସେହିପରି ଅନେକଙ୍କ ବିବାହ ବିଚ୍ଛେଦ ମାମଲା ଚାଲୁଥିବା ବେଳେ ସେମାନେ ମଧ ଏସମ୍ପର୍କରେ ଲୁଚାଇ ରଖି ଅନ୍ୟତ୍ର ବିବାହ କରୁଥିବା ଖବର ଗଣମାଧମର ସିରୋନାମା ପାଲଟୁଛି। କେତେକ କ୍ଷେତ୍ରରେ ଏହା ସଫଳ ହେଉଥିବା ବେଳେ ଆଉ କେତେକ ବିଫଳ ହେଉଛନ୍ତି। ଏବଂ ଯେଉଁମାନେ କିଛି ତଥ୍ୟ ସଂଗ୍ରହ ନ କରି ବିବାହ କରିବାକୁ ନିଷ୍ପତ୍ତି ନେଉଛନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କ ବୈବାହିକ ଜୀବନରେ ଫାଟ ସୃଷ୍ଟି ହେଉଛି। ବାହାରୁ ବିବାହ ପ୍ରସ୍ତାବ ଆସିଲେ ସବୁ ତଥ୍ୟ ଜାଣିବା କଷ୍ଟକର ହୋଇପଡୁଛି। ରାଜ୍ୟ ବାହାରେ ବିବାହ କରି ଅନେକ ଝିଅ ଓ ଝିଅ ହଇରାଣ ହେଉଥିବା ମାମଲା ସାମ୍ନାକୁ ଆସୁଛି। ବାଧହୋଇ ଉଭୟ ଆଇନର ଦ୍ୱାରସ୍ଥ ହେଉଥିବା ଦେଖିବାକୁ ମିଳିଛି। ତେଣୁ ଏଭଳି ଏକାଧିକ ବିବାହ ରୋକିବାକୁ ଆସିପାରେ ନୂଆ ନିୟମ। ନିୟମ ଅନୁଯାୟୀ, ପ୍ରତ୍ୟେକ ବିବାହ ପଞ୍ଜୀକରଣ କରାଇବାକୁ କରାଯିବ ଯୋଜନା। ଏଥିପାଇଁ ଜିଲ୍ଲାସ୍ତରରେ ରହିବ ବିବାହ ପଞ୍ଜୀକରଣ କାର୍ଯ୍ୟାଳୟ। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ଏବଂ ଜାତୀୟ ମହିଳା ଆୟୋଗ ସହ ଏସମ୍ପର୍କରେ ରାଜ୍ୟ ମହିଳା ଆୟୋଗ ପ୍ରସ୍ତବା ଦେବା ସହ ଆଲୋଚନା କରିଛି। ଏକାଧିକ ବିବାହ ରୋକିବାକୁ ଏଭଳି ଉପାୟ ଆପଣାଇବାକୁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ତେବେ ବିବାହକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ମହିଳା ଆୟୋଗଙ୍କ ଏହି ପ୍ରସ୍ତାବକୁ ଜାତୀୟ ମହିଳା କମିସନ୍ ସ୍ୱାଗତ କରିଥିବା ଜଣାପଡ଼ିଛି। ଯଦି ଓଡ଼ିଶାରେ ଏହି ନିୟମ କାର୍ଯ୍ୟକାରୀ ହୁଏ ତେବେ ଏକାଧିକ ବିବାହ ସମ୍ପର୍କରେ ଜଣାପଡ଼ିବା ସହ ଜାଲ୍ ବିବାହ ରୋକାଯିବା ଦିଗରେ ଏହା ଏକ ଅସ୍ତ୍ର ପାଲଟିବ ବୋଲି ମହିଳା ଆୟୋଗ ଅଧକ୍ଷା ଡ. ମିନତୀ ବେହେରା କହିଛନ୍ତି।

## ସବୁ ପଞ୍ଚାୟତରେ ଲାଗିବ ଇଣ୍ଟରନେଟ୍

### ସିଧାସଳଖ ମନ୍ତ୍ରୀ, ସଚିବଙ୍କ ସହ କଥା ହେବେ ସରପଞ୍ଚ

**ଭୁବନେଶ୍ୱର :** ଗାଁରୁ ସଚିବାଳୟ, ପଞ୍ଚାୟତ କାର୍ଯ୍ୟାଳୟରୁ ଲୋକସେବା ଭବନ, ହେବ ସିଧାସଳଖ ଆଲୋଚନା। ପଞ୍ଚାୟତ ବିକାଶ ନେଇ ମନ୍ତ୍ରୀ, ସଚିବଙ୍କ ସହ ସିଧା କଥା ହେବେ ସରପଞ୍ଚ। ରାଜ୍ୟର ସବୁ ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିବ ଇଣ୍ଟରନେଟ, ରାଜ୍ୟ ମୁଖ୍ୟାଳୟରୁ ହେବ ଭିଡିଓ କନଫେରେନ୍ସିଂ। ରାଜ୍ୟର ୬ ହଜାର ୭୯୪ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ ସଂଯୋଗ କରାଯିବ। ବିଏସଏନଏଲର ମାସିକିଆ ୭୯୯ ଟଙ୍କିଆ ପ୍ଲାନ୍ ସହ କମ୍ପ୍ୟୁଟର ସହିତ ସ୍ୱତନ୍ତ୍ର ଭିଡିଓ କନଫେରେନ୍ସିଂ ରୁମ୍ ପ୍ରସ୍ତୁତ କରିବାକୁ ବିଡିଓ ଓ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି ପଞ୍ଚାୟତିରାଜ ବିଭାଗ। ଗାଁ ଗାଁର ବିକାଶ ପାଇଁ ସରକାର କରିଥିବା ଯୋଜନା ଗ୍ରାଉଣ୍ଡ ଜିରୋରେ କିପରି କାର୍ଯ୍ୟକାରୀ ହେଉଛି, ତା'ର ସିଧାସଳଖ ତଦାରଖ ମନ୍ତ୍ରୀ, ସଚିବ କରିବେ। ଆଇଟି ଓ ଇଲୋକ୍ଟ୍ରୋନିକ୍ସ ବିଭାଗ ଜରିଆରେ ଓକାକ୍ ଏହି ବ୍ୟବସ୍ଥାର ମନିଟରିଂ କରୁଥିବା ବେଳେ ଅଗଷ୍ଟ ୧୫ ସୁଦ୍ଧା ଭିତ୍ତିଭୂମି କାମ ସାରିବାକୁ ଟାର୍ଗେଟ ରହିଛି। ପଞ୍ଚାୟତ କାର୍ଯ୍ୟାଳୟରେ ଟିଭି, କମ୍ପ୍ୟୁଟର, ବ୍ରଡବ୍ୟାଣ୍ଡ ସଂଯୋଗ ପାଇଁ ଦୁଇଟି ସଂସ୍ଥାକୁ ୱାର୍କ ଅର୍ଡର ଦିଆଯାଇଥିବା ବେଳେ ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ କାମ ସାରିବାକୁ ତାଗିଦ କରାଯାଇଛି। ପଞ୍ଚାୟତ କାମ ବିଳମ୍ବ ନ ହେବା ପାଇଁ ଶନିବାର, ରବିବାର ଛୁଟିଦିନରେ ବି କାମ କରିବାକୁ କୁହାଯାଇଛି। ଆମ ଓଡ଼ିଶା, ନବୀନ ଓଡ଼ିଶାରେ ସବୁ ପଞ୍ଚାୟତରେ ସଂସ୍କୃତି ଓ ଐତିହ୍ୟ ବିକାଶ ପାଇଁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ବାଦ୍ ପ୍ରତି ପଞ୍ଚାୟତରେ ବିଭିନ୍ନ ବିଭାଗ ପକ୍ଷରୁ



ଅନେକ ଗୁଡ଼ିଏ ପ୍ରକଳ୍ପ କାମ ବି ଜାରି ରହିଛି। ଏଭଳି ସ୍ଥିତିରେ ପ୍ରକଳ୍ପ ସ୍ଥିର ନେଇ ଆଲୋଚନା, ପ୍ରକଳ୍ପର ଅଗ୍ରଗତି, କାମରେ ଉପୁଜୁଥିବା ସମସ୍ୟା ଓ ଏହାର ତ୍ୱରିତ ସମାଧାନ ଭିଡିଓ କନଫେରେନ୍ସିଂ ଜରିଆରେ ହୋଇପାରିବ। ପଞ୍ଚାୟତର ମୁଖିଆ, ସରପଞ୍ଚମାନେ ସରକାରଙ୍କ ସିଧାସଳଖ ବୈଠକ ନିଷ୍ପତିକୁ ସ୍ୱାଗତ କରିଛନ୍ତି। ପଞ୍ଚାୟତକୁ ଆର୍ଥିକ କ୍ଷମତା ଦେବା ସହିତ ଅଧିକ ସଶକ୍ତ କରିବାରେ ନବୀନ ସରକାର ଆଗରେ ଅଛନ୍ତି। ଏବେ ସରପଞ୍ଚଙ୍କ ସହ ସିଧାସଳଖ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ କଥା ହୋଇ ବିକାଶର ଧାରାକୁ ଆଗେଇ ନେବା ସହ ପ୍ରଶାସନକୁ ଲୋକାଭିମୁଖୀ କରିବ।



## ଆରଟିଓଙ୍କୁ ଏସ୍‌ଟିଏ ସଚିବଙ୍କ ଚିଠି

# ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ନଉଠାଇଲେ ଡଣ୍ଡ ଗଣିବେ ବସ ମାଲିକ



**ଭୁବନେଶ୍ୱର :** ଏଣିକି ମହିଳା ଯାତ୍ରୀଙ୍କୁ ଯଦି କୌଣସି ବସ କର୍ମଚାରୀ ପ୍ରଥମେ ପାସେଞ୍ଜର ଭାବେ ଉଠାଇବାକୁ ବାରଣ କରିବେ, ସଂପୃକ୍ତ ବସ୍ ମାଲିକ ଗଣିବେ ଜରିମାନା। ବସର ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ ଅଭିଯୋଗ ମାମଲା ଉପରେ ଏଭଳି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ପରିବହନ ବିଭାଗ ସଚିବ। ମହିଳାଙ୍କୁ ପ୍ରଥମ ପାସେଞ୍ଜର ଭାବେ ବାରଣ କଲେ ଦଣ୍ଡ ଦିଆଯିବ ବୋଲି ନିର୍ଦ୍ଦେଶନାମାରେ ରାଜ୍ୟ ପରିବହନ ସଚିବ ଉଲ୍ଲେଖ କରିଛନ୍ତି। ଏନେଇ ସବୁ ଆରଟିଓ ମାନଙ୍କୁ ସଚିବ ଚିଠି କରିଛନ୍ତି। ତା'ସହ ନିୟମିତ ଯାଞ୍ଚ କରିବାକୁ ରାଜ୍ୟର ସମସ୍ତ ଆରଟିଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁଠି ଯଦି ମହିଳାଙ୍କୁ ପ୍ରଥମେ ବସ୍ ଉପରେ ଚଢ଼ିବା ପାଇଁ ବାରଣ କରାଯାଏ, ତେବେ ସଂପୃକ୍ତ ବସ୍ ମାଲିକଙ୍କ ବିରୋଧରେ ଇ-ଚାଲାଣ କାଟିବାକୁ ରାଜ୍ୟ ପରିବହନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଏଭଳି ନିର୍ଦ୍ଦେଶନାମା ଆସିବା ପରେ କଟକ ବାଦାମବାଡ଼ି ବସଷ୍ଟାଣ୍ଡରେ ବସ ମାଲିକ ସଂଘ ପକ୍ଷରୁ ବସର କର୍ମଚାରୀ ମାନଙ୍କ ଉଦ୍ଦେଶ୍ୟରେ ସରକାରୀ ନିୟମ ପାଳନ ପାଇଁ ମାଇକ ଜରିଆରେ ପ୍ରଚାର କରାଯାଇଛି।

## ନବୀନଙ୍କୁ ଭେଟିଲେ ଟୋନି ବ୍ଲେୟାର

# ୫-ଟି' ବ୍ୟବସ୍ଥାକୁ ପ୍ରଶଂସା



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର। ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଟୋନି ବ୍ଲେୟାର। ଏହି ଅବସରରେ ରାଜ୍ୟର ପ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଅଫ୍ ଗ୍ଲୋବାଲ ଚେଞ୍ଜ ସହ ପୂର୍ବରୁ ଏମଓୟୁ ସ୍ୱାକ୍ଷର କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ଅର୍ଥନୈତିକ ସାମର୍ଥ୍ୟ ବୃଦ୍ଧି ପାଇଁ ଓଡ଼ିଶା ସରକାର ଏବଂ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଅଫ୍ ଗ୍ଲୋବାଲ ଚେଞ୍ଜ ମଧ୍ୟରେ ବୁଝାବଣା ପତ୍ର ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ସହିତ ଅର୍ଥନୈତିକ ସାମର୍ଥ୍ୟ ବୃଦ୍ଧିରେ ଲାଭଦାୟକ ହେବ। ଓଡ଼ିଶା ସରକାରଙ୍କ ସହିତ ଟି.ବି.ଆଇର ଏହି ଅଣ-ବ୍ୟବସାୟିକ ଅନୁବନ୍ଧନ ସରକାରଙ୍କ ଅନେକ ପ୍ରକଳ୍ପର ସଫଳ ରୂପାୟନ କରିବା ସହିତ, ଅର୍ଥନୈତିକ ନୀତି ସମୀକ୍ଷା ଏବଂ ନୀତି ପ୍ରସ୍ତୁତି କ୍ଷେତ୍ରରେ କାର୍ଯ୍ୟକ୍ଷମ ହେବ। ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନରେ ଅବସ୍ଥିତ। ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କ ଦ୍ୱାରା ସ୍ଥାପିତ ଏହି ଅନୁଷ୍ଠାନ ୪୫ରୁ ଅଧିକ ଦେଶରେ ସଫଳତାର ସହିତ କାର୍ଯ୍ୟ କରୁଛି। ଏହି ପ୍ରତିଷ୍ଠାନ ସଂପୃକ୍ତ ଦେଶଗୁଡ଼ିକର ନୀତି ତର୍ଜମା, ନୀତି ପ୍ରସ୍ତୁତି, ନୀତି ପରିଚାଳନା ଓ ଚୂଡ଼ାନ୍ତ ରୂପାୟନ କ୍ଷେତ୍ରରେ କାର୍ଯ୍ୟ କରିବା ସହିତ ବ୍ୟବସ୍ଥାର ଯଥାସମ୍ଭବ ଉନ୍ନତିକରଣରେ ସହାୟକ ହୋଇପାରିଛି। ଆଇଟି ଜ୍ଞାନକୌଶଳର ସଫଳ ରୂପାୟନ କ୍ଷେତ୍ରରେ ମଧ୍ୟ ଏହି ଅନୁବନ୍ଧନ ସହାୟକ ହେବ। ଓଡ଼ିଶାର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ସହିତ ରାଜ୍ୟର ନିର୍ଦ୍ଧାରିତ ଲକ୍ଷକୁ ସର୍ବୋତ୍ତମ ସ୍ତରରେ ପହଞ୍ଚାଇବା ପାଇଁ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ତା'ର ଅଭିଜ୍ଞତା, ଉପଲବ୍ଧି, ଜ୍ଞାନ-କୌଶଳକୁ ଆଧାର କରି ରାଜ୍ୟ ସରକାରଙ୍କୁ ସହାୟତା ପ୍ରଦାନ କରିବ। ରାଜ୍ୟ ସରକାରଙ୍କ ୫ଟି ବ୍ୟବସ୍ଥାକୁ ଟୋନି ବ୍ଲେୟାର ପ୍ରଶଂସା କରିଛନ୍ତି।

## ଇନ୍‌ଡୋର ଷ୍ଟାଡିୟମ୍ ପାଲ ଘୋଡା ପ୍ରସଙ୍ଗ

# ଉତ୍ତର ରଖିଲେ ମୁଖ୍ୟଶାସନ ସଚିବ



**ଭୁବନେଶ୍ୱର :** ପାଲଘୋଡା ଇନ୍‌ଡୋର ଷ୍ଟାଡିଅମ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ମହାମହିମଙ୍କ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବା ପାଇଁ ପାଲ ଘୋଡ଼ାଯାଇଥିଲା ବୋଲି ଶ୍ରୀ ଜେନା କହିଛନ୍ତି। ମୁଖ୍ୟଶାସନ ସଚିବ ଶ୍ରୀ ଜେନା କହିଛନ୍ତି, ଇନଡୋର ଷ୍ଟାଡିୟମରେ କୌଣସି ଢ଼ାଞ୍ଚାଗତ ତ୍ରୁଟି ହୋଇନାହିଁ। ତେବେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ଆକଳନ କରିଥିବାରୁ ମହାମହିମଙ୍କ କାର୍ଯ୍ୟକ୍ରମ ପାଇଁ କୌଣସି ଚାନ୍ସ ନେବାକୁ ଚାହିଁନଥିଲୁ। ସେଥିପାଇଁ ଅତିରିକ୍ତ ଲେୟାର ଭାବେ ପାଲ ପକା ଯାଇଥିଲା। ବୋଧହୁଏ ପାଲ ଘୋଡା ଯାଇନଥିଲେ କିଛି ଅସୁବିଧା ହୋଇନଥାନ୍ତା। ୧୯୯୯ ମସିହାରେ ତିଆରି ହୋଇଥିବା ଏହି ଷ୍ଟାଡିୟମରେ କୌଣସି ତ୍ରୁଟି ନାହିଁ। ତଥାପି କ୍ରୀଡା ଓ ୱାର୍କ ବିଭାଗ ଏହାକୁ ଅନୁଧ୍ୟାନ କରିବ ବୋଲି ଶ୍ରୀ ଜେନା କହିଛନ୍ତି। ସୂଚନାରୁ ପ୍ରକାଶ, ଗୁରୁବାର ଇଣ୍ଡୋର ଷ୍ଟାଡିଅମ୍‌ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ହୋଇଥିଲା। ଇନଡୋର ଷ୍ଟାଡିୟମର ଛାତ ଉପରେ ଜରିପାଲ ଘୋଡା ଯାଇଥିବା ନେଇ ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

# 'ଓଡିଶା ଷ୍ଟାଫ୍ ସିଲେକ୍ସନ ଏବେ ଓଡିଶା ସ୍କାମ୍ ସିଲେକ୍ସନ'



**ଭୁବନେଶ୍ୱର :** ଶିକ୍ଷିତ ବେକାର ଯୁବକ ଯୁବତୀ ଯେଉଁମାନେ ସରକାରୀ ଚାକିରୀ ଆଶାରେ ଅଛନ୍ତି ଓଡିଶା ସରକାର ସେମାନଙ୍କ ସହିତ ପ୍ରତାରଣା କରିଛନ୍ତି। ରାଜ୍ୟରେ ସରକାରୀ ଚାକିରୀ ବିକ୍ରି ହେଉଛି। ଓଡିଶାରେ ସରକାରୀ ପ୍ରୋତ୍ସାହନରେ ଚାଲିଥିବା "ମନି ଫର୍ ଜବ୍" ର୍‍ୟାକେଟ୍‌ରେ ଗରିବ ମେଧାବୀ ପିଲାମାନେ ବଳି ପଡୁଛନ୍ତି ଓ ସରକାରୀ ଅଧିକାରୀ, ମନ୍ତ୍ରୀ, ଦଲାଲ ମାଲେମାଲ ହେଉଛନ୍ତି। ଜେଇ ସିଭିଲ ମେନ୍ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ଘଟଣାର ତଦନ୍ତ କରୁଥିବା ବାଲେଶ୍ୱର ଏସ୍‌ପିଙ୍କ ବୟାନ ପ୍ରମାଣିତ କରୁଛି ଯେ, ସରକାର ଚାହୁଁ ନାହାନ୍ତି ଅସଲ ଖଳନାୟକ ଧରାପଡନ୍ତୁ। ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ହୋଇଥିବା ପ୍ରିଂଟିଙ୍ଗ ପ୍ରେସ୍ ବିରୋଧରେ କାହିଁକି ଏଫ୍‌ଆଇଆର କରାଯାଇନାହିଁ? ସେହି ପ୍ରିଂଟିଙ୍ଗ ପ୍ରେସ୍‌ରୁ ପ୍ରଶ୍ନପତ୍ର ଲିକ୍ କରାଇବା ପଛରେ ହୋଇଥିବା ଷଡଯନ୍ତ୍ରର ତଦନ୍ତ କାହିଁକି ହେଲା ନାହିଁ ? ଓଏସ୍‌ଏସ୍‌ସିରେ ଅନଲାଇନ ଆବେଦନ ବେଳେ ଦିଆଯାଇଥିବା ମୋବାଇଲ ନମ୍ବର ଦଲାଲମାନଙ୍କ ହାତକୁ ଗଲା କେମିତି ? ଏହି ବଡ କେଲେଙ୍କାରୀର ତଦନ୍ତ ଓଡିଶା ପୋଲିସ କରିଲେ ସତ ସାମ୍ନାକୁ ଆସିପାରିବ ନାହିଁ। ଓଡିଆ ପିଲାଙ୍କ ଭାଗ୍ୟ ଭବିଷ୍ୟତ ସହିତ ଆଉ ଖେଳ ନଖେଳି ସରକାର ଏହି ଘଟଣାରେ ସିବିଆଇ ତଦନ୍ତ କରାନ୍ତୁ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ପରୀ ହତ୍ୟାକାଣ୍ଡର ଜାମୁକୋଳି ଗପ, ମମିତା ମେହେର ହତ୍ୟାକାଣ୍ଡର ଆଖୁବାଡି ଗପ, ନବ ଦାସଙ୍କ ହତ୍ୟାକାଣ୍ଡର ଗୋପାଳ ଗପଠାରୁ ଆହୁରି ରହସ୍ୟମୟ ଗପ କହୁଛନ୍ତି ବାଲେଶ୍ୱର ଜିଲ୍ଲା ଏସ୍‌ପି। ଯାହାକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି ତାକୁ ଧରିବାର ମାତ୍ର ୨୪ ଘଣ୍ଟା ଭିତରେ ଓଡିଶା ଷ୍ଟାଫ୍ ସିଲେକ୍ସନକୁ କ୍ଲିନ ଚିଟ ଦେବା ପଛରେ ଉଦ୍ଦେଶ୍ୟ କ'ଣ ? କେବଳ ଜଣେ ପିଅନ ଦ୍ୱାରା ଏଭଳି କୋଟି କୋଟି ଟଙ୍କାର ଦୁର୍ନୀତି ସମ୍ଭବ କି ? ଓଡିଶାରେ ହେଉଥିବା ସମସ୍ତ ଚାକିରୀ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ୍ ହେଉଛି କେମିତି ? ଓଟିଇଟି, ପୋଲିସ କନେଷ୍ଟବଳ, ଏଏସ୍‌ଓ, ଆର୍‌ଆଇ, ଅମିନ, ପିଇଓ ଭଳି ପରୀକ୍ଷାରେ ହୋଇଥିବା ପ୍ରଶ୍ନ ପତ୍ର ଲିକ୍‌ର ତଦନ୍ତ ହୋଇଛି କି ? ପ୍ରଶ୍ନ ପତ୍ର ଲିକ୍‌ରେ ଓଡିଶା ବୋଧହୁଏ ଦେଶରେ ଏକ ନମ୍ବର ହେବ। ପିଅନ, ଦଲାଲଙ୍କୁ ଦୋଷ ଦେଇ ଅସଲ ଦୁର୍ନୀତି ଗ୍ରସ୍ତମାନଙ୍କୁ ଖସାଇ ଦେବା ୫ଟି କି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି।

# ଆମେରିକାରୁ ଆସିବ ବଡ ନିବେଶ

## ବିଶ୍ୱରେ ଆଇଟି ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ହଟସ୍ପଟ୍ ହେବାକୁ ଯାଉଛି ଓଡ଼ିଶା



**ଭୁବନେଶ୍ୱର:** ଓଡ଼ିଶାକୁ ଛୁଟୁଛି ବଡ଼ ନିବେଶ। ଓଡିଶା, ବିଶ୍ୱରେ ଆଇଟି ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ହଟସ୍ପଟ୍ ହେବାକୁ ଯାଉଛି। ଆମେରିକାର ସିଲିକନ ଭ୍ୟାଲିରେ ଏକାଧିକ ଏମଏନସିର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ରାଜ୍ୟ ସରକାରଙ୍କ ଟିମ୍। ୭ ବର୍ଷରେ ୪ ହଜାର ୩୬୦ କୋଟି ଟଙ୍କା ନିବେଶ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ଏଚଡିଆଇ-ପିସିବିର ପ୍ରମୋଟର ପି.ଆର ପଟେଲ। ଏହା ଦ୍ୱାରା ୩ ହଜାର ୫୦୦ ଜଣଙ୍କୁ ନିଯୁକ୍ତି ମିଳିବ। ଏଥିସହ ଓଡ଼ିଶାରେ ନିବେଶ ପାଇଁ ବହୁ ଆନ୍ତର୍ଜାତୀୟ କମ୍ପାନୀମାନେ ଆଗ୍ରହ ପ୍ରକାଶ କରିଛନ୍ତି। ରାଜ୍ୟରେ ଏଚଡିଆଇ-ପିସିବି ତଥା ହାଇ-ଡେନସିଟି ଇଣ୍ଟରକନେକ୍ଟ ପ୍ରିଣ୍ଟେଡ ସରକିଟ ବୋର୍ଡର ପ୍ରମୋଟର ପିଆର ପଟେଲଙ୍କୁ ଭେଟି ରାଜ୍ୟରେ ନିବେଶ ନେଇ ଆଲୋଚନା କରିଥିଲେ ଫାଇଭ ଟି ସଚିବ ଭିକେ ପାଣ୍ଡିଆନଙ୍କ ସହ ଯାଇଥିବା ଟିମ୍। ରାଜ୍ୟ ସରକାର ନିବେଶ ପାଇଁ ଦେଉଥିବା ପ୍ରୋତ୍ସାହନ ସହ ଅନ୍ୟାନ୍ୟ ସୁବିଧା ବିଷୟରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ରାଜ୍ୟ ସରକାରଙ୍କ ଏହି ଟିମ୍। ଏହି ଆଲୋଚନା ପରେ ଏଚଡିଆଇ-ପିସିବି ନିବେଶ ପାଇଁ ପ୍ରସ୍ତୁତ ହେଉଛି। ଏଚଡିଆଇ-ପିସିବି ହେଉଛି ଏକ ପ୍ରକାର ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଯାହା ପାରମ୍ପରିକ ସର୍କିଟ୍ ବୋର୍ଡ ଠାରୁ ତୁଳନାତ୍ମକ ଭାବେ ଅଧିକ ଉପଯୋଗୀ। ନିବେଶ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ କମ୍ପାନୀର ପ୍ରମୋଟର ପି.ଆର ପଟେଲ ଖୁବଶୀଘ୍ର ଓଡିଶା ଗସ୍ତରେ ଆସିବେ। ରାଜ୍ୟରେ ଆଇଟି, ସେମିକଣ୍ଡକ୍ଟର, ଡିଜାଇନ୍, ଅଟୋମେସନ, ଭିସି, ବୃତ୍ତିଗତ ସେବା ଏବଂ ୫ଏ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ହେବ। ନିବେଶ ପାଇଁ ହୋଇଥିବା ଆଲୋଚନାରେ ଲିଡର୍ସ କ୍ୟାଡେନ୍ସ ଡିଜାଇନ୍ ସିଷ୍ଟମ୍, ଇଣ୍ଟିଗ୍ରେଓନ୍, ସେଲାନୋ, ଇଫାବଲେସ୍ କର୍ପୋରେସନ୍ ଏବଂ ଅନ୍ୟାନ୍ୟ ଏମ୍‌ଏନ୍‌ସି ଅଂଶଗ୍ରହଣ କରିଥିଲେ। ଏଥିସହ କଗ୍ନିଜାଣ୍ଟର ସିଇଓ ରବି କୁମାରଙ୍କ ସହ ଯୋଗାଯୋଗ କରି ରାଜ୍ୟରେ ନିବେଶ ପାଇଁ ଥିବା ବ୍ୟବସ୍ଥା, ଭିତ୍ତିଭୂମି ବିଷୟରେ ଆଲୋଚନା କରିଥିଲେ ରାଜ୍ୟ ସରକାରଙ୍କ ଟିମ୍। ଫାଇଭ-ଜି ଲାନ୍ ବ୍ୟବସ୍ଥା ପାଇଁ ସେଲୋନା କମ୍ପାନୀ ସହ ଆଲୋଚନା କରିଥିଲେ। ଉଚ୍ଚକୋଟିର ନେଟୱାର୍କ କନେକ୍ଟିଭିଟି ପାଇଁ ମଧ୍ୟ ତାଙ୍କ ସହ ଆଲୋଚନା ହୋଇଛି।

## ଓଏସ୍‌ଏସ୍‌ସି ପ୍ରଶ୍ନ ପତ୍ର ଲିକ୍ ଘଟଣା

# ସମ୍ପୃକ୍ତ ୮୮ ପରୀକ୍ଷାର୍ଥୀଙ୍କୁ ଆଜୀବନ ବ୍ୟାନ୍ ଲାଗି ସୁପାରିଶ

**ଭୁବନେଶ୍ୱର :** ବାଲେଶ୍ୱର ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆକ୍ସନ ମୋଡରେ ପୁଲିସ୍। ଲିକ୍ ପ୍ରଶ୍ନ ପତ୍ରରେ ସମ୍ପୃକ୍ତ ୮୮ ପରୀକ୍ଷାର୍ଥୀଙ୍କୁ ଆଜୀବନ ବ୍ୟାନ୍ ଲାଗି ଓଏସ୍‌ଏସ୍‌ସିକୁ ସୁପାରିଶ କରିଛନ୍ତି ବାଲେଶ୍ୱର ଏସପି। ସେପଟେ ଓଏସ୍‌ଏସ୍‌ସିକୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯିବନି ବୋଲି ପ୍ରଶ୍ନ ଉଠାଇଛନ୍ତି ପରୀକ୍ଷାର୍ଥୀ ଓ ପୂର୍ବତନ ପୁଲିସ୍ ଅଧିକାରୀ। ଆଉ ବିରୋଧୀ ଘଟଣାରେ ସରକାରଙ୍କ ତଦନ୍ତକୁ କଡା ସମାଲୋଚନା କରି ସତସାହସ ଥିଲେ ସିବିଆଇ କିମ୍ବା ଏସଆଇଟି ସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି। ଖାଲି ସେତିକି ନୁହେଁ ମୁଖ୍ୟ ଅଭିଯୁକ୍ତ ବୀରେନ୍ଦ୍ର ସିଂ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଲାଗି ସେ ଚାକିରୀ କରୁଥିବା ପାଟନା ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ବି ଚିଠି ଲେଖିଛନ୍ତି ବାଲେଶ୍ୱର ଏସପି। ଗିରଫ ହୋଇଥିବା କନ୍ଧମାଳର ଶିକ୍ଷକ ଗୋବିନ୍ଦ ତ୍ରିପାଠୀ ଓ ଯାଜପୁରର ଶିକ୍ଷକ ସୁଶାନ୍ତ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବି ଦୁଇ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏସପି ଚିଠି ଲେଖିଛନ୍ତି। ଆବଶ୍ୟକ ହେଲେ ରାଜ୍ୟ ବାହାରର ଯେଉଁ ପ୍ରିଣ୍ଟିଂ ପ୍ରେସରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ,ସେଠାକାର ସିସିଟିଭି ଫୁଟେଜ୍ ଚେକ୍ କରାଯିବା ସହ ପ୍ରେସ୍ ମାଲିକଙ୍କୁ ବି ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି ଏସପି ସାଗରିକା ନାଥ। ତେବେ ଏଠି ପ୍ରଶ୍ନ ଉଠୁଛି ଏତେ ବଡ ସ୍କାମ୍‌ରେ ଓଏସ୍‌ଏସ୍‌ସି କାହିଁକି ତଦନ୍ତ ପରିସରଭୁକ୍ତ ନହେବ ? ଓଏସ୍‌ଏସ୍‌ସି କର୍ମଚାରୀଙ୍କ ବିନା ସମ୍ପୃକ୍ତିରେ ପ୍ରଶ୍ନ ପତ୍ର ଲିକ୍ ହେବା କଣ ସମ୍ଭବ ? ସୂଚନା ଥାଉକି, ଏହି ମାମଲାରେ ଏଯାଏଁ ୧୭ ଜଣଙ୍କୁ ଗିରଫ କରାଯାଇଛି। ତେବେ ଦେଖିବାର କଥା ବାଲେଶ୍ୱର ଏସପିଙ୍କ ସୁପାରିସ୍ ପରେ ଓଏସ୍‌ଏସ୍‌ସି ସମ୍ପୃକ୍ତ ୮୮ ପରୀକ୍ଷାର୍ଥୀଙ୍କ ଉପରେ କେବେ ବ୍ୟାନ୍ ଲଗାଉଛି। ଆଉ ଓଏସ୍‌ଏସ୍‌ସିକୁ ତଦନ୍ତ ପରିସରଭୁକ୍ତ କରାଯାଉଚି ନା ନାହିଁ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

# ସବୁ କଲେଜ କ୍ୟାମ୍ପସ୍‌ରେ ହେବ ପାଚେରି



**ଭୁବନେଶ୍ୱର :** ରାଜ୍ୟର ସମସ୍ତ କଲେଜ କ୍ୟାମ୍ପସରେ ପାଚେରି ବାଧ୍ୟତାମୂଳକ। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏଦିଗରେ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଗତ ୮ ତାରିଖରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ସମୟରେ ଯେଉଁ ଅଞ୍ଚଳରେ ସରକାରୀ, ବେସରକାରୀ ଓ ଘରୋଇ କଲେଜ ନାହିଁ ସେଠାରେ କିଭଳି ଘରୋଇ କିମ୍ବା ସରକାରୀ ଡିଗ୍ରି କଲେଜ ଖୋଲିପାରିବ ସେଦିଗରେ ପଦକ୍ଷେପ ନିଆଯିବ। ରାଜ୍ୟରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନର ବିକାଶ ସହ ନାକ୍ ଓ ଏନ୍‌ଆଇଆରଏଫ୍ ରାଙ୍କିଙ୍ଗ୍‌ରେ ଶିକ୍ଷାନୁଷ୍ଠାନଗୁଡ଼ିକ କିଭଳି ଭଲ ପ୍ରଦର୍ଶନ କରିବେ ସେ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି। ଏକ ୫ ଜଣିଆ ଟିମ୍ ଗଠନ କରାଯାଇ ସରକାରୀ କଲେଜଗୁଡ଼ିକ କିଭଳି ନାକ୍ ମାନ୍ୟତା ପାଇବେ ସେନେଇ ଆସେସ୍‌ମେଣ୍ଟ ରିପୋର୍ଟ ପ୍ରସ୍ତୁତ କରାଯିବ। ଯଦି ଆବଶ୍ୟକ ହୁଏ ଆଉଟସୋସିଂ ସଂସ୍ଥାକୁ ନିଯୁକ୍ତ କରାଯାଇପାରେ। ଗ୍ରାଣ୍ଟ-ଇନ୍-ଏଡ୍ କଲେଜଗୁଡ଼ିକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶାବଳୀ ଅନୁଯାୟୀ ରୁରାଲ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଉଚ୍ଚଶିକ୍ଷା ବିଭାଗ ବିରୋଧରେ କୋର୍ଟରେ ଥିବା ମାମଲାଗୁଡ଼ିକର ଫଇସଲା ପାଇଁ ୪ଜଣ ଅତିରିକ୍ତ ଆଡଭୋକେଟ୍‌ଙ୍କୁ ନିଯୁକ୍ତ କରିବା, କଲେଜଗୁଡ଼ିକୁ ଦିଆଯାଇଥିବା ଅନୁଦାନ ଯେପରି ଧାର୍ଯ୍ୟ ସମୟରେ ବିନିଯୋଗ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

## ଉଗ୍ର ରୂପ ନେଉଛି କଂଗ୍ରେସ କନ୍ଦଳ

# ଅସନ୍ତୋଷ ଝାଡୁଛନ୍ତି ପୁରୁଖା ନେତା



**ଭୁବନେଶ୍ୱର:** ଉଗ୍ର ରୂପ ନେଉଛି କଂଗ୍ରେସ କନ୍ଦଳ। ଜୋର ଧରିଲା ସଭାପତି ହଟାଇବା ଦାବି। ଅସନ୍ତୋଷ ଝାଡୁଛନ୍ତି ପୁରୁଖା ନେତା। ମୋକିମ କହିଲେ, ପଦ ଛାଡ଼ନ୍ତୁ ଫେଲ୍ ନେତା। ନେତାଙ୍କ ଅସନ୍ତୋଷକୁ ହାଲକା ଭାବେ ନେଲେ ଶରତ। କଂଗ୍ରେସ ନିଶାଣରେ କଂଗ୍ରେସ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ କାର୍ଯ୍ୟକଳାପ ବିରୋଧରେ ଉଗ୍ର ହେଲାଣି ଦଳର ଗୋଷ୍ଠୀ କନ୍ଦଳ। ପିସିସି ସଭାପତିଙ୍କ କାର୍ଯ୍ୟରେ ଅସନ୍ତୋଷ ଝାଡୁଛନ୍ତି ନିଲମ୍ବିତ ଓ ପୁରୁଖା ନେତା। ଏପରିକି ପିସିସି ସଭାପତି ଦଳକୁ ସଠିକ ଦିଗରେ ନେଉନଥିବା ନେତା ଖୋଲାଖୋଲି କହିଛନ୍ତି। ନିଲମ୍ବିତ ବିଧାୟକ ମହମ୍ମଦ ମୋକିମ ସିଧାସଳଖ ପିସିସି ସଭାପତି ପଦ ଛାଡ଼ିବାକୁ ଆହ୍ୱାନ କରିଛନ୍ତି। କଂଗ୍ରେସ ଭୋଟ କଂଗ୍ରେସ ନରଖି ପାରିବା ଓ ନିର୍ବାଚନରେ ବାରମ୍ବାର ଦଳ ଫେଲ ମାରିବା ନେଇ ପିସିସି ସଭାପତିଙ୍କ ନେତୃତ୍ୱକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ମୋକିମଙ୍କ ଯୁକ୍ତି ହେଉଛି ଫେଲ ମାରିଥିବା ନେତା ପଦ ଛାଡ଼ିବା ଦରକାର। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯେପରି ପରାଜୟ ପାଇଁ ନିଜକୁ ଦାୟୀ କରି ଇସ୍ତଫା ଦେଲେ ଠିକ ସେହିପରି ବର୍ତ୍ତମାନର ସଭାପତି ଇସ୍ତଫା ଦେବା ଦରକାର ବୋଲି ମୋକିମ ଯୁକ୍ତି ବାଢ଼ିଛନ୍ତି। ଅନ୍ୟପଟେ କଂଗ୍ରେସ ସହ ବିଜେପିର ଡିଲ ହୋଇଥିବା ଅଭିଯୋଗ କରି ଟେରଛା ବାଣ ମାରିଛନ୍ତି ମୋକିମ। ପିସିସିର ଅସନ୍ତୁଷ୍ଟ ନେତାମାନେ ସଭାପତିଙ୍କ ବିରୋଧରେ ବିଜେପି ସହ ଡିଲ ନେଇ ବର୍ଷିଛନ୍ତି। ଖୁବଶୀଘ୍ର ଏନେଇ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**